
'ମନ୍ଦୋଦରୀ' କାଜଲ
▸ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-322 ◆BHUBANESWAR ◆WEDNESDAY ◆21 MAY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୨୨ ◆ଭୁବନେଶ୍ୱର ◆ବୁଧବାର ◆୨୧ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



GROWTH DEEPLY ROOTED | FALCON AGRIFRIZ FOODS

## A New Chapter in India's Frozen Food Future Begins!

**Falcon Agrifriz** proudly launches the nation's largest frozen potato processing facility in Mehsana, Gujarat. The facility was inaugurated by the Hon'ble Home Minister and Minister of Cooperation, Government of India, **Shri Amit Shah,** alongside **Shri Balvantsinh Rajput,** Hon'ble Cabinet Minister of Industries, Government of Gujarat, **Shri Haribhai Patel,** Hon'ble Member of Parliament, Mehsana Constituency; Shri Tara Patnaik, Chairman of Falcon Group, along with Shri J. N. Patnaik, Shri Prava Patnaik, and Shri Parthajeet Patnaik, Directors of the Falcon Agrifriz.

**Rooted in Gujarat, Ready for the World.**















FALCON AGRIFRIZ FOODS (A PART OF FALCON GROUP)

**FALCON AGRIFRIZ FOODS PVT. LTD.**
Registered Office: A/22, Falcon House, 1st Floor, Cuttack Road, Bhubaneswar-751006, Odisha, India
Corporate Office: 6th Floor, Shivarth The ACE, Sindhu Bhavan Road, Bodakdev, Ahmedabad-380054, Gujarat, India
Production Unit: Survey No. 740, Village-Sadra, Taluka-Kadi, District: Mehsana-382716, Gujarat, India
E-mail: info@falconagrifriz.com | Website: www.just-crave.com

# ସ୍ୱର୍ଣ୍ଣ ମନ୍ଦିରରେ ଅସ୍ତ୍ର ମୁତୟନ ପାଇଁ ଅନୁମତି ଦିଆଯାଇନି



ଅମୃତସର,୨୦।୫(ଏଜେନ୍ସି): ଅପରେସନ ସିନ୍ଦୂର ବେଳେ ପାକ୍ ସେନା ଅମୃତସର ସ୍ୱର୍ଣ୍ଣ ମନ୍ଦିର ଉପରେ ଜୋରଦାର ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ସ୍ୱର୍ଣ୍ଣମନ୍ଦିରକୁ ଟାର୍ଗେଟ କରି ପାକିସ୍ତାନ ସେନା ବହୁ ଡ୍ରୋନ୍ ଛାଡିଥିଲେହେଁ ଏହାକୁ ଭାରତୀୟ ସେନାର ଏୟାର ଡିଫେନ୍ସ ସିଷ୍ଟମ ନଷ୍ଟ କରିଦେଇଥିଲା। ସ୍ୱର୍ଣ୍ଣ ମନ୍ଦିରକୁ ସୁରକ୍ଷିତ ରଖିବାକୁ ଏହା ପରିସରରେ ଏୟାର ଡିଫେନ୍ସ ଗନ୍ ମୁତୟନ କରାଯାଇଥିଲା ବୋଲି ଭାରତୀୟ ସେନାର ଏୟାର ଡିଫେନ୍ସ ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ସୁମେର ଇଭାନ କହିଥିଲେ। କିନ୍ତୁ ମନ୍ଦିର ପରିସରରେ କୌଣସି ଅସ୍ତ୍ରଶସ୍ତ୍ର ମୁତୟନ କରିବାକୁ ଅନୁମତି ଦିଆଯାଇ ନାହିଁ ବୋଲି ସ୍ୱର୍ଣ୍ଣମନ୍ଦିର ମୁଖ୍ୟ ଗ୍ରନ୍ଥୀ ବା ପୂଜକ କହିଛନ୍ତି। ଅପରେସନ ସିନ୍ଦୂର ବେଳେ ସ୍ୱର୍ଣ୍ଣମନ୍ଦିର ପରିସରକୁ ସୁରକ୍ଷା ଦେବା ଲାଗି ଏୟାର ଡିଫେନ୍ସ ଗନ୍ ମୁତୟନ କରାଯିବା ସହିତ ଏଠାରେ ସମସ୍ତ ଆଲୁଅ ବନ୍ଦ କରିଦିଆଯାଇଥିଲା। ସ୍ୱର୍ଣ୍ଣମନ୍ଦିର ଭିତରେ ଅସ୍ତ୍ର ମୁତୟନ କରିବାକୁ ମନ୍ଦିର କର୍ତ୍ତୃପକ୍ଷ ଅନୁମତି ଦେଇଥିଲେ ଯାହାକି ବିରଳ ଘଟଣା ଥିଲା ବୋଲି ନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ସୁମେର ଇଭାନ କହିଥିଲେ। କିନ୍ତୁ ତାଙ୍କର ଏହି ଟିପ୍ପଣୀ ପରେ ମନ୍ଦିର ମୁଖ୍ୟ ଗ୍ରନ୍ଥୀ ଅସ୍ୱୀକାର କରିଛନ୍ତି। ମନ୍ଦିର କମିଟି ପକ୍ଷରୁସ୍ପୋକୁ ଏଭଳି କୌଣସି ଅନୁମତି ଦିଆଯାଇ ନାହିଁ ବୋଲି ସେ କହିଛନ୍ତି।

■ ସର୍ବଦଳୀୟ ସଂସଦୀୟ କମିଟି

## ୟୁସୁଫଙ୍କ ସ୍ଥାନରେ ଅଭିଷେକ ବାନାର୍ଜୀ ସାମିଲ

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ସୀମାପାର ଆତଙ୍କବାଦକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନର ମୁଖା ଖୋଲିବା ପାଇଁ ଭାରତ ସର୍ବଦଳୀୟ ସଂସଦୀୟ କମିଟି ଗଠନ କରିଛି। ତେବେ ୭ଟି ପ୍ରତିନିଧିମଣ୍ଡଳରେ ଥିବା ସଦସ୍ୟଙ୍କୁ ନେଇ ବିବାଦ ସୃଷ୍ଟି ହୋଇଛି। କଂଗ୍ରେସ ପରେ ଟିଏମସି ଏହା ଉପରେ ପ୍ରଶ୍ନ ଉଠାଇଛି। ଟିଏମସି ସାଂସଦ ୟୁସୁଫ ପଠାନ ଏହି ଦଳରୁ ଓହରିଯିବା ପରେ ରାଜନୀତି ତେଜିଛି। ଦଳର ବିନା ଅନୁମତିରେ କେନ୍ଦ୍ର ସାଂସଦଙ୍କୁ ଟିମ୍‌ରେ ସାମିଲ କରିଥିଲା ବୋଲି ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ କହିଥିଲେ। କେନ୍ଦ୍ର ଯୋଗାଯୋଗ କଲେ ସେ ଜବାବ ଦେବେ ବୋଲି ଉଲ୍ଲେଖ କରିଥିଲେ। ଏହା ପରେ କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ମଙ୍ଗଳବାର ମମତାଙ୍କ ସହ କଥା ହୋଇଥିଲେ। ଏବେ ଟିଏମ୍‌ସି ୟୁସୁଫଙ୍କ ସ୍ଥାନରେ ଅଭିଷେକଙ୍କୁ ଏହି ଟିମ୍‌ରେ ସାମିଲ କରିଛି। ରିଜିଜୁ ନିଜେ ଏହି ସୂଚନା ଦେଇଛନ୍ତି। ତେବେ ଏହି ପ୍ରତିନିଧିମଣ୍ଡଳ କେବେ ବିଦେଶ ଗସ୍ତ କରିବ ତାହାର ସୂଚନା ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ।

## ଗୁଇନ୍ଦା ବିଭାଗ ମୁଖ୍ୟ ତପନ ଡେକାଙ୍କ କାର୍ଯ୍ୟକାଳ ବୃଦ୍ଧି

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ପାକିସ୍ତାନ ସହ ଉତ୍ତେଜନା ମଧ୍ୟରେ ଭାରତ ସରକାର ଗୁଇନ୍ଦା ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ତପନ କୁମାର ଡେକାଙ୍କ କାର୍ଯ୍ୟକାଳକୁ ବର୍ଷେ ପାଇଁ ବଢ଼ାଇ ଦେଇଛନ୍ତି। କ୍ୟାବିନେଟ ନିଯୁକ୍ତି କମିଟି ଏହାକୁ ମଞ୍ଜୁରୀ ଦେଇଛି। ଜୁନ୍ ୩୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିଲା। ୧୯୮୮ ବ୍ୟାଚ୍‌ର ଆଇପିଏସ ଅଧିକାରୀ ଶ୍ରୀ ଡେକା ଏବେ ୨୦୨୬ ଜୁନ୍ ୩୦ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ଏବେ ଆତଙ୍କବାଦ, ସାଇବର-ୱାରଫେୟାର, ଆର୍ଥିକ ଅପରାଧ ଆଦି ସମ୍ବନ୍ଧିତ ମାମଲାରେ ଏଜେନ୍ସି କାର୍ଯ୍ୟ ଜାରି ରହିଥିବାବେଳେ ସରକାର ପ୍ରମୁଖ ପଦରେ କୌଣସି ପରିବର୍ତ୍ତନ ଚାହୁଁନାହାନ୍ତି। ସୂଚନାଯୋଗ୍ୟ ଯେ ୨୦୨୨ରେ ଡେକାଙ୍କୁ ୨ ବର୍ଷ ପାଇଁ ଆଇବି ମୁଖ୍ୟ ନିଯୁକ୍ତ କରାଯାଇଥିଲା। ଗତ ବର୍ଷ ତାଙ୍କ କାର୍ଯ୍ୟକାଳକୁ ବର୍ଷେ ପାଇଁ ବୃଦ୍ଧି କରାଯାଇଥିଲା।

## ଇସ୍ରାଏଲ ଉପରେ ଲାଗିଲା ବ୍ରିଟେନର କଟକଣା

ତେଲ ଆଭିଭ, ୨୦।୫ (ଏଜେନ୍ସି): ପାଶ୍ଚାତ୍ୟ ଦେଶଗୁଡ଼ିକ ଖୋଲାଖୋଲି ଭାବେ ଇସ୍ରାଏଲକୁ ବିରୋଧ କରିବା ଆରମ୍ଭ କରିଦେଇଛନ୍ତି। ଗାଜାରେ ଯୁଦ୍ଧ ରୋକିବାକୁ ନେଇ ବ୍ରିଟେନ, ଫ୍ରାନ୍ସ ଏବଂ କାନାଡ଼ା ଇସ୍ରାଏଲକୁ କହିଛନ୍ତି। ଏପରି ନ କଲେ ତେଲ ଆଭିଭ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ମିଳିତ ବିବୃତ୍ତି ଜାରି କରି ତିନି ଦେଶ କହିଛନ୍ତି ଯେ ଇସ୍ରାଏଲ ରବିବାର ଗାଜାକୁ ପଠାଇଥିବା ସହାୟତା ଯଥେଷ୍ଟ ନୁହେଁ। ଏହା ସହିତ ବନ୍ଦୀ ବନାଇ ରଖିଥିବା ଇସ୍ରାଏଲ ନାଗରିକଙ୍କୁ ଶୀଘ୍ର ମୁକ୍ତି କରିବା ପାଇଁ ଆତଙ୍କବାଦୀ ସଂଗଠନ ହମାସକୁ କହିଛନ୍ତି। ତେବେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏହି ତିନି ଦେଶକୁ କଡ଼ା ଜବାବ ଦେଇଛନ୍ତି। ହମାସକୁ ଆକ୍ରମଣର ପୁରସ୍କାର ଦିଆଯାଉଛି ବୋଲି କହିଛନ୍ତି। ସେହିପରି ଗାଜାକୁ ୨୨ ଦେଶ ପଠାଇଥିବା ସହାୟତା ପ୍ରଦାନ କରାଯିବ ବୋଲି ନେତନ୍ୟାହୁ କହିଛନ୍ତି।

# ୟୁଟ୍ୟୁବରଙ୍କୁ ଅସ୍ତ୍ର କରିଥିଲା ପାକିସ୍ତାନ

■ ଭାରତୀୟ ଏଜେଣ୍ଟଙ୍କୁ ଧରାଉଥିଲେ ଜ୍ୟୋତି

■ ଆଇଏସ୍‌ଆଇ ଏଜେଣ୍ଟ ସହ ସାମ୍ନାକୁ ଆସିଲା ଚାଟ୍

■ କ୍ଲାଉଡ୍ ଷ୍ଟୋରେଜରୁ ମିଳିଲା ଭାରତୀୟ ସେନା ଠିକଣା

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ନାମ ଯେମିତି କାମ ତା'ର ବିପରୀତ। ଦେଶକୁ ଜ୍ୟୋତି ଦେଖାଇବା ପରିବର୍ତ୍ତେ ଅନ୍ଧାରରେ ରଖିଥିଲେ। ଶତ୍ରୁକୁ ଗୁପ୍ତ ସୂଚନା ଦେଇ ଦେଶ ସହ ବିଶ୍ୱାସଘାତ କରିଥିଲେ। ଭାରତର ସୁରକ୍ଷାକୁ ବିପଦରେ ପକାଇ ଟଙ୍କା ଏବଂ ବିଳାଶପୂର୍ଣ୍ଣ ଜୀବନଯାପନ ପାଇଁ ପାକିସ୍ତାନର ଗୁପ୍ତଚର ସାଜିଥିଲେ ୟୁଟ୍ୟୁବର ଜ୍ୟୋତି ମଲହୋତ୍ରା। ଆଉ ଆତଙ୍କବାଦୀଙ୍କୁ ସହାୟତା କରୁଥିବା ପାକିସ୍ତାନ ତାଙ୍କୁ ଭାରତ ବିରୋଧରେ ପ୍ରୟୋଗ କରୁଥିଲା। ଭାରତୀୟ ଅଣ୍ଡରକଭର ଏଜେଣ୍ଟଙ୍କୁ ଚିହ୍ନଟ କରିବାରେ ବ୍ୟବହାର କରୁଥିଲା। ୫ ଦିନ ପାଇଁ ପୁଲିସ ହେପାଜତରେ ଥିବା ଜ୍ୟୋତି ଜେରା ସମୟରେ ଏହା ସ୍ୱୀକାର କରିଛନ୍ତି। ଏନଆଇଏ, ଗୁଇନ୍ଦା ବିଭାଗ (ଆଇବି) ଏବଂ ହରିୟାଣା ପୁଲିସର ମିଳିତ ଟିମ୍ ତାଙ୍କୁ ଏବେ ଜେରା କରୁଛି। ଜ୍ୟୋତିଙ୍କ ଘରୁ ପୁଲିସ ଏକ ଡାଏରୀ ମଧ୍ୟ ଜବତ କରିଛି। ଏଥିରେ ସେ ନିଜ ଅନ୍ତର୍ଜାତୀୟ ଗସ୍ତ ବିଷୟରେ ଲେଖିଛନ୍ତି। ଏହି ଡାଏରୀରେ ୧୦-୧୧ ପୃଷ୍ଠା ରହିଛି। ୮ ପୃଷ୍ଠା ଇଂରାଜୀ ଏବଂ ହିନ୍ଦୀରେ ଲେଖାଥିବା ୩ ପୃଷ୍ଠାରେ ପାକିସ୍ତାନ ବିଷୟରେ ଲେଖାଯାଇଛି। ଏଥିରେ ଅନେକ ଗୁମର ଥାଇପାରେ ବୋଲି କୁହାଯାଉଛି। ଏହି ଡାଏରୀରେ ସବିତାଙ୍କ ନାମ ରହିଛି। ସେ କିଏ? ଜ୍ୟୋତିଙ୍କ ପରିବାର ସହ ତାଙ୍କର କ'ଣ ସମ୍ପର୍କ ତାହା ଜାଣିବା ପାଇଁ ଏଜେନ୍ସି ପ୍ରୟାସ କରୁଛି।

ଏହା ମଧ୍ୟରେ ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇ ପାଇଁ କାମ କରୁଥିବା ଅଲି ହାସନଙ୍କ ସହ ଜ୍ୟୋତି ହ୍ୱାଟସ୍‌ଆପ୍‌ରେ କଥା ହେଉଥିବା ସାମ୍ନାକୁ ଆସିଛି। ଏଥିରେ ସେ ଭାରତର ଅଣ୍ଡରକଭର ଅପରେସନ ବିଷୟରେ ଆଲୋଚନା କରୁଛନ୍ତି। ହାସନ ପଚାରୁଛି ଯେ ଅଟାରୀ ସୀମାକୁ ଯାତ୍ରା ସମୟରେ କୌଣସି ଅଣ୍ଡରକଭର ଏଜେଣ୍ଟଙ୍କୁ ଦେଖିଥିଲେ କି? କାହାକୁ ସ୍ୱତନ୍ତ୍ର ପ୍ରୋଟୋକଲ ମିଳିଥିଲା କି? ଏହାର ଉତ୍ତରରେ ଜ୍ୟୋତି ନା କହିଥିଲେ। ସେମାନେ ଏତେ ମୂର୍ଖ ନୁହେଁ ବୋଲି ଉଲ୍ଲେଖ କରିଥିଲେ। ଏହାକୁ ନେଇ ଭାରତୀୟ ଏଜେନ୍ସିଙ୍କ ଚିନ୍ତା ବଢିଛି। ଭାରତୀୟ ଏଜେଣ୍ଟଙ୍କୁ ଚିହ୍ନଟ କରିବା ପାଇଁ ପାକିସ୍ତାନ ଜ୍ୟୋତିଙ୍କୁ ବ୍ୟବହାର କରୁଥିଲା ବୋଲି ସେମାନେ ଆଶଙ୍କା କରୁଛନ୍ତି। ସୀମାରେ ଥିବା ଗୁପ୍ତଚର ନେଟୱର୍କର ସେ ଅଂଶ ଥିଲେ କି ନାହିଁ ତାହା ଜାଣିବାକୁ ଭାରତୀୟ ଏଜେନ୍ସି ଗୁଡିକ ପ୍ରୟାସ କରୁଛନ୍ତି। ସୋମବାର ଜେରା ସମୟରେ ଜ୍ୟୋତିଙ୍କୁ ଆତଙ୍କବାଦୀଙ୍କ ସହ ଲିଙ୍କ ନେଇ ପଚରା ଯାଇଥିଲା। ଏହି ସମୟରେ ତାଙ୍କ ସ୍ମାର୍ଟଫୋନ ଏବଂ ଲାପଟପ୍‌ର ଡିଜିଟାଲ ଫରେନସିକ ଯାଞ୍ଚ କରାଯାଇଥିଲା। ତାଙ୍କ କ୍ଲାଉଡ ଷ୍ଟୋରେଜରେ ବିଏସ୍‌ଏଫ୍ କାର୍ଯ୍ୟକଳାପ, ରାଡାର ଲୋକେସନ, ହାଇ ସିକ୍ୟୁରିଟି ଜୋନ୍ ଦେଖାଯାଉଥିବା ଅନେକ



ଭିଡିଓ ମିଳିଥିଲା। ସେହିପରି ସେ ଏକ ଅନ୍ତର୍ଜାତୀୟ ନମ୍ବର ଏବଂ ଦିଲ୍ଲୀ ସ୍ଥିତ ପାକିସ୍ତାନ ଦୂତାବାସ ସହ କ୍ରମାଗତ ଭାବେ ଯୋଗାଯୋଗରେ ଥିଲେ ବୋଲି କଲ୍ ବିବରଣୀରୁ ଜଣାପଡ଼ିଛି। ସେ ଭାରତରୁ ବହିଷ୍କୃତ ପାକିସ୍ତାନ ଉଚ୍ଚାୟୁକ୍ତ ଦାନିଶଙ୍କ ସମ୍ବନ୍ଧିତ ଜାଲ୍ ପ୍ରୋଫାଇଲ ସହ ଚାଟ୍ ଏବଂ ଗ୍ରୁପରେ ସାମିଲ ଥିଲେ ବୋଲି ଜଣାପଡ଼ିଛି। ପୋଷ୍ଟ କରିଥିବା ଭିଡିଓର ମେଟା ଡାଟା ଅନୁଯାୟୀ ସାଧାରଣ ନାଗରିକଙ୍କ ପାଇଁ ନିଷିଦ୍ଧ ଥିବା ପାକିସ୍ତାନୀ ଅଞ୍ଚଳକୁ ଯାଇଥିଲେ। ପାକିସ୍ତାନୀ ଆଇପିରୁ ଜ୍ୟୋତିଙ୍କ ଜିମେଲ ଖୋଲା ଯାଇଥିଲା ବୋଲି ମଧ୍ୟ ଜଣାପଡ଼ିଛି। ଅନ୍ୟପକ୍ଷରେ ପାକିସ୍ତାନ ସୀମାକୁ ଲାଗି ରହିଥିବା ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବାଡମେରର ମୁନାବାଓ ରେଳ ଷ୍ଟେସନର ଭିଡିଓ ସେ ବନାଇ ଥିଲେ ବୋଲି ଜଣା ପଡିଛି। ଏଥିରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ସାମରିକ ସୂଚନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ବାହାର ବ୍ୟକ୍ତିଙ୍କ ମୁନାବାଓ ଗସ୍ତ ଏବଂ ଭିଡିଓ ସୁଟିଂ ଉପରେ କଟକଣା ରହିଛି। ଏବେ ପ୍ରଶାସନ ମାମଲାର ଯାଞ୍ଚ କରୁଛି।

ସୁପ୍ରିମ କୋର୍ଟରେ ୱାକଫ୍ ଶୁଣାଣି

# କୋର୍ଟ ହସ୍ତକ୍ଷେପ ପାଇଁ ଠୋସ୍ କାରଣ ଦରକାର: ପ୍ରଧାନ ବିଚାରପତି



■ ଶୁଣାଣି ତିନିଟି ପ୍ରସଙ୍ଗରେ ହିଁ ସୀମିତ ରହୁ: ସରକାର

■ ବିରୋଧ କଲେ ଆବେଦନକାରୀ

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ବିବାଦୀୟ ୱାକଫ୍ ସଂଶୋଧନ ଆଇନକୁ ବିରୋଧ କରି ଆଗତ ପିଟିସନ ଉପରେ ଆଜି ସୁପ୍ରିମ କୋର୍ଟରେ ପୁଣି ଶୁଣାଣି ଆରମ୍ଭ ହୋଇଛି। ଆବେଦନକାରୀମାନଙ୍କ ପକ୍ଷରୁ ଏହି ଆଇନ ବିରୋଧରେ ଯୁକ୍ତି ଉପସ୍ଥାପନ କରାଯିବା ସହିତ ଦାବି କରାଯାଇଥିଲା ଯେ ଏହି ଆଇନ ଅସାମ୍ବିଧାନିକ ହୋଇଥିବାରୁ ଏହା ଉପରେ ରୋକ୍ ଲଗାଯାଉ। ଏହି ସମୟରେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର୍ ଗଭାଇ କହିଲେ ଯେ ସଂସଦର ଅନୁମୋଦନ ପରେ ଏହି ଆଇନ ପ୍ରସ୍ତୁତ ହୋଇଛି। ତେଣୁ ଠୋସ୍ କାରଣ ନଥିଲେ ଏହି ମାମଲାରେ ଅଦାଲତ ହସ୍ତକ୍ଷେପ କରିପାରିବେ ନାହିଁ। ଜଷ୍ଟିସ ଗଭାଇଙ୍କ ଅଧକ୍ଷତାରେ ଗଠିତ ଏହି ଦୁଇ ଜଣିଆ ବେଞ୍ଚରେ ଜଷ୍ଟିସ ଏଜି ମସିହ ମଧ୍ୟ ଅଛନ୍ତି।

ଆଜି ମାମଲାର ଶୁଣାଣି ଆରମ୍ଭ ହେବାମାତ୍ରେ ଭାରତ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ମାମଲାର ଶୁଣାଣି ଆଇନର ତିନିଟି ବ୍ୟବସ୍ଥାରେ ସୀମିତ ରହିବା ଉଚିତ। ପ୍ରଥମଟି ହେଲା ୱାକଫ୍ ବାଇ ୟୁଜର୍ସ, ଦ୍ୱିତୀୟଟି ହେଲା ୱକଫ ବୋର୍ଡ ଓ ପରିଷଦରେ ଅଣମୁସଲିମଙ୍କ ମନୋନୟନ ଏବଂ ତୃତୀୟ ପ୍ରସଙ୍ଗଟି ହେଉଛି ୱାକଫରେ ସରକାରୀ ଜମିର ଚିହ୍ନଟୀକରଣ। ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ସଂଜୀବ ଖନ୍ନାଙ୍କ ବେଞ୍ଚ ଏହି ତିନିଟି ବିନ୍ଦୁ ଉପରେ ଫୋକସ୍ କରିଥିଲେ। କେନ୍ଦ୍ର ସରକାର ଏହି ତିନିଟି ପ୍ରସଙ୍ଗ ଉପରେ ତାଙ୍କର ଉତ୍ତର ମଧ୍ୟ ଦାଖଲ କରିଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ଶିବଲ ଏବଂ ଅଭିଶେକ ମନୁସିଂହଭୀ ଏହାର ବିରୋଧ କରିଥିଲେ। ସେମାନେ ଯୁକ୍ତି କରିଥିଲେ ଯେ ଏହି ଆଇନରେ ଅନେକ ଅସାମ୍ବିଧାନିକ ବ୍ୟବସ୍ଥା ରହିଛି ଏବଂ ଏହା ଉପରେ ବିଚାର ହେବା ଉଚିତ। ମାମଲା ତିନିଟି ପ୍ରସଙ୍ଗରେ ସୀମିତ ରହିପାରିବ ନାହିଁ। ଯୁକ୍ତିଆରମ୍ଭ କରି କପିଲ ଶିବଲ କହିଲେ, ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୱାକଫ୍ ସଂପତ୍ତିକୁ ଛଡ଼ାଇନେବା। ନୂଆ ଆଇନ ବ୍ୟବସ୍ଥାରେ କୌଣସି ବ୍ୟକ୍ତି ବା ଗ୍ରାମ କମିଟି ଅଭିଯୋଗ ଆଣିବା ମାତ୍ରେ ସେହି ସଂପତ୍ତି ଆଉ ୱାକଫ୍ ହୋଇ ରହିପାରିବ ନାହିଁ। ସରକାରୀ ଅଧିକାରୀ ବିଚାରପତିର ଭୂମିକା ନେଇ ସରକାରଙ୍କ ସପକ୍ଷରେ ରାୟ ଦେବେ। ସେ କହିଲେ ଯେ ୱାକଫ୍ ଏକ ଧର୍ମନିରପେକ୍ଷ ବ୍ୟବସ୍ଥା ନୁହେଁ। ଜଣେ ମୁସଲିମ ଭଗବାନଙ୍କ ନାମରେ ତାର ସଂପତ୍ତିକୁ ଉତ୍ସର୍ଗ କରିଛି। ଏହା ହେଉଛି ମୁସଲମାନଙ୍କ ସଂପତ୍ତି ଏବଂ ଏହାର ପରିଚାଳନା ବ୍ୟବସ୍ଥାରେ ଅଣ-ମୁସଲିମ ବ୍ୟକ୍ତିଙ୍କର କୌଣସି ଭୂମିକା ରହିବା ଉଚିତ ନୁହେଁ। କିନ୍ତୁ ୱାକଫ୍ ପରିଚାଳନାକୁ ନୂଆ ଆଇନରେ ମୁସଲମାନଙ୍କ ହାତରୁ କାଢ଼ି ନିଆଯାଇଛି।

ଆବେଦନକାରୀଙ୍କ ପକ୍ଷରୁ ଅନ୍ୟତମ ଆଡଭୋକେଟ୍ ଅଭିଶେକ ସିଂହଭୀ କହିଥିଲେ ଯେ ନୂଆ ଆଇନରେ ୱାକଫ୍ ପଞ୍ଜୀକରଣ ପାଇଁ ବ୍ୟବସ୍ଥାକୁ ଏମିତି ଜଟିଳ କରାଯାଇଛି ଯେ ଜଣେ ବ୍ୟକ୍ତି ଜୀବନସାରା ଅଫିସ ଦୌଡୁଥିବ। ୱାକଫ୍ ସଂପତ୍ତି ଉପରେ ପ୍ରଶ୍ନ ଉଠିବା ମାତ୍ରେ ଏହା ୱାକଫ୍ ହୋଇ ଆଉ ରହିବନାହିଁ। କେବଳ ଲୋକମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରାଯାଉଛି। ଦେବୋତ୍ତର ସଂପତ୍ତି ସବୁ ଧର୍ମରେ ରହିଛି। କିନ୍ତୁ ଦାନ ପାଇଁ କାହାକୁ ନିଜର ଧର୍ମର ପ୍ରମାଣ ଲାଗି ସର୍ତ୍ତ ରଖାଯାଇ ନାହିଁ। ଯଦି ଅନ୍ୟ ଧର୍ମରେ ନାହିଁ, ତେବେ ମୁସଲିମଙ୍କ ପାଇଁ ୱାକଫରେ ଏଭଳି ବ୍ୟବସ୍ଥା କଣ ପାଇଁ ବୋଲି ସେ ପ୍ରଶ୍ନ କରିଥିଲେ। ମାମଲାର ଶୁଣାଣି ଆସନ୍ତାକାଲି ମଧ୍ୟ ଜାରି ରହିବ।

ସୂଚନାଯୋଗ୍ୟ ଯେ ଗତମାସ ଠାରୁ ଲାଗୁ ହୋଇଥିବା ୱାକଫ୍ ସଂଶୋଧନ ଆଇନକୁ ନେଇ ଦେଶବ୍ୟାପୀ ପ୍ରତିବାଦ ଆରମ୍ଭ ହୋଇଛି। ଅନେକ ମୁସଲିମ ସଂସ୍ଥା ଅଭିଯୋଗ କରିଛନ୍ତି ଯେ ନୂଆ ଆଇନ ହେଉଛି ମୁସଲମାନଙ୍କ ଅଧିକାର ଉପରେ ଆକ୍ରମଣ। ୱାକଫ୍ ସଂପତ୍ତି ହଡ଼ପ କରିବା ଉଦ୍ଦେଶ୍ୟରେ ଏହି ଆଇନ ତିଆରି କରାଯାଇଛି। ଅନ୍ୟପକ୍ଷରେ ସରକାର ଯୁକ୍ତି କରିଛନ୍ତି ଯେ ୱାକଫ୍ ସଂପତ୍ତି ପରିଚାଳନାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବୀ କରିବା ଲାଗି ନୂଆ ଆଇନ ଜରୁରୀ। ସୁପ୍ରିମ କୋର୍ଟରେ ଏହି ମାମଲା ପହଞ୍ଚିବା ପରେ କୋର୍ଟ ନୂଆ ଆଇନର ତିନିଟି ବ୍ୟବସ୍ଥା ଉପରେ ମଧ୍ୟବର୍ତ୍ତିକାଳୀନ ରୋକ୍ ଲାଗଇଥିଲେ।

## ବେଙ୍ଗାଲୁରୁରେ ପ୍ରବଳ ବର୍ଷା: ୫ ମୃତ

ବେଙ୍ଗାଲୁରୁ, ୨୦।୫ (ଏଜେନ୍ସି): ଭାରତର ସିଲିକନ୍ ଭ୍ୟାଲି ଭାବେ ପରିଚିତ ବେଙ୍ଗାଲୁରୁ ପ୍ରବଳ ବର୍ଷାରେ ବେହାଲ ହୋଇଯାଇଛି। ଏହି ସହରର ଭିତ୍ତିଭୂମି ବ୍ୟବସ୍ଥାର ଦୁର୍ବଳ ଚିତ୍ରକୁ ବର୍ଷା ପଦାରେ ପକାଇ ଦେଇଛି। ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ସହରର ପ୍ରାୟ ସବୁ ରାସ୍ତାଘାଟ ଜଳମୟ ହୋଇଯାଇଛି। ଲୋକେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ଭୟରେ କେହି ଘରୁ ବାହାରୁ ନାହାନ୍ତି। ତଥାପି ବି ଯନ୍ତ୍ରଣାରୁ ଲୋକେ ନିସ୍ତାର ପାଉ ନାହାନ୍ତି। ଗତ ତିନି ଦିନ ହେଲା ଲାଗି ରହିଥିବା ପ୍ରବଳ ବର୍ଷା ଯୋଗୁଁ ଘରେ ବି ପାଣି ପଶି ଯାଇଛି। ଘର ଭିତରେ ଅଣ୍ଟେ ଅଣ୍ଟେ ପାଣି ଲହରୀ ମାରୁଛି। ୫୦୦ରୁ ଅଧିକ ଘରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି ବର୍ଷା ଜନିତ ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଗଲାଣି। ବିଟିଏମ ଲେଆଉଟରେ ପାଣି ଭର୍ତ୍ତି ହୋଇଯିବାରୁ କରେଣ୍ଟ ଲାଗି ୧୨ ବର୍ଷୀୟ ଶିଶୁ ଏବଂ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ହ୍ୱାଇଟଫିଲ୍ଡରେ କାନ୍ଥ ପଡ଼ି ଜଣେ ମହିଳା ପ୍ରାଣ ହରାଇଛନ୍ତି। ଆଜି ମଧ୍ୟ ସ୍ଥିତି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। କାରଣ ପାଣିପାଗ ବିଭାଗ ବର୍ଷାକୁ ନେଇ ରେଡ୍ ଆଲର୍ଟ ଜାରି କରିଛି। ଏବେ ହେବଲ ଜଙ୍କସନ, ଆଉଟର ରିଙ୍ଗ ରୋଡ, ହୋସର ରୋଡ, ବୋମାନାହାଲି, ଟିଣ୍ଡଲୁ ଅଣ୍ଡରପାସ, କରମଙ୍ଗଲ, ସିଲ୍କ ବୋର୍ଡ ଜଙ୍କସନ, ହେନୁର, ଟିଣ୍ଡଲୁ ଅଣ୍ଡରପାସ, ରେସିଡେନ୍ସ ରୋଡ ଆଦିରେ ପାଣି ଜମିଥିବାବେଳେ ବର୍ଷା ହେଲା ସ୍ଥିତି ଆହୁରି ବିଗିଡି ଯିବାର ସମ୍ଭାବନା ରହିଛି। ଏହା ମଧ୍ୟରେ କମ୍ପାନୀ ଗୁଡିକ କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ କହିଛନ୍ତି। ତେବେ ସହରରେ ଆସିଥିବା ଏହି କୃତ୍ରିମ ବନ୍ୟା ଯୋଗୁଁ ଦରଦାମ ବୃଦ୍ଧି ପାଇଛି। କ୍ୟାବ୍, ଅଟୋ ଆଦି ଭଡ଼ା ୩୦ରୁ ୭୦ ପ୍ରତିଶତ ବଢ଼ି ଯାଇଛି। ବହୁତ କମ ଅଟୋ ଉପଲବ୍ଧ ରହୁଛି। ବନ୍ୟା ସ୍ଥିତି ଯୋଗୁଁ ଅନେକ ରାସ୍ତାଘାଟ ମଧ୍ୟ ବନ୍ଦ ରହିଛି। ଅନ୍ୟପକ୍ଷରେ ଝଡ଼ ତୋଫାନକୁ ନେଇ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ସମେତ ୧୧ ରାଜ୍ୟକୁ ପାଣିପାଗ ବିଭାଗ ଚେତାବନୀ ଜାରି କରିଛି। ବଜ୍ରପାତରେ ଝାଡ଼ଖଣ୍ଡରେ ୫ ଜଣ, ଏବଂ ମହାରାଷ୍ଟ୍ରରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ବର୍ଷା ତାମିଲନାଡୁରେ ୨ ଜଣଙ୍କ ଜୀବନ ନେଇଛି।

# ପାକିସ୍ତାନର ସବୁ ସ୍ଥାନକୁ ଟାର୍ଗେଟ କରିପାରିବ ଭାରତ

■ ପାକ୍ ସେନା ନିଜ ସୁରକ୍ଷା ପାଇଁ ବଡ଼ ଗର୍ତ୍ତ ଖୋଜିବା ଆରମ୍ଭ କରୁ

■ ରାୱଲପିଣ୍ଡିରୁ ମୁଖ୍ୟାଳୟ ସ୍ଥାନାନ୍ତର କଲେ ପାକିସ୍ତାନ୍ ଲୁଚିବାକୁ ଗାତ ଖୋଜିବ

ନୂଆଦିଲ୍ଲୀ,୨୦।୫(ଏଜେନ୍ସି): ପାକିସ୍ତାନର ପ୍ରତ୍ୟେକ ସ୍ଥାନକୁ ଟାର୍ଗେଟ କରିବାକୁ ଭାରତୀୟ ସେନା ସମର୍ଥ। କାରଣ ସମ୍ପୂର୍ଣ୍ଣ ପାକିସ୍ତାନ ଭାରତୀୟ ସେନାର 'ଷ୍ଟ୍ରାଇକ୍ ରେଞ୍ଜ' ମଧ୍ୟରେ ରହିଛି। ଯଦି ପାକିସ୍ତାନ ସେନା ସୁରକ୍ଷା ପାଇଁ ନିଜର ମୁଖ୍ୟାଳୟ ବଦଳାଇବାକୁ ଚାହୁଁଥାଏ ତେବେ ଏଥିପାଇଁ ବଡ଼ ଗର୍ତ୍ତ ଖୋଜିବା ଦରକାର ବୋଲି ଭାରତୀୟ ସେନାର ଏୟାର ଡିଫେନ୍ସ ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ସୁମେର ଇଭାନ ଡି'କୋଞ୍ଜା କହିଛନ୍ତି। ପାକିସ୍ତାନର ସବୁ ଭାଗ ଏବଂ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବାର କ୍ଷମତା ଭାରତୀୟ ସେନା ନିକଟରେ ରହିଛି ବୋଲି ସେ ଦୃଢୋକ୍ତି କରିଛନ୍ତି। ଅପରେସନ ସିନ୍ଦୂର ପରେ ଭାରତୀୟ ସେନାର ଦକ୍ଷତା ଏବଂ କ୍ଷମତାକୁ ନେଇ ଏବେ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରେ ଚର୍ଚ୍ଚା ଚାଲିଛି। ଏହିକ୍ରମରେ ଏଏନଆଇକୁ ସେନାର ଦକ୍ଷତା ସମ୍ପର୍କରେ ଏକ ସାକ୍ଷାତକାର ଦେବା ଅବସରରେ ଲେଫ୍ଟନାଣ୍ଟ ଜେନେରାଲ ସୁମେର ଏହା କହିବା ସହିତ ଯଦି ପାକିସ୍ତାନ ସେନା ରାୱଲପିଣ୍ଡିରୁ ଏହାର ମୁଖ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଚାହୁଁଥାଏ ତେବେ ଏହାକୁ ଲୁଚାଇବା ପାଇଁ ଏକ ଗଭୀର ଗାତ ଖୋଜିବ ଦରକାର ବୋଲି କହିଛନ୍ତି। ଅର୍ଥାତ୍ ପାକିସ୍ତାନ ସେନା ନିଜର ମୁଖ୍ୟାଳୟ ଯେକୌଣସି ଭାଗକୁ ସ୍ଥାନାନ୍ତର କଲେ ବି ଏହା ଭାରତୀୟ ସେନା ନିଶାଣରୁ ବର୍ତ୍ତିପାରିବ ନାହିଁ ବୋଲି ସେ ପରୋକ୍ଷରେ ସୂଚାଇ ଦେଇଛନ୍ତି। ସେ କହିଛନ୍ତି ଯେ, ପାକିସ୍ତାନ ବିପକ୍ଷରେ ଲଢେଇ ପାଇଁ ଭାରତ ନିକଟରେ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ସମ୍ବଳ ରହିଛି। ତେଣୁ ପାକିସ୍ତାନ ସେନା ମୁଖ୍ୟାଳୟକୁ ରାୱଲପିଣ୍ଡିରୁ ପଶ୍ଚିମ ଭାଗରେ ରହିଥିବା ଖାଇବର ପଖତୁନଖ୍ୱାକୁ ସ୍ଥାନାନ୍ତର କରାଗଲେ ମଧ୍ୟ ଏହା ଭାରତୀୟ ସେନା ଲକ୍ଷ୍ୟରୁ ବର୍ତ୍ତିପାରିବ ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅପରେସନ ସିନ୍ଦୂର ବେଳେ ଭାରତୀୟ ବାୟୁସେନା ସୀମା ନିକଟବର୍ତ୍ତୀ ପାକିସ୍ତାନର ୧୨ ପ୍ରମୁଖ ସାମରିକ ଘାଟି ଉପରେ ଆକ୍ରମଣ କରି ସେଗୁଡ଼ିକୁ ଧ୍ୱସ୍ତ କରିଦେଇଥିଲା। ଏଥିପାଇଁ ଭାରତ ନିଜସ୍ୱ ଜ୍ଞାନ କୌଶଳରେ ପ୍ରସ୍ତୁତ କରିଥିବା ଅସ୍ତ୍ର ବ୍ୟବହାର କରି ନିଜର ଲକ୍ଷ୍ୟସାଧନ ଦିଗରେ ସଫଳ ହୋଇଥିଲା। ଅନ୍ୟପକ୍ଷରେ ପାକିସ୍ତାନ ସେନା ଭାରତର ବହୁ ସହରକୁ ଟାର୍ଗେଟ କରି ୮୦୦ରୁ ୧୦୦୦ ଡ୍ରୋନ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲା। ସେଗୁଡିକୁ ଭାରତର ତିନି ସେନା ସମନ୍ୱିତ ଉପାୟରେ ନିଷ୍କ୍ରିୟ କରି ଖସାଇ ଦେଇଥିଲେ ବୋଲି ଲେଫ୍ଟନାଣ୍ଟ ଜେନେରାଲ ସୁମେର କହିଛନ୍ତି।

## ଫିଲ୍ଡ ମାର୍ଶାଲ ହେଲେ ଜେନେରାଲ ମୁନିର



ଇସଲାମାବାଦ,୨୦।୫(ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସିମ ମୁନିରଙ୍କୁ ପାକିସ୍ତାନ ସରକାର ଫିଲ୍ଡ ମାର୍ଶାଲ ଭାବେ ପଦୋନ୍ନତି ଦେଇଛନ୍ତି। ପାକିସ୍ତାନ ବିପକ୍ଷରେ ଭାରତର ଅପରେସନ ସିନ୍ଦୂର ପରେ ଅପ୍ରତ୍ୟାଶିତ ଭାବେ ପାକିସ୍ତାନ ସରକାରଙ୍କ ଏହି ନିଷ୍ପତ୍ତି ବିଭିନ୍ନ ମହଲକୁ ବିସ୍ମିତ କରିଛି। ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫଙ୍କ ନେତୃତ୍ୱରେ କ୍ୟାବିନେଟ୍ କମିଟି ଏଥିପାଇଁ ଅନୁମୋଦନ ଦେବା ପରେ ମୁନିରଙ୍କୁ ଏଭଳି ବିରଳ ପଦୋନ୍ନତି ମିଳିଥିବା କୁହାଯାଇଛି। ବିଗତ ବହୁ ବର୍ଷ ଧରି ପାକିସ୍ତାନ ସେନାର ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରି ଆସିଥିବା ମୁନିର ନିକଟରେ ଭାରତ ବିରୋଧରେ ବିଷୋଦଗାର କରିବା ସହିତ ଭାରତ ବିରୋଧୀ ନାରାବାଜି କରିଥିଲେ। ଏହାପରେ ପହଲଗାମ ଆତଙ୍କ ହମଲା ଘଟଣାକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢିବା ସହିତ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ଭାରତ ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର ଆରମ୍ଭ କରି ଏହାର ବହୁ ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିଦେବା ସହିତ ୧୦ରୁ ଅଧିକ ସାମରିକ ଘାଟିକୁ ମଧ୍ୟ ନଷ୍ଟ କରି ଦେଇଥିଲା। ଏହାସତ୍ତ୍ୱେ ମୁନିରଙ୍କୁ ଏହି ପଦୋନ୍ନତି ମିଳିବା ଚର୍ଚ୍ଚାର ବିଷୟ ହୋଇଛି।

## ପାକିସ୍ତାନକୁ ପାଣି ବନ୍ଦ କରିବ ଆଫଗାନିସ୍ତାନ

ଇସଲାମାବାଦ, ୨୦।୫ (ଏଜେନ୍ସି): ପାକିସ୍ତାନକୁ ଡବଲ୍ ଝଟ୍‌କା ଲାଗିବାକୁ ଯାଉଛି। ଭାରତ ପରେ ଆଫଗାନିସ୍ତାନ ଆତଙ୍କବାଦକୁ ପାଳୁଥିବା ପାକିସ୍ତାନକୁ ପାଣି ନ ଦେବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ କୁନାର ନଦୀରେ ବନ୍ଧ ନିର୍ମାଣ କରାଯାଉଛି। ତାଲିବାନ ସରକାରର ଆର୍ମି ଜେନେରାଲ ମୁବିନ ଏହି ସୂଚନା ଦେଇଛନ୍ତି। ସେ ବନ୍ଧ ନିର୍ମାଣ ସ୍ଥଳ ବୁଲି ଦେଖିଛନ୍ତି। ବଲୁଚ ନେତା ମିର ୟାର ବଲୁଚ ସୋମବାର ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଏହି ବନ୍ଧ ନିର୍ମାଣ ପାଇଁ ଅର୍ଥ ସଂଗ୍ରହ କରିବାକୁ ତାଲିବାନକୁ ଜେନେରାଲ ମୁବିନ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ଏହି ପାଣି ହେଉଛି ଆମ ରକ୍ତ ସଦୃଶ। ଆମେ ନିଜ ରକ୍ତକୁ ପ୍ରବାହିତ ହେବାକୁ ଦେବୁ ନାହିଁ। ପାଣିକୁ ଅଟକାଇ ଦେବୁ। ଏହା ଦ୍ୱାରା ବିଦ୍ୟୁତ ଆବଶ୍ୟକତା ପୂରଣ ହେବ। ଅନ୍ୟପକ୍ଷରେ ଘନିଷ୍ଠ ବନ୍ଧୁ ପାକିସ୍ତାନକୁ ସହାୟତା କରିବାକୁ ପୁଣି ଚୀନ୍ ଆଗେଇ ଆସିଛି। ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତି ରଦ୍ଦ କରି ପାକିସ୍ତାନକୁ ପାଣି ଦେଉନାହିଁ। ଏଥିଯୋଗୁଁ ପାକିସ୍ତାନରେ ଗୁରୁତର ଜଳ ସଙ୍କଟ ସୃଷ୍ଟି ହୋଇଛି। ଏହାରି ମଧ୍ୟରେ ଆମେରିକା ଶୁଳ୍କ ଯୁଦ୍ଧରୁ ବର୍ତ୍ତିବା ଲାଗି ଭାରତକୁ ହାତ ଯୋଡୁଥିବା ଚୀନ୍ ପାକିସ୍ତାନକୁ ସହାୟତା କରିବାକୁ ମୋହମ୍ମଦ ବନ୍ଧ ନିର୍ମାଣକୁ ଜୋରଦାର କରିବ ବୋଲି ଘୋଷଣା କରିଛି। ଖୈବର ପଖତୁନଖ୍ୱାର ସ୍ୱାତ ନଦୀ ଉପରେ ଚୀନ୍‌ର ସରକାରୀ କମ୍ପାନୀ ଦ୍ୱାରା ୨୦୧୯ ରୁ ନିର୍ମାଣ ହେଉଥିବା ଏହି ବନ୍ଧ ଉଚ୍ଚତା ୭୦୦ ଫୁଟ ହେବ।

ପାକ୍ ଅଧିକୃତ କଶ୍ମୀର ନେତାଙ୍କ ବୟାନ

# ପାକିସ୍ତାନର ୫୦ ପ୍ରତିଶତ ମସଜିଦ୍ ଆତଙ୍କୀ କାର୍ଯ୍ୟକଳାପ ସହ ଲିପ୍ତ

ଇସଲାମାବାଦ,୨୦।୫(ଏଜେନ୍ସି): ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ସମ୍ପର୍କରେ ବିଶ୍ୱସମୁଦାୟକୁ ଅବଗତ କରିବା ଲାଗି ଭାରତୀୟ ସାଂସଦମାନଙ୍କୁ ନେଇ ପ୍ରତିନିଧି ମଣ୍ଡଳ ବିଭିନ୍ନ ଦେଶ ଗସ୍ତ କରିବାକୁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇସାରିଛି। ସାଂସଦମାନେ ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ଏବଂ ଭାରତର ଆତଙ୍କବାଦ ବିରୋଧୀ ଲଢେଇକୁ ନେଇ ଅପରେସନ ସିନ୍ଦୂର ମସପର୍କରେ ସେମାନେ ବିଭିନ୍ନ ଦେଶକୁ ଅବଗତ କରିବେ। କିନ୍ତୁ ପାକିସ୍ତାନ ମାଟିର କିଛି ନେତା ମଧ୍ୟ ଏହିକ୍ରମରେ ଆହୁରି ଆଗୁଆ ରହିଛନ୍ତି। ପାକିସ୍ତାନର ୫୦ ପ୍ରତିଶତ ମସଜିଦ୍ ଆତଙ୍କବାଦ କାର୍ଯ୍ୟକଳାପରେ ଲିପ୍ତ ରହିବା ସହିତ ଆତଙ୍କବାଦୀମାନଙ୍କୁ ଏଠାର ପ୍ରୋତ୍ସାହନ ଦିଆଯାଉଛି ବୋଲି ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ନେତା ପ୍ରଫେସର ସଜ୍ଜଦ ରାଜା କହିଛନ୍ତି। ଜମ୍ମୁ-କଶ୍ମୀର-ଗିଲଗିଟ୍ ବଲ୍ଟିସ୍ତାନ ଓ ଲଦାଖ ନ୍ୟାସନାଲ ଇକ୍ୱାଲିଟି ପାର୍ଟି ଅଧକ୍ଷ ରହିଥିବା ସଜ୍ଜଦ ପାକିସ୍ତାନ ସରକାରଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ଆସୁଥିବା ପିଓକେବାସୀଙ୍କ ଦୁର୍ଦ୍ଦଶା ବଖାଣିବା ସହିତ ଏଠାରେ ଆତଙ୍କବାଦକୁ କିଭଳି ପ୍ରୋତ୍ସାହନ ଦିଆଯାଉଛି ତାହାକୁ ମଧ୍ୟ ଦର୍ଶାଇଛନ୍ତି। ଭାରତ ବିରୋଧରେ ଆତଙ୍କବାଦ କାର୍ଯ୍ୟକଳାପ ଚଳାଇଥିବା ବହୁ ସଂଗଠନ ପିଓକେରେ ରହିଛି ବୋଲି ଭାରତୀୟ ସେନା ଅପରେସନ ସିନ୍ଦୂରରେ ଏହି ଅଞ୍ଚଳକୁ ଟାର୍ଗେଟ କରି ଆକ୍ରମଣ କରିଥିଲା। କିନ୍ତୁ କେବଳ ପିଓକେ ନୁହେଁ, ପାକିସ୍ତାନର ସବୁ ଅଞ୍ଚଳରେ ମସଜିଦ୍‌ଗୁଡିକରେ ମଧ୍ୟ ଆତଙ୍କାବାଦ କାର୍ଯ୍ୟ ଚାଲିଛି ବୋଲି ପ୍ରଫେସର ସଜ୍ଜଦ କହିଛନ୍ତି। ସାରା ଦେଶରେ ଯେତିକି ସଂଖ୍ୟକ ମସଜିଦ୍ ରହିଛି ସେଥିମଧ୍ୟରୁ ୫୦ ପ୍ରତିଶତ ମସଜିଦ୍‌ରେ ଏହି କାର୍ଯ୍ୟକଳାପ ପାଇଁ ପ୍ରୋତ୍ସାହନ ଦିଆଯାଉଛି ବୋଲି ସେ କହିଛନ୍ତି। ଏହାବ୍ୟତୀତ ପାକିସ୍ତାନ ସେନା ସାମାଜିକ ସ୍ତର ଠାରୁ ଆରମ୍ଭ କରି ଅର୍ଥନୀତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କିଭଳି ମନୋମୁଖୀ ଶାସନ ଚଳାଇଛି ସେ ସମ୍ପର୍କରେ ମଧ୍ୟ ସେ ଦର୍ଶାଇଛନ୍ତି।

### ଭାରତୀୟ ପ୍ରତିନିଧିଙ୍କ ସହ ସାମିଲ ହେବାକୁ ମିର୍ଜାଙ୍କ ଆଗ୍ରହ

ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ସମ୍ପର୍କରେ ଆନ୍ତର୍ଜାତିକ ମହଲକୁ ଅବଗତ କରିବା ଲାଗି ଭାରତୀୟ ସାଂସଦମାନଙ୍କୁ ନେଇ ଗଠନ କରାଯାଇଥିବା ପ୍ରତିନିଧି ମଣ୍ଡଳରେ ଅନ୍ୟତମ ପିଓକେ ନେତା ଏବଂ ମାନବାଧିକାର କର୍ମୀ ଅମଜାଦ ଆୟୁବ ମିର୍ଜା ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିବା ସହିତ ଏଥିପାଇଁ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ, ପକିସ୍ତାନ ଅବୈଧ ଭାବେ ପିଓକେକୁ ମାଡି ବସିଥିଲା ବେଳେ ଏଠାରେ ଆତଙ୍କବାଦ କାର୍ଯ୍ୟକଳାପ ଚଳାଇଛି। ଯଦ୍ୱାରା ପିଓକେବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ବିଶ୍ୱସମୁଦାୟ ପିଓକେବାସୀଙ୍କ ସ୍ୱର ମଧ୍ୟ ଶୁଣିବା ଦରକାର। ଏଥିପାଇଁ ତାଙ୍କୁ ମଧ୍ୟ ଭାରତୀୟ ପ୍ରତିନିଧି ମଣ୍ଡଳରେ ସାମିଲ କରାଯିବା ଉଚିତ ବୋଲି ମିର୍ଜା କହିଛନ୍ତି।





ରାତି ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-322 ◆BHUBANESWAR ◆WEDNESDAY ◆21 MAY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୨୨ ◆ଭୁବନେଶ୍ୱର ◆ବୁଧବାର ◆୨୧ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ମୁମ୍ବାଇରେ ଦୁଇ ମୃତ; ଦେଶରେ ୨୫୭ ନୂଆ ସଂକ୍ରମିତ



**ଏସିଆରେ କୋଭିଡ୍ ଲହର**

■ **ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି)** : କୋଭିଡ୍-୧୯ର ନୂଆ ଭାରିଆଣ୍ଟକୁ ନେଇ ଏବେ ଏସିଆର ବିଭିନ୍ନ ଦେଶରେ କରୋନା ଲହର ବ୍ୟାପିବାରେ ଲାଗିଛି। ଓମିକ୍ରନ୍‌ର ଉପ ଭାରିଆଣ୍ଟ ଜେଏନ୍.୧ ଏବଂ ଏହା ପରେପରେ ଉତ୍ପନ୍ନ ହୋଇଥିବା ସବ୍ ଭାରିଆଣ୍ଟ ଏଲଏଫ.୭ ଏବଂ ଏନବି.୧.୮ ଏବେ ସିଙ୍ଗାପୁର, ହଂକଂ ଏବଂ ଥାଇଲାଣ୍ଡ ଭଳି ବହୁ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକରେ କୋଭିଡ ଲହର ବୃଦ୍ଧି କରିବା ସହିତ ଚିନ୍ତା ବଢାଇଛି। ଭାରତରେ ମଧ୍ୟ ସ୍ଥିତି ଚିନ୍ତାଜନକ ଆଡକୁ ଗତି କରୁଛି। ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ୨୫୭ ନୂଆ ମାମଲା ଚିହ୍ନ ହୋଇଥିଲା ବେଳେ ଏଥିମଧ୍ୟରୁ କେରଳରେ ସର୍ବାଧିକ ମାମଲା ଦେଖାଯାଇଛି। ଏଠାରେ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେରଳ ପରେ ମହାରାଷ୍ଟ୍ରରେ ୪୪ ଏବଂ ତାମିଲନାଡୁରେ ୩୪ଟି ମାମଲା ସାମ୍ନାକୁ ଆସିଛି। ସେହିପରି କର୍ଣ୍ଣାଟକରେ ୮, ଗୁଜରାଟରେ ୬, ଦିଲ୍ଲୀରେ ୩ ଏବଂ ହରିୟାଣା, ରାଜସ୍ଥାନ ଓ ସିକିମ୍‌ରେ ଗୋଟିଏ ଲେଖାଏଁ ମାମଲା ଚିହ୍ନଟ ହୋଇଛି। ଚିହ୍ନଟ ହୋଇଥିବା ସମସ୍ତ ସଂକ୍ରମିତଙ୍କ ଅବସ୍ଥା ସେତେଟା ଗୁରୁତର ନ ଥିବା ଏବଂ ହସ୍ପିଟାଲରେ ଭର୍ତ୍ତି ହେବା ଜରୁରୀ ନଥିବା କୁହାଯାଇଥିଲେ ହେଁ ମୁମ୍ବାଇରେ ଦୁଇ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି। ତେବେ ଏହି ଦୁଇ ଜଣଙ୍କ ମଧ୍ୟରୁ ଜଣେ କିଡନୀ ଏବଂ ଆଉ ▶ପୃଷ୍ଠା-୭

## ୭ ମାସରେ ୨୫ ବିବାହ କରିଥିବା ମହିଳା ଗିରଫ



■ **ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି)**: ପୁରୁଷଙ୍କ ଠାରୁ ଲୁଟ୍ କରି କିଛି ଦିନ ଅୟସ କରିବା ଏବଂ ପରେ ପରେ ଅନ୍ତର୍ଦ୍ଧାନ ହୋଇଯିବା ଅଭିଯୋଗରେ ରାଜସ୍ଥାନ ପୁଲିସ ଜଣେ ୨୩ ବର୍ଷୀୟା ମହିଳାଙ୍କୁ ଭୋପାଳରୁ ଗିରଫ କରିଛି। ଅନୁରାଧା ପାଶୱାନ ନାମ୍ନୀ ଏହି ୨୩ ବର୍ଷୀୟା ମହିଳା ଜଣକ ଏକ ବଡ଼ ଧରଣର ବିବାହ ର୍‍ୟାକେଟ୍ ଚଳାଇ ଏଭଳି କରୁଥିଲେ।ସେ ଗତ ୭ ମାସ ମଧ୍ୟରେ ବିଭିନ୍ନ ରାଜ୍ୟର ୨୫ ଜଣଙ୍କୁ ବିବାହ କରିଥିବା ଜଣାପଡ଼ିବା ପରେ ପୁଲିସ ତାଙ୍କୁ ଧରିବା ଲାଗି ଜାଲ ବିଛାଇଥିଲା। ଶେଷରେ ଭୋପାଳରେ ରାଜସ୍ଥାନର ମାଧୋପୁର ପୁଲିସ ହାତରେ ଅନୁରାଧା ଧରାପଡ଼ିଛନ୍ତି। ମିଳିଥିବା ସୂଚନା ଅନୁସାରେ ଅନୁରାଧ ଏକ ସୁଚିନ୍ତିତ ଉପାୟରେ ବିବାହ ପାଇଁ ବ୍ୟାକୁଳ ଥିବା ପୁରୁଷମାନଙ୍କୁ ନିଜ ଜାଲରେ ଫସାଇବାକୁ ବିଭିନ୍ନ ପନ୍ଥା ଅବଲମ୍ବନ କରୁଥିଲେ। ସେ ନିଜକୁ ଅବିବାହିତ ବୋଲି ଆଇନଗତ ପ୍ରମାଣ ଦେଇ ଜଣଙ୍କୁ ବିବାହ କରିବା ପରେ ତାଙ୍କ ନିକଟରେ କିଛି ଦିନ ବିତାଉଥିଲେ। ହେଲେ ଅଚାନକ ଭାବେ ସୁନାଗହଣା, ଟଙ୍କା ଏବଂ ମୂଲ୍ୟବାନ ଇଲେକଟ୍ରୋନିକ୍ସ ସାମଗ୍ରୀ ଧରି ଅନ୍ତର୍ଦ୍ଧାନ ହୋଇଯାଉଥିଲେ। ଏହିକ୍ରମରେ ସେ ରାଜସ୍ଥାନର ସ୍ୱାୟାଇ ମାଧୋପୁର ଅଞ୍ଚଳର ବିଷ୍ଣୁ ଶର୍ମାଙ୍କୁ ବିବାହ କରିଥିଲେ। ବିଷ୍ଣୁ ନିଜ ପାଇଁ ଜଣେ ଉପଯୁକ୍ତ ପାତ୍ରୀ ଖୋଜୁଥିଲା ବେଳେ ଦୁଇ ଜଣ ଏଜେଣ୍ଟ ତାଙ୍କୁ ଅନୁରାଧାଙ୍କ ▶ପୃଷ୍ଠା-୭

# ଆଗୁଆ କେରଳ ଛୁଇଁବ ମୌସୁମୀ

## ଜୁନ ଆରମ୍ଭରୁ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା



**କର୍ଣ୍ଣାଟକ, ତାମିଲନାଡୁ, କେରଳରେ ବର୍ଷାର ତାଣ୍ଡବ**

■ **ଭୁବନେଶ୍ୱର, ୨୦।୫ (ସମିସ)**: କେରଳମୁହାଁ ହେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଯଦିଓ ଆସନ୍ତା ୪ରୁ ୫ଦିନ ଭିତରେ ମୌସୁମୀ ବାୟୁ କେରଳ ଛୁଇଁବା ନେଇ ଆଇଏମ୍‌ଡି କହୁଛି ହେଲେ ଏହା ପୂର୍ବରୁ ମୌସୁମୀ କେରଳ ଛୁଇଁଯିବାର ଯଥେଷ୍ଟ ସମ୍ଭାବନା ରହିଛି। ମୌସୁମୀ କେରଳ ଛୁଇଁବା ପୂର୍ବରୁ ବର୍ତ୍ତମାନ ଦକ୍ଷିଣ ଭାରତର କର୍ଣ୍ଣାଟକ ସମେତ କେରଳ ଓ ତାମିଲନାଡୁରେ ପ୍ରବଳ ବର୍ଷା ହେଉଛି। ଏହାକୁ ପ୍ରାକ୍ ମୌସୁମୀ ବର୍ଷା କୁହାଯାଉଛି। ତେଣୁ ମୌସୁମୀ କେରଳ ଛୁଇଁବା ପାଇଁ ପାଗ ଅନୁକୂଳ ଥିବା ପରିଲକ୍ଷିତ ହୋଇଛି। ସୋମବାରଠାରୁ କେରଳର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି। ଏହାସହତି କେରଳ ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ୬ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ତ୍ରିସୁର, ମାଲାପୁରମ, କୋଜିକୋଡ୍, ୱାଇନାଡ୍, କନୁର ଓ କାସାରାଗୋଡ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି।

ସାଧାରଣତଃ ମୌସୁମୀ ବାୟୁ ଜୁନ ୧ରେ କେରଳ ଛୁଇଁଥାଏ। ଏଥର କିନ୍ତୁ ଆଗୁଆ କେରଳ ଛୁଇଁବା ନେଇ ପୂର୍ବରୁ ପାଣିପାଗ ବିଭାଗ ଆକଳନ କରିସାରିଛି। ତେବେ ମୌସୁମୀ କେରଳ ଛୁଇଁବାର ୧୦ ଦିନ ଭିତରେ ଓଡ଼ିଶା ଛୁଇଁଥାଏ। ଯଦି ମୌସୁମୀ ଆଗୁଆ କେରଳ ଛୁଇଁବ, ତେବେ ଓଡ଼ିଶାରେ ମଧ୍ୟ ମୌସୁମୀ ବର୍ଷା ଆଗୁଆ ହେବା ନେଇ ଅନୁମାନ କରାଯାଉଛି। ମୌସୁମୀ କେବେ ଓଡ଼ିଶା ଛୁଇଁବ ସେନେଇ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ମାତ୍ର ମାସ ଶେଷ ଆଡ଼କୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ଏହା ପ୍ରଭାବରେ ରାଜ୍ୟରେ ଜୁନ୍ ଆରମ୍ଭରୁ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଉଛି। ସୂଚନାଯୋଗ୍ୟ, ମେ’ ୧୩ ତାରିଖରେ ଅର୍ଥାତ ୬ ଦିନ ପୂର୍ବରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ଛୁଇଁଥିଲା। ଏହାର ଦୁଇ ସପ୍ତାହ ପରେ ମୌସୁମୀ ମେ’ ୨୭ରେ କେରଳ ଛୁଇଁବ ବୋଲି ପୂର୍ବାନୁମାନ କରିଯାଇଛି। ତେବେ ନିର୍ଦ୍ଧାରିତ ତାରିଖର ୪ ଦିନ ପୂର୍ବ କିମ୍ବା ପରେ ମୌସୁମୀ ▶ପୃଷ୍ଠା-୭

# ଉଷ୍ମ ଘାତ: ଓଡ଼ିଶା ସର୍ବାଧିକ ପ୍ରଭାବିତ

## ମହାରାଷ୍ଟ୍ର, କେରଳ, ଆନ୍ଧ୍ରପ୍ରଦେଶ, ଗୋଆ ଓ ଦିଲ୍ଲୀ ବି ଛଟପଟ



- ଦିନ ଅପେକ୍ଷା ଅଧିକ ବିପଦ ସୃଷ୍ଟି କରୁଛି ରାତି ତାପମାତ୍ରା
- ବୟସ୍କ, ଶିଶୁ ଓ ରୋଗଗ୍ରସ୍ତଙ୍କ ପାଇଁ ନୂଆ ଆହ୍ୱାନ ସୃଷ୍ଟି
- ଦେଶର ୫୭ ପ୍ରତିଶତ ଜିଲ୍ଲାରେ ପ୍ରଚଣ୍ଡ ତାତି ଅନୁଭୂତ

■ **ଭୁବନେଶ୍ୱର, ୨୦।୫ (ସମିସ)**: ଅସହ୍ୟ ତାତି, ଅସମ୍ଭାଳ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ମାତ୍ର ଏହି ସମୟରେ ରାତିରେ ତାପମାତ୍ରା ବୃଦ୍ଧି ଉଷ୍ମଘାତ ପରିସ୍ଥିତି ସୃଷ୍ଟି କରିଛି । ଦିନ ଅପେକ୍ଷା ରାତି ତାତି ବୟସ୍କ, ଶିଶୁ ଓ ବିଭିନ୍ନ ରୋଗଗ୍ରସ୍ତ ଲୋକମାନଙ୍କ ପାଇଁ ଘାତକ ହେବାକୁ ବସିଛି; ଏହା ସହ ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଇଛି। ମହାରାଷ୍ଟ୍ର, କେରଳ, ଆନ୍ଧ୍ରପ୍ରଦେଶ, ଗୋଆ, ଦିଲ୍ଲୀ ସହ ଓଡ଼ିଶା ଏହି ଉଷ୍ମଘାତର ଶିକାର ହୋଇଛି। କାଉନସିଲ୍ ଅନ୍ ଏନର୍ଜି, ଏନଭାୟରମେଣ୍ଟ ଏଣ୍ଡ ୱାଟର (ସିଇଇଡ଼ବ୍ଲ୍ୟୁ) ରିପୋର୍ଟରେ ପ୍ରକାଶିତ ହୋଇଛି ଏହି ଚାଞ୍ଚଲ୍ୟକର ତଥ୍ୟ।

ସିଇଇଡ଼ବ୍ଲ୍ୟୁ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ସମ୍ପ୍ରତି ଦେଶର ୫୭ ପ୍ରତିଶତ ଜିଲ୍ଲାରେ ପ୍ରଚଣ୍ଡ ତାତି ଅନୁଭୂତ ହେଉଛି। ଦେଶର ମୋଟ୍ ଜନସଂଖ୍ୟାର ୭୬ ପ୍ରତିଶତ ଲୋକ ଏହାଦ୍ୱାରା ପ୍ରଭାବିତ। ଦେଶରେ ୧୦ ଟି ସର୍ବାଧିକ ଉଷ୍ମଘାତ ପ୍ରବଣ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜନଜୀବନ ଏହାଦ୍ୱାରା ପ୍ରଭାବିତ ହୋଇଛି।

ଦିଲ୍ଲୀ, ମୁମ୍ବାଇ, ଅହମ୍ମଦାବାଦ, ହାଇଦ୍ରାବାଦ, ଭୋପାଳ ଏବଂ ଭୁବନେଶ୍ୱର ଭଳି ସହରାଞ୍ଚଳ ଏବଂ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ତାପମାତ୍ରା ପ୍ରତିବର୍ଷ ବୃଦ୍ଧି ପାଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ପାଣିପାଗରେ କ୍ରମାଗତ ଅନିୟମିତା ଏହି ଅଞ୍ଚଳଗୁଡ଼ିକୁ ପ୍ରଭାବିତ କରିଛି। ଏଥିପାଇଁ କିଛି ଅଞ୍ଚଳରେ ରେକର୍ଡ ତାପ ସାଙ୍ଗକୁ ଅନ୍ୟ କିଛି ସ୍ଥାନରେ ଅପ୍ରତ୍ୟାଶିତ ବର୍ଷା ସ୍ଥିତି ସୃଷ୍ଟି ହେଉଛି। ସୂର୍ଯ୍ୟ ଅସ୍ତ ହେଲେ ମଧ୍ୟ ବିପଦ ଶେଷ ହେଉନାହିଁ। ଯାହା ଫଳରେ ଅତି ଉଷ୍ମ ରାତି ସଂଖ୍ୟା ଉଷ୍ମ ଦିନ ଅପେକ୍ଷା ଦ୍ରୁତ ଗତିରେ ବଢୁଛି। ଗତ ଦଶନ୍ଧି (୨୦୧୨-୨୦୨୨) ମଧ୍ୟରେ ୭୦ ପ୍ରତିଶତ ଜିଲ୍ଲାରେ ପ୍ରତି ଗ୍ରୀଷ୍ମ ଋତୁରେ ପାଞ୍ଚରୁ ଅଧିକ ଅତିରିକ୍ତ ଅତି ଉଷ୍ମ ରାତି ସ୍ଥିତି ଦେଖିବାକୁ ମିଳିଛି। ଏହି ଉଷ୍ମ ରାତିଗୁଡ଼ିକ ଗରମ ଦିନ ଅପେକ୍ଷା ଦ୍ରୁତ ଗତିରେ ବଢୁଛି ଏବଂ ମାନବ ଶରୀରକୁ ଥଣ୍ଡା ହେବା ଓ ଦିନର ଗରମରୁ ସୁସ୍ଥ ହେବା ପାଇଁ ଆହ୍ୱାନ ସୃଷ୍ଟି କରୁଛି। ମୁମ୍ବାଇର ବାସିନ୍ଦାମାନେ ପୂର୍ବ ତିନି ଦଶନ୍ଧି ତୁଳନାରେ ପ୍ରତି ଗ୍ରୀଷ୍ମ ଋତୁରେ ୧୫ ଅଧିକ ଅତି ଉଷ୍ମ ରାତି ଅନୁଭବ କରୁଛନ୍ତି। ଏହି ସମୟରେ ଜୟପୁର ଓ ଚେନ୍ନାଇରେ ଯଥାକ୍ରମେ ସାତ ଏବଂ ଚାରି ରାତି ଉଷ୍ମ ରାତି ବୃଦ୍ଧି ପାଇଛି। ଏହି ସମସ୍ୟା ବିଶେଷକରି ବୃଦ୍ଧ, ବାହାରେ କାମ କରୁଥିବା ଶ୍ରମିକ, ପିଲା ଏବଂ ଉଚ୍ଚରକ୍ତଚାପ ଓ ମଧୁମେହ ଭଳି ରୋଗରେ ପୀଡିତ ଲୋକଙ୍କ ପାଇଁ ଗମ୍ଭୀର ସ୍ୱାସ୍ଥ୍ୟଗତ ପ୍ରଭାବ ପକାଉଛି।

ମହାରାଷ୍ଟ୍ର, ଓଡ଼ିଶା, ଗୁଜରାଟ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ସ୍ଥାନୀୟ ଯୋଜନାରେ ଜଳବାୟୁ ଏବଂ ସ୍ୱାସ୍ଥ୍ୟ ତଥ୍ୟକୁ ଏକୀକୃତ କରି ପୂର୍ବରୁ ଅଗ୍ରଣୀ ପଦକ୍ଷେପ ନେଉଛନ୍ତି। ଏବେ ଜିଲ୍ଲାସ୍ତରୀୟ ବିପଦ ମୂଲ୍ୟାଙ୍କନ ବ୍ୟବହାର କରି ଏଭଳି ବିପଦର ମୁକାବିଲା ପାଇଁ ପଦକ୍ଷେପ ▶ପୃଷ୍ଠା-୭

# ଆଜି ବାହାରିବ +୨ ପରୀକ୍ଷା ଫଳ

## ଅପରାହ୍ଣ ୪ଟା ରେ ଘୋଷଣା

■ **ଭୁବନେଶ୍ୱର, ୨୦।୫ (ସମିସ)**: +୨ ପରୀକ୍ଷାଫଳ ଆସନ୍ତାକାଲି ଅର୍ଥାତ୍ ବୁଧବାର ପ୍ରକାଶ ପାଇବ। ଅପରାହ୍ଣ ୪ଟାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) କାର୍ଯ୍ୟାଳୟରେ ପରୀକ୍ଷା ଫଳ ଘୋଷଣା କରାଯିବ। ଏହାର ଏକ ଘଣ୍ଟା ପରେ ପରୀକ୍ଷାର୍ଥୀମାନେ ସେମାନଙ୍କ ପରୀକ୍ଷା ଫଳ https://results.odisha.gov.in ଏବଂ https://results.digilocker.gov.in ୱେବସାଇଟ୍‌ରେ ଜାଣିପାରିବେ। ସେହିପରି ଏକ ଘଣ୍ଟା ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ମଧ୍ୟ ସେମାନଙ୍କ ସାମଗ୍ରିକ ପରୀକ୍ଷା ଫଳ ଜାଣିପାରିବେ। ଅଧ୍ୟକ୍ଷ/ଅଧ୍ୟକ୍ଷାମାନେ ସାମ୍‌ସ-ଇସ୍ପେସ୍‌ରୁ ସେମାନଙ୍କର ଟାବୁଲେସନ୍ ରେଜିଷ୍ଟର୍ ପାଇପାରିବେ। ତତ୍କାଳ (ଇନ୍‌ଷ୍ଟାଣ୍ଟ) ପରୀକ୍ଷା ପାଇଁ ଫର୍ମପୂରଣ କରିବାରେ ଏହା ସହାୟକ ହେବ ବୋଲି ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ସୂଚନା ଦେଇଛନ୍ତି। ▶ପୃଷ୍ଠା-୭

**ବିଚ୍ଛିନ୍ନାଞ୍ଚଳରେ ସଂକଟରେ ଓଡ଼ିଆ ଭାଷା**

# ବର୍ଷେ ହେଲା ଶିକ୍ଷକଙ୍କୁ ମିଳିନି ପାଉଣା

**ମିଳିନି ବାର୍ଷିକ ଅନୁଦାନ, ଚିନ୍ତାରେ ଶିକ୍ଷକ**

■ **ବାରିପଦା, ୨୦।୫ (ସମିସ)**: ଖରସୁଆଁ, ଷଢ଼େଇକଳା ଭଳି ବିଚ୍ଛିନ୍ନାଞ୍ଚଳ ସମେତ ପଡ଼ୋଶୀ ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ ଓଡ଼ିଆ ଶିକ୍ଷାଦାନ ସଂପ୍ରତି ସଂକଟରେ। ଏହି ରାଜ୍ୟମାନଙ୍କର ବିଭିନ୍ନ ସରକାରୀ ବିଦ୍ୟାଳୟ ଓ ଚାଟଶାଳୀରେ ମୋଟ ୬୨୬ ଜଣ ଓଡ଼ିଆ ଶିକ୍ଷକ/ଶିକ୍ଷୟିତ୍ରୀ ଦୀର୍ଘ ୨୦ବର୍ଷ ହେଲା ଓଡ଼ିଆ ପଢ଼ାଇ ଆସୁଛନ୍ତି। ସେମାନଙ୍କ ପାଇଁ ୧୧ଜଣ ପରିଦର୍ଶକ ମଧ୍ୟ ନିଯୁକ୍ତ ଅଛନ୍ତି। କିନ୍ତୁ, ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ସେମାନଙ୍କୁ ବର୍ଷକୁ ଦିଆଯାଉଥିବା ୩୦ ହଜାର ଟଙ୍କା ବର୍ତ୍ତମାନ ପର୍ଯ୍ୟନ୍ତ ଦିଆଯାଇନାହିଁ। ୨ଟି ଶିକ୍ଷାବର୍ଷର ଆର୍ଥିକ ଅନୁଦାନ ପାଇନଥିବାରୁ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ସେମାନଙ୍କ ଆଗ୍ରହ କମି କମି ଯାଉଥିବା ଅଭିଯୋଗ ହୋଇଛି। ପ୍ରତିବର୍ଷ ଏପ୍ରିଲରେ ଏହି ଶିକ୍ଷକମାନଙ୍କ ଆକାଉଣ୍ଟକୁ ବାର୍ଷିକ ୩୦ ହଜାର ଟଙ୍କା ସିଧାସଳଖ ପଠାଯାଇଥାଏ। କିନ୍ତୁ ୨୦୨୧-୨୨ ଶିକ୍ଷାବର୍ଷର ଅନୁଦାନ ବକେୟା ପଡ଼ିଥିବା ବେଳେ ଏବେ ସେମାନେ ୨୦୨୪-୨୫ ଶିକ୍ଷାବର୍ଷର ମଧ୍ୟ ଅନୁଦାନ ପାଇନାହାନ୍ତି।

୨୦୨୩-୨୪ ଶିକ୍ଷାବର୍ଷରେ ତତ୍କାଳୀନ ବିଜେଡି ସରକାର ଏହି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମାସିକ ୪,୫୦୦ ଟଙ୍କା ଲେଖାଏଁ ଆର୍ଥିକ ଅନୁଦାନ ଦେବେ ବୋଲି କ୍ୟାବିନେଟ୍‌ରେ ମଞ୍ଜୁର ହୋଇଥିଲା। ମାତ୍ର ସେହି ବର୍ଷ ତାହା କାର୍ଯ୍ୟକାରୀ ହୋଇନପାରିବାରୁ ପୂର୍ବଭଳି ପ୍ରତ୍ୟେକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବ୍ୟାଙ୍କ ଖାତାକୁ ୩୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ସେମାନଙ୍କୁ ଟଙ୍କାଟିଏ ମଧ୍ୟ ମିଳିନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଗତବର୍ଷ ସେପ୍ଟେମ୍ବର ୩୦ତାରିଖରେ ଝାଡ଼ଖଣ୍ଡର ଜଗନ୍ନାଥପୁରରେ ବିଜେପିର ପରିବର୍ତ୍ତନ ଯାତ୍ରା ଉପଲକ୍ଷେ ଆୟୋଜିତ ଜନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଶିକ୍ଷକମାନଙ୍କୁ ବଡ଼ ପ୍ରତିଶ୍ରୁତି ଦେଇଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଓଡ଼ିଆ ଅସ୍ମିତାକୁ ଧ୍ୟାନରେ ରଖି ଓଡ଼ିଆ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଓଡ଼ିଶା ସରକାର ଏଣିକି ▶ପୃଷ୍ଠା-୭

**ନ୍ୟାୟିକ ସେବା ପାଇଁ ସୁପ୍ରିମକୋର୍ଟଙ୍କ ସର୍ତ୍ତ**

# ୩ ବର୍ଷର ଆଇନଜୀବୀ ଅଭିଜ୍ଞତା ବାଧ୍ୟତାମୂଳକ



■ **ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି)**: ଏଣିକି ନ୍ୟାୟିକ ସେବାରେ ପ୍ରବେଶ କରିବା ଲାଗି ସର୍ବନିମ୍ନ ୩ ବର୍ଷର ଆଇନଜୀବୀ ଅଭିଜ୍ଞତା ବାଧ୍ୟତାମୂଳକ ହେବ। ଆଇନ ପାଠ୍ୟକ୍ରମ ଶେଷ କରି ଯୋଗ୍ୟ ବିବେଚିତ ହେଉଥିବା ପ୍ରାର୍ଥୀମାନେ ବିନା ଅଭିଜ୍ଞତାରେ ନ୍ୟାୟିକ ସେବା (ଜୁଡିସିଆଲ ସର୍ଭିସ୍)ରେ ଯୋଗ ଦେଉଥିବାରୁ ଅଧିକାଂଶ ସମୟରେ ସ୍ଥିତି ଖରାପ ହେଉଥିବା ଦର୍ଶାଇ ଏଥିପାଇଁ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ବାଧ୍ୟତାମୂଳକ ହେବ ବୋଲି ଏ ସମ୍ପର୍କିତ ଏକ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ପ୍ରଧାନବିଚାରପତି ଜଷ୍ଟିସ୍ ବି ଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ପ୍ରଧାନବିଚାରପତି ଜଷ୍ଟିସ୍ ଗଭାଇ କହିଛନ୍ତି ଯେ, ବିଗତ ଦୁଇ ଦଶନ୍ଧି ଧରି ନ୍ୟାୟିକ ସେବା ପାଇଁ ଚୟନ ପ୍ରକ୍ରିୟା ଗୋଟିଏ ଢଙ୍ଗରେ ଚାଲିଛି। ଆଇନରେ ସ୍ନାତକ ହାସଲ ▶ପୃଷ୍ଠା-୭






# ପୁରୀ ଭକ୍ତ ନିବାସରେ ରହିଥିଲେ ଜ୍ୟୋତି

## ପ୍ରିୟଙ୍କାଙ୍କ ସୋସିଆଲ ମିଡିଆ, ସିଡିଆର୍, ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

**ସିସିଟିଭି ଫୁଟେଜ୍ ଯାଞ୍ଚ କଲା ପୁଲିସ୍**

**ଜ୍ୟୋତି ଓ ପ୍ରିୟଙ୍କା ବୁଲିଯାଇଥିବା ସ୍ଥାନକୁ ତଦନ୍ତ ପରିସରଭୁକ୍ତ କଲା ପୁଲିସ୍**



■ **ପୁରୀ, ୨୦।୫ (ସମିସ)**: ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରି ଗିରଫ ହୋଇଥିବା ହରିଆଣାର ଜଣାଶୁଣା ୟୁଟ୍ୟୁବର୍ ଜ୍ୟୋତି ମାଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍‌ରେ ପ୍ରତିଦିନ ନୂଆନୂଆ ଗୁମର ଫିଟିବାରେ ଲାଗିଛି। ଜ୍ୟୋତି ପୁରୀ ଆସିବା, ରହିବା, ବୁଲିବା ଆଦି ବିଭିନ୍ନ ଦିଗକୁ ନେଇ ଖୋଳତାଡ଼ ଚାଲିଛି। ସେହିପରି ଜ୍ୟୋତିଙ୍କ ସହ ସମ୍ପର୍କରେ ଥିବା ଏବଂ ତାଙ୍କୁ ପୁରୀ ବୁଲିବାରେ ସହଯୋଗ କରିଥିବା ପୁରୀର ପ୍ରିୟଙ୍କା ସେନାପତି ମଧ୍ୟ ପୁଲିସ ଏବଂ ଏନ୍‌ଆଇଏ ସ୍କାନର୍‌ରେ ରହିଛନ୍ତି।

ଯାଞ୍ଚରୁ ଜଣାପଡ଼ିଛି, ଜ୍ୟୋତି ତାଙ୍କ୦ ବୃଦ୍ଧା ମା’ ଚନ୍ଦ୍ରେର କାନ୍ତାଙ୍କ ସହ ଗତବର୍ଷ ସେପ୍ଟେମ୍ବର ୨୧ରେ ପୁରୀ ଆସିଥିଲେ। ପୁରୀରେ ଦୁଇଦିନିଆ ରହଣି ସମୟରେ ଜ୍ୟୋତି ତାଙ୍କ ବାନ୍ଧବୀ ପ୍ରିୟଙ୍କାଙ୍କ ସହ ଶ୍ରୀମନ୍ଦିର, ସମୁଦ୍ରକୂଳ ରାସ୍ତା, ଚିଲିକା ସମେତ ଆଉ କିଛି ସ୍ଥାନ ବୁଲିବା ସହ ଭିଡିଓ ଉତ୍ତୋଳନ କରିଥିଲେ। “ଶ୍ରୀଜଗନ୍ନାଥ ପୁରୀ ଟେମ୍ପୁଲ ଫୁଲ୍ ଟୁର୍ ଗାଇଡ୍” ନାଁରେ ୪୨ ମିନିଟ୍ ୪ ସେକେଣ୍ଡର ଏକ ଭିଡିଓ ଜ୍ୟୋତି ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରିଥିଲେ। ଯାତ୍ରା ଧାମ ଡଟ୍ ମାଧ୍ୟମରେ ସେ ପୁରୀ ମାର୍କେଟ୍ ଛକ ନିକଟ ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସରେ ଗତବର୍ଷ ସେପ୍ଟେମ୍ବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଗୋଟିଏ ରୁମ୍ ବୁକ୍ କରିଥିଲେ। ଏହି ରୁମ୍ ନମ୍ବର ଥିଲା ୨୦୩। ସେ ନିଜ ମା’ଙ୍କ ସହ ୨୧ ତାରିଖ ପୂର୍ବାହ୍ଣରେ ପହଞ୍ଚି ପରିଚୟପତ୍ର ଦେଖାଇ ରୁମ୍‌ରେ ରହିବା ସହ ୨୨ ତାରିଖ ସନ୍ଧ୍ୟାରେ ଛାଡ଼ିଥିଲେ। ୨୩ତାରିଖ ଯାଏଁ ରୁମ୍ ବୁକ୍ ଥିଲେ ମଧ୍ୟ ତାଙ୍କ ଟ୍ରେନ୍ ୨୨ତାରିଖ ରାତିରେ ଥିବାରୁ ସେ ସେହି ସନ୍ଧ୍ୟାରେ ରୁମ୍ ଛାଡ଼ିଥିଲେ। ତେବେ, ଏହି ରହଣି ମଧ୍ୟରେ ପ୍ରିୟଙ୍କା କି ଅନ୍ୟ କେହି ବାହାର ଲୋକ ଜ୍ୟୋତିଙ୍କୁ ସାକ୍ଷାତ କରି ନଥିବା ଭକ୍ତ ନିବାସ ମ୍ୟାନେଜର କହିଛନ୍ତି। ପୁରୀ ପୁଲିସ ସମ୍ପୃକ୍ତ ଭକ୍ତ ନିବାସକୁ ଯାଇ ପଚରାଉଚରା କରିବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ ତଥା ତଥ୍ୟ ସଂଗ୍ରହ କରିଛି। ପୁଲିସ୍‌କୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରୁଥିବା କହିଛନ୍ତି ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସ ମ୍ୟାନେଜର୍। ଅପରପକ୍ଷେ, ଜ୍ୟୋତିଙ୍କ ପୁରୀ ବୁଲିବା ଓ ଦିନତମାମ ବ୍ଲଗ୍ କରିବା ସମୟରେ ସହଯୋଗ ▶ପୃଷ୍ଠା-୭

# ବାଲିଆପାଳରେ ନାହିଁ ଶୀତଳଭଣ୍ଡାର

ବାଲିଆପାଳ, ୨୦।୫ (ସମିସ)



କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା ହାତକୁ ନେଉଛନ୍ତି ଓ ଉନ୍ନତ ପ୍ରଣାଳୀରେ ଚାଷ କରି ଅଧିକ ଅମଳ କରାଇବା ଲକ୍ଷ୍ୟରେ ବହୁ ପ୍ରଶିକ୍ଷଣ ଦିଆଯିବାର ଯୋଜନା କରାଯାଉଛି। ଚାଷୀ କ୍ଷେତରେ ଉତ୍ପାଦନ କରୁଥିଲେ ମଧ୍ୟ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଉନାହିଁ। ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ଶୀତଳଭଣ୍ଡାରରେ ରହିଯାଇଛି ସରକାରଙ୍କ ଶୀତଳଭଣ୍ଡାର ପ୍ରକଳ୍ପ।

ନଦୀନାଳ ଘେରା ବାଲିଆପାଳ ବ୍ଲକରେ ଧାନ, ପାନ, ମୀନ ସହିତ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ବହୁ ଚାଷୀ ଲାଭବାନ ହେଉଛନ୍ତି। ପନିପରିବା ବେପାର ବଣିଜର ମୁଖ୍ୟ ବଜାର ସିମୁଳିଆ ଉପରେ କେବଳ ବାଲିଆପାଳ ବ୍ଲକ ନୁହେଁ ପଡ଼ୋଶୀ ଜଳେଶ୍ୱର ଓ ଭୋଗରାଇ ବ୍ଲକର ଚାଷୀ ମଧ୍ୟ ନିର୍ଭର କରୁଛନ୍ତି। ସେହିପରି ସମୁଦ୍ରରୁ ଶହ ଶହ କ୍ୱିଣ୍ଟାଲ ମାଛ ଧରା ହୋଇ ପ୍ରତିଦିନ ବାଲିଆପାଳ ବ୍ଲକର ଡଗରା ଚୌମୁଖ ମାଛଧରା ଜେଟିକୁ ଆସି ବିଭିନ୍ନ ସ୍ଥାନକୁ ରପ୍ତାନୀ କରାଯାଏ। ହେଲେ ଆଜି ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ବାଲିଆପାଳରେ ଶୀତଳଭଣ୍ଡାର ନିର୍ମାଣ ହୋଇପାରିଲା ନାହିଁ। ଏଥିପ୍ରତି ଉଦ୍ୟାନ କୃଷି ବିଭାଗ କିମ୍ବା ବ୍ଲକ ପ୍ରଶାସନ କାହାରି ଆନ୍ତରିକତା ଥିବା ଭଳି ମନହେଉନି। ବାଲିଆପାଳ ବ୍ଲକର ମଝିପଡ଼ା, ମାନପୁର, ପାଳସାହି ବିଷ୍ଣୁପୁର, ଘାଣ୍ଟୁଆ, ନିଖିରା, ଶ୍ରୀରାମ ପୁର ଏକଡପାଳ, ଅସ୍ତି ଅଞ୍ଚଳରୁ ପରିବା ଉତ୍ପାଦିତ ହେଉଛି। ସିମୁଳିଆ ବଜାରରୁ ମଧ୍ୟ ଟ୍ରକ ଟ୍ରକ ପନିପରିବା ପଡ଼ୋଶୀ ଛୋଟ ଛୋଟ ବଜାରକୁ ପଠାଯାଉଛି। ଅଧିକ ଅମଳ କାରଣରୁ ବହୁ ସମୟରେ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଶୀତଳଭଣ୍ଡାର ହେଲେ ବଳକା ସାମଗ୍ରୀ ଗଚ୍ଛିତ ରଖାଯାଇପାରିବ। ଆବଶ୍ୟକ ସମୟରେ ଉଚିତ ମୂଲ୍ୟରେ ବି ବିକ୍ରି ହୋଇପାରିବ।

**ଅଭାବୀ ବିକ୍ରିର ଶିକାର ଚାଷୀ**

ଏହି ବ୍ଲକରେ ଘରୋଇ ଭାବେ ମଧ୍ୟ ଗୋଟିଏ ବି ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଓ ବେପାରୀମାନେ ବାଧ୍ୟ ହୋଇ ଅତି ଦରକାର ବେଳେ ଅଧିକ ଖର୍ଚ୍ଚାନ୍ତ ହୋଇଛନ୍ତି। ଦୀର୍ଘ ବର୍ଷ ହେଲା ଏହି ଅଞ୍ଚଳର ଚାଷୀମାନେ ଶୀତଳଭଣ୍ଡାର ନିର୍ମାଣ ପାଇଁ ଦାବି କରି ଆସୁଛନ୍ତି। ନେତା, ମନ୍ତ୍ରୀ ପ୍ରତିଶ୍ରୁତି ମଧ୍ୟ ଦେଇ ଆସୁଛନ୍ତି। କିନ୍ତୁ ପ୍ରତିଶ୍ରୁତି ସେମିତି ରହିଯାଉଛି।

## ଲକ୍ଷାଧିକ ଟଙ୍କାର ଧନସମ୍ପତ୍ତି ପୋଡ଼ି ପାଉଁଶ

ଜଳେଶ୍ୱର ବ୍ଲକ, ୨୦।୫(ସମିସ): ଘରେ ନିଆଁ ଲାଗି ଗୃହ ପାଳିତ ଛେଳି, ଚାଷ କରି ଅମଳ କରିଥିବା ମୁଗ, ଧାନ, ଘରର ମୂଲ୍ୟବାନ ଆସବାବପତ୍ର ଜଳି ପାଉଁଶ ହୋଇଯାଇଛି। ଏପରି ଅଭାବନୀୟ ଘଟଣା ଘଟିଛି ଜଳେଶ୍ୱର ଥାନା ଅନ୍ତର୍ଗତ ଝାଡ଼ପିମ୍ପଲ୍ ଗ୍ରାମ ପଞ୍ଚାୟତର ବାଇଗଣ ବାଡିଆ ଗ୍ରାମରେ। ସୋମବାର ରାତିରେ ପଙ୍କଜିନି ଦଣ୍ଡପାଟ ତାଙ୍କ ଗୁହାଳରେ ଗୋରୁଙ୍କୁ ମଶା ଦାଉରୁ ରକ୍ଷା ପାଇଁ ମଶାଧୂଆଁ ଦେଇ ଥିଲେ। ପରେ ନିଆଁ ଚରି ଯାଇ ପାଖରେ ଥିବା ଧାନଗଦାରେ ନିଆଁ ଲାଗିଯାଇଥିଲା। ଏହା ଜାଣିବା ପରେ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲେ। ଏହାସହ ଦମକଳ ବାହିନୀକୁ ମଧ୍ୟ ଖବର ଦେଇଥିଲେ। ଦମକଳ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ସମସ୍ତ ଧାନ ପୋଡି ପାଉଁଶ ହୋଇଯାଇଥିଲା ଏବଂ ଦୁଇଟି ଛେଳି ନିଆଁ ଲାଗି ମରିଯାଇଛି। ଅଳ୍ପକେ ବର୍ତ୍ତି ଯାଇଥିଲା ଗୋଟିଏ ଗୋରୁ। ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହିତ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ତେବେ ନିଆଁ ଲାଗି ଘର ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ହୋଇ ଯାଇଥିବା ବେଳେ ସୁନା ଗହଣା ସହିତ ଲକ୍ଷାଧିକ ଟଙ୍କାର ମୁଲ୍ୟବାନ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିବା ଘର ମାଲିକ ପଙ୍କଜିନି ଦଣ୍ଡପାଟ କହିଛନ୍ତି।। ଏହାରି ଭିତରେ ସମସ୍ତ ଆସବାବପତ୍ର ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। ନିଆଁ ଲାଗି ଲକ୍ଷାଧିକ ଟଙ୍କାରଧାନ ପୋଡ଼ି ପାଉଁଶ ହୋଇଯାଇଛି। ପଂଚାୟତ ବାସୀ ତୁରନ୍ତ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି।

## ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ



ଜଳେଶ୍ୱର ବ୍ଲକ, ୨୦।୫ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଗୋବରଘାଟା ଗ୍ରାମ ପଞ୍ଚାୟତର ନବ ନିର୍ମିତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ଚାଳିଶ ବର୍ଷ ଧରି ସରକାରୀ ଜାଗାକୁ ମାଡିବସିଥିଲେ ହାରାର୍ଦ୍ଧନ ପ୍ରଧାନ। ଏ ନେଇ ପଞ୍ଚାୟତ ବାସୀ ଅଭିଯୋଗ କରିଥିଲେ ଏବଂ ଅଭିଯୋଗ ଆଧାରରେ ତଦନ୍ତ ହୋଇଥିଲା। ପରେ ନବ ନିର୍ମିତ ଆରଆଇ ଅଫିସର କାର୍ଯ୍ୟର ତ୍ୱରାନ୍ୱିତ କାର୍ଯ୍ୟରେ ବାଧକ ସାଜିବାରୁ ସର୍ବସାଧାରଣଙ୍କ ସୁବିଧା ସୁଯୋଗ ପାଇଁ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ଆଜି ଜଳେଶ୍ୱର ଭାରପ୍ରାପ୍ତ ତହସିଲଦାର ଗୌରାଙ୍ଗ ଚରଣ ଘୋଷ ଏବଂ ବସ୍ତା ତହସିଲଦାର ରାଧାରଂଜନ ଦାସ, ଜଳେଶ୍ୱର ଆଇଆଇସି ଜୟନ୍ତ ବେହେରା ଏବଂ ରାଜସ୍ୱ ନିରୀକ୍ଷକ ଉପସ୍ଥିତିରେ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଦୀନକୃଷ୍ଣ ଗିରି, ବୁଦ୍ଧେଶ୍ୱର ପ୍ରଧାନ, ପ୍ରଫୁଲ୍ଲ ଦଳାଇ, ଗ୍ରାମର ସଭାପତି ଦୀପକ ଗିରି, ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ବାଲି ଉତ୍ତୋଳନବେଳେ ପ୍ରଶାସନର ଚଢ଼ଉ

ବାଲେଶ୍ୱର,୨୦।୫(ସମିସ): ବାଲେଶ୍ୱର ଜିଲ୍ଲା ରେମୁଣା ତହସିଲ ଅଧିନସ୍ଥ ଦୁର୍ଗାଦେବୀ ପଞ୍ଚାୟତର ହାତିଆଗଣ୍ଡ ନିକଟରେ ପ୍ରବାହିତ ସୋନ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉ ଥିବାବେଳେ ପୁଲିସ, ମାଇନିଂ ଅଧିକାରୀ ଓ ତହସିଲଦାରଙ୍କ ତରଫରୁ ମିଳିତ ଚଢଉ କରାଯାଇଛି। ମଙ୍ଗଳବାର ଦିନ ପୂର୍ବାହ୍ନରେ ସୋନ ନଦୀରୁ ବାଲି ଚୋର ମାନେ ଭେଳା ଦ୍ୱାରା ବାଲି ଉତ୍ତୋଳନ କରୁଥିଲେ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ଉପରୋକ୍ତ ବିଭାଗୀୟ ଅଧିକାରୀମାନେ ମିଳିତ ଭାବେ ଚଢ଼ଉ କରିବାକୁ ଆସିଥିଲେ। ଅଧିକାରୀମାନଙ୍କ ଗାଡି ଆସୁଥିବାର ଦେଖି ବାଲିଚୋରମାନେ ନଦୀ ଜଳରେ ପହଁରି ଫେରାର ହୋଇଯାଇ ଥିଲେ। ଚଢ଼ାଉରେ ଯାଇଥିବା ଅଧିକାରୀମାନେ ନଦୀ ଜଳରୁ ପାଞ୍ଚଟି ଭେଳା ଜବତ କରିବା ସହିତ ନଦୀ କୂଳରେ ବାଲି ଚୋରଙ୍କ ଦ୍ୱାରା ଗଚ୍ଛିତ ଥିବା ବାଲିକୁ ଘଟଣା ସ୍ଥଳରେ ନିଲାମ କରାଇ ଥିଲେ। ଜବତ ଭେଳା ଗୁଡିକୁ ଘଟଣା ସ୍ଥଳରେ ଅଧିକାରୀମାନେ ଭାଙ୍ଗି ନଷ୍ଟ କରିଦେଇଛନ୍ତି।

## ସିଟୁ ତରଫରୁ ପ୍ରତିବାଦ ସଭା

ନୀଳଗିରି,୨୦।୫(ସମିସ): ସିପିଆଇ(ଏମ୍) ର ଜିଲ୍ଲା କମିଟି ପକ୍ଷରୁ ୨୦ ତାରିଖରେ ହେବାକୁ ଥିବା ସାଧାରଣ ଧର୍ମଘଟ ଓ ପ୍ରତିବାଦ ସଭା ଜୁଲାଇ ୯ ତାରିଖକୁ ଘୁଞ୍ଚିବା ନେଇ ଏକ ପ୍ରେସ ଇସ୍ତାହାରରେ ଦଳ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରରେ ବିଜେପି ସରକାର ଆସିବା ପରେ ଶ୍ରମିକ ମାନଙ୍କ ସହିତ ସମସ୍ତ ବର୍ଗର ଲୋକଙ୍କ ଉପରେ ଆକ୍ରମଣ କରୁଛି। ଏହାକୁ ପ୍ରତିବାଦ କରି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍ ଚଳିତ ମାସ ୨୦ ତାରିଖରେ ସାଧାରଣ ଧର୍ମଘଟ ଡାକରା ଦେଇଥିଲା। ସମ୍ପ୍ରତି ଭାରତ ଓ ପାକିସ୍ଥାନ ମଧ୍ୟରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ସେନେଇ ଉକ୍ତ ଧର୍ମଘଟକୁ ଆସନ୍ତା ଜୁଲାଇ ୯ ତାରିଖକୁ କରିବା ପାଇଁ ସ୍ଥିର କରାଯାଇଛି। ସେଥିପାଇଁ ସିଟୁ ତରଫରୁ ସୋମନାଥପୁରର ତିନୋଟି ଡିପୋ ଓ ବାଲେଶ୍ୱର ବସ୍‌ଷ୍ଟାଣ୍ଡରେ ପ୍ରତିବାଦ ସଭା କରାଯାଇଛି। ଉକ୍ତ ସଭାରେ ମୋଟର ଟ୍ରାନ୍ସପୋର୍ଟ ୟୁନିଅନର ସାଧାରଣ ସମ୍ପାଦକ ରାଜକିଶୋର ଲେଙ୍କା ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ସାଥୀ ଅମର ରାଉତ, ଅକ୍ଷୟ ସ୍ୱାଇଁ, ସୁଶାନ୍ତ ସାହୁ, ମଦନ ବେହେରା, ଭୋଳାନାଥ ବଳ, ସେକ୍ ମୁବାରକ, ନିତ୍ୟାନନ୍ଦ ମଲ୍ଲିକ, ସଂଜୀବ ମଲ୍ଲିକଙ୍କ ସମେତ ବହୁ ସାଥୀ ଉପସ୍ଥିତ ରହି ଆସନ୍ତା ଜୁଲାଇ ୯ ତାରିଖ ଧର୍ମଘଟକୁ ସଫଳ କରିବାପାଇଁ ନିବେଦନ କରିଥିଲେ। ପରେ ଏ ନେଇ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ ସରକାରଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ସର୍ବସମ୍ମତି କ୍ରମେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି।

● ରାସ୍ତା ଉପରୁ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ଘଟଣା

## ହତ୍ୟାକାଣ୍ଡରେ ବ୍ୟବହୃତ ଟ୍ରାକ୍ଟର ଜବତ, ଜଣେ ଗିରଫ

ଚନ୍ଦନେଶ୍ୱର, ୨୦।୫(ସମିସ): ବାଲେଶ୍ୱର ଜିଲ୍ଲା ତାଳସାରି ସାମୁଦ୍ରିକ ଥାନା ହୁଗୁଳି ପଞ୍ଚାୟତର ଚନ୍ଦନେଶ୍ୱର-ତାଳସାରି ରାସ୍ତାର ବିନ୍ଧା ପଦ୍ମପୁର ମୁଖ୍ୟ ରାସ୍ତାରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଗତ ଶୁକ୍ରବାର ସକାଳେ ଉଦ୍ଧାର ହୋଇଥିଲା ବେଳେ ଉକ୍ତ ଘଟଣାରେ ବ୍ୟବହୃତ ଟ୍ରାକ୍ଟରକୁ ପୁଲିସ ଜବତ କରିବା ସହିତ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଭୋଗରାଇ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ନଗେନ୍ଦ୍ର ମହାନ୍ତିଙ୍କ ପୁଅ ଚନ୍ଦନ କୁମାର ମହାନ୍ତି (୩୮)। ସୂଚନା ମୁତାବକ, ଗତ ଗୁରୁବାର ବିଳମ୍ବିତ ରାତିରେ ଶିବଶଙ୍କର ପଣ୍ଡା (୪୫)କୁ ଆକ୍ରମଣ କରି ମାରି ଦେବା ସହିତ ଏହାକୁ ସଡ଼କ ଦୁର୍ଘଟଣାର ରୂପ ଦେବା ପାଇଁ ତାଙ୍କର ମୁଣ୍ଡକୁ ଏକ ଟ୍ରାକ୍ଟର ଚକ ତଳେ ଚାପି ରାସ୍ତା ମଝିରେ ପକାଇ ଦେଇଥିଲେ। ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ତାଳସାରି ସାମୁଦ୍ରିକ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ତାଳସାରି ସାମୁଦ୍ରିକ ଥାନା କେସ ନଂ ୪୩/୨୫ ରେ ପୁଲିସ ଏକ ମାମଲା ରୁଜୁ କରି ଶବ ଜବତ କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପୁଲିସ ମୃତ ଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ଜାରି ରଖିଥିବା ବେଳେ ହତ୍ୟାକାଣ୍ଡରେ ବ୍ୟବହୃତ ଟ୍ରାକ୍ଟରକୁ ମଙ୍ଗଳବାର ତାଳସାରି ସାମୁଦ୍ରିକ ଥାନା ପୁଲିସ ଜବତ କରିବା ସହିତ ହତ୍ୟା ଘଟଣାରେ ସାମିଲ ଥିବା ଜଗନ୍ନାଥପୁର ଗ୍ରାମର ଚନ୍ଦନ କୁମାର ମହାନ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଆଇଆଇସି ଚମ୍ପାବତୀ ସୋରେନ ସୂଚନା ଦେଇଛନ୍ତି।

**ରିଲ୍ସ କରିବା ହେଲା କାଳ**

## ଟ୍ରେନ୍ ଦୁର୍ଘଟଣାରେ ନାବାଳିକା ଗୁରୁତର

ନୀଳଗିରି,୨୦।୫ (ସମିସ): ମହଙ୍ଗା ପଡ଼ିଲା ରିଲ୍ସ କରିବା। ଗୋପିନାଥପୁର ରେଳ ଷ୍ଟେସନରେ ଟ୍ରେନ ଦୁର୍ଘଟଣାରେ ଜଣେ ନାବାଳିକା ଗୁରୁତର ହୋଇଛନ୍ତି। ଗୋପିନାଥପୁର ଗ୍ରାମର ମାମା ସିଂଙ୍କ ଝିଅ ବର୍ଷା ସିଂ(୧୬) ସନ୍ଧ୍ୟା ସମୟରେ ଗୋପିନାଥପୁର ବାଲେଶ୍ୱର ମେମୁ ଟ୍ରେନ ଅଟକି ଥିବା ବେଳେ ସେଥିରେ ଚଢି ରିଲ୍ସ କରୁଥିଲେ। ହେଲେ ସମୟ ହେବାରୁ ଟ୍ରେନଟି ଷ୍ଟେସନରୁ ଛାଡିଥିବା ବେଳେ ଟ୍ରେନରୁ ତରବରିଆ



ଓହ୍ଲାଇବା ବେଳେ ଟ୍ରେନରୁ ବର୍ଷାଙ୍କ ଗୋଡ ଖସି ଯାଇଥିଲା। ତାଙ୍କର ବାମ ଗୋଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସ୍ଥିତି ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଅନେକ ଯୁବ ପିଢି ରିଲ୍ସ କରିବା ନିଶାରେ ବିନା ଟିକଟରେ ଟ୍ରେନରେ ଚଢି ରିଲ୍ସ କରୁଛନ୍ତି। ଉକ୍ତ ଷ୍ଟେସନରେ ରେଳ ବିଭାଗ ପକ୍ଷରୁ ପୁଲିସ ଓ ଟିଟିଆଇ ମୁତୟନ କରିବାକୁ ସାଧାରଣରେ ଦାବି ହୋଇଛି।

## ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ପରାକ୍ରମ ଶୋଭାଯାତ୍ରା




କାଳିପଦା, ୨୦।୫ (ସମିସ): ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ମଙ୍ଗଳବାର ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଖଗଡାପାଳ ଶିବ ମନ୍ଦିର ପରିସରରୁ ବାହାରି ସିମୁଳିଆ ମାର୍କେଟ, ରାଜାରାଣୀ ଛକ, ବ୍ଲକ ଛକ, ପାରୁଳିଆ ଛକ, ଜାମକୁଣ୍ଡା ଛକ ଅତିକ୍ରମ କରି ପୁରୁଣା ବସ୍‌ଷ୍ଟାଣ୍ଡ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ପହଞ୍ଚି ଥିଲା। ବାଲିଆପାଳ ବିଜେପି ପକ୍ଷରୁ ଆଜି ଏହା ପାଳିତ ହୋଇଛି। ଏଥିରେ ଭାଜପା ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ଅରବିନ୍ଦ ବେହେରା, ସୁଧାଂଶୁ କୁମାର ପାଣ୍ଡା, କ୍ଷୀତିଶ କୁମାର ଜେନା, ଗୌରବ କୁମାର ଅଣ୍ଡିଆ, ଅଜୟ କୁମାର ସାହୁ, ମହେଶ୍ୱର ଜେନା, ଗଜେନ୍ଦ୍ର ଜେନା ପ୍ରମୁଖ ଶତାଧିକ ସାମିଲ ହୋଇ ଥିଲେ।

## ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ




ବାଲେଶ୍ୱର,୨୦।୫ (ସମିସ): ସ୍ନାତକ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ସମ୍ବନ୍ଧିତ ବିଭିନ୍ନ ଦିଗ ସଂପର୍କରେ ଅବଗତ କରାଇବା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୨୦ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଜୁନ ମାସ ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରର ୩୦୦ରୁ ଉର୍ଦ୍ଧ ସ୍ନାତକ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ପ୍ରାୟ ୧୩୦୦ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ବେଳେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ନିୟମିତ ପାଠ୍ୟକ୍ରମ ବିଭାଗ ଓ ସ୍ୱୟଂବିତ୍ତ ପାଠ୍ୟକ୍ରମର ନିର୍ଦ୍ଦେଶାବଳୀ ଅନୁସାରେ ୩୦୦ ଜଣ ଛାତ୍ରଛାତ୍ରୀଙ୍କୁ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରାଯାଇଛି। ଉଦଘାଟନୀ ବୈଠକରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆଗ୍ରହ ପ୍ରକାଶ କରିବାକୁ ନେଇ ଅଭିନନ୍ଦନ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ଅଗ୍ରୱାଲ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଡ. ନିହାର ରଞ୍ଜନ ରାଉତ, ପି.ଜି ହଷ୍ଟେଲ ୱାର୍ଡେନ ପ୍ରଫେସର ସୁନୀଲ କୁମାର ପାଢ଼ୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଓ ଆମନ୍ତ୍ରିତ ବିଶେଷଜ୍ଞ ତଥା ଶିକ୍ଷାବିତଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଉଦଘାଟନୀ କାର୍ଯ୍ୟକ୍ରମକୁ ଡ. ରାଜଶ୍ରୀ ଦତ୍ତ ସଂଚାଳନ କରିଥିଲେ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ଦେବଦତ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ



ବାଲେଶ୍ୱର,୨୦।୫(ସମିସ): ନାଉପାଳଗଡି ଗ୍ୟାସ୍ ସିଲିଣ୍ଡର୍ ବିସ୍ଫୋରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛି। ଅଭିଯୁକ୍ତ ଜଣକ ହେଲେ ଶେଖ୍ ହାଫିଜ ମହମ୍ମଦ। ଅଭିଯୁକ୍ତଙ୍କୁ ଖୋର୍ଦ୍ଧା କାଇପଦରରୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ମେରାଇନ ଥାନା ଅନ୍ତର୍ଗତ ନାଉପାଳଗଡ଼ରେ ହାଫିଜ ଦୀର୍ଘଦିନ ଧରି ବେଆଇନ ଗ୍ୟାସ ସିଲିଣ୍ଡର ବ୍ୟବସାୟ କରୁଥିଲା। ଚଳିତ ମାସ ୧୨ ତାରିଖ ଦିନ ନିଆଁ ଲାଗି ଏକାଥରେ ୯ଟି ସିଲିଣ୍ଡର ବିସ୍ଫୋରଣ ସହିତ ବିପଦସଙ୍କୁଳ ଅବସ୍ଥାରେ ୮୦ ରୁ ଅଧିକ ଗ୍ୟାସ ସିଲିଣ୍ଡରକୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲେ। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଲୋକେ ଘରୁ ବାହାରି ଏଣେତେଣେ ଦୌଡିଥିଲେ। ଏହି ଘଟଣା ପରେ ୩ ବର୍ଷ ଧରି ଚୋରା ସିଲିଣ୍ଡର ବ୍ୟବସାୟ ସାମ୍ନାକୁ ଆସିଥିଲା। ଏ ନେଇ ବଳରାମଗଡି ମେରାଇନ ଥାନାରେ ୨୦/୨୫ ରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିଲା।

## କାଳଶିମିଳିରେ ଏକାଧିକ ଶିଶୁ କାମଳ ରୋଗରେ ଆକ୍ରାନ୍ତ


କାଳିପଦା, ୨୦।୫ (ସମିସ)

ବାଲିଆପାଳ ବ୍ଲକ ପଞ୍ଚୁପାଲି ପଞ୍ଚାୟତ କାଳ ଶିମିଳି ଗାଁରେ ଏବେ କାମଳ ରୋଗ (ଜଣ୍ଡିସ ) ବ୍ୟାପିବାରେ ଲାଗିଛି। ଏହି ଗାଁର ସାତରୁ ଅଧିକ ଶିଶୁ କାମଳ ରୋଗରେ ଆକ୍ରାନ୍ତ ହୋଇ ଥିବା ଜଣାଯାଇଛି। ଆକ୍ରାନ୍ତ ମାନେ ହେଲେ ଅମୂଲ୍ୟ କୁମାର ମଲ୍ଲିକଙ୍କ ଝିଅ ଅନନ୍ୟା, ଚିରଞ୍ଜୀବ ମଲ୍ଲିକଙ୍କ ପୁଅ ସିମ ରାମ, ହରିହର ମଲ୍ଲିକଙ୍କ ପୁଅ ଆୟୁଷ, ଅଜୟ କୁମାର ପଟ୍ଟାୟତଙ୍କ ଝିଅ ଜ୍ୟୋତିସ୍ମିତା, ତାଙ୍କର ଆଉ ଜଣେ ଝିଅ ଜିଜ୍ଞାସା ପଟ୍ଟାୟତ, ତପନ ମଲ୍ଲିକଙ୍କ ଝିଅ ସନ୍ତୋଷୀ ଓ ପବିତ୍ର କୁମାର ବେହେରାଙ୍କ ଝିଅ ମାନିନୀ। ସମସ୍ତଙ୍କ ବୟସ ୧୦ ବର୍ଷରୁ କମ୍ ରହିଛି। ପରିବାର ଲୋକ ଆକ୍ରାନ୍ତମାନଙ୍କୁ ଲଙ୍ଗଳେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ସଦର ହସ୍ପିଟାଲକୁ ନେଇ ଚିକିତ୍ସା କରାଇ ଥିଲେ ବି ରୋଗ ଥମୁ ନ ଥିବା ଜଣା ଯାଇଛି। ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେବଳ ଏଏନଏମ ସେଣ୍ଟର ସେବିକା,

**ଡାକ୍ତରୀ ଟିମ୍ ପଠାଇବାକୁ ଦାବି**



ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ମାନଙ୍କୁ ଗାଁକୁ ପଠାଯାଇଛି। ଏମାନେ କେବଳ ଲୋକଙ୍କୁ ସଚେତନ କରୁଛନ୍ତି। କାମଳ ଏକ ଜଳବାହିତ ରୋଗ ହୋଇ ଥିବାରୁ ଲୋକେ ବିଶୁଦ୍ଧ ପିଇବା ପାଣି ପିଇବା ଅତି ଜରୁରୀ। ଆକ୍ରାନ୍ତ ପରିବାର ମାନେ ସରପଞ୍ଚ ଦିଲ୍ଲୀପ କୁମାର ଗିରିଙ୍କୁ ମଧ୍ୟ ଜଣାଇଛନ୍ତି। ତେବେ ଏକ ଡାକ୍ତରୀ ଦଳ ପୀଡ଼ିତ ଗାଁକୁ ପ୍ରଶାସନ ପଠାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷେ ରୋଗ ନିୟନ୍ତ୍ରଣରେ ରହିଛି ବୋଲି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ପ୍ରୀତମ କୁମାର ସାହୁ କହିଛନ୍ତି।






# ବସ୍ତା ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମାଧାନ ଦାବି

## ● ସିଡିଏମ୍‌ଓଙ୍କୁ କଂଗ୍ରେସ ଯୁବ ନେତାଙ୍କ ଦାବିପତ୍ର



ବାଲେଶ୍ୱର,୨୦।୫(ସମିସ): ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଜିଲ୍ଲା କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ସୁଧାଂଶୁ ଶେଖର ଜେନାଙ୍କ ନେତୃତ୍ୱରେ ବସ୍ତା କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ବସ୍ତା ଡାକ୍ତରଖାନାର ଗୁରୁତ୍ୱ ଜିଲ୍ଲାର ଅନ୍ୟ ଡ଼ାକ୍ତରଖାନା ଠାରୁ ଅନେକ ରହିଛି। କାରଣ ଷାଠିଏ ନମ୍ବର ଜାତୀୟ ରାଜପଥରେ ପ୍ରତ୍ୟେକ ଦିନ ଦୁର୍ଘଟଣାରେ ଶିକାର ହେଉଥିବା ଲୋକମାନେ ଏହି ଡାକ୍ତରଖାନାକୁ ଆସନ୍ତି। ହେଲେ ଏହି ଡାକ୍ତରଖାନାରେ ବର୍ତ୍ତମାନ ସୁଦ୍ଧା କୌଣସି ଅତ୍ୟାଧୁନିକ ପରୀକ୍ଷା ପାଇଁ ମେସିନ ଓ ଯନ୍ତ୍ରପାତି ନାହିଁ। ଏପରିକି ଅତ୍ୟାବଶ୍ୟକୀୟ ଅଲଟ୍ରାସାଉଣ୍ଡ ମେସିନ ଏହି ଡାକ୍ତରଖାନାକୁ ସରକାର ଯୋଗାଇ ଦେଇନାହାଁନ୍ତି। ଏହିଭଳି ବିଭିନ୍ନ ସମସ୍ୟା ବସ୍ତା ଡ଼ାକ୍ତରଖାନାରେ ରହିଥିବା ଯୋଗୁଁ ରୋଗୀ ମାନଙ୍କ ସେବାରେ ଅବହେଳା ହେଉଛି। ଏହି ସବୁ ସମସ୍ୟାର ସମାଧାନ କରିବା ଦାବିରେ ବସ୍ତା କଂଗ୍ରେସ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ବରିଷ୍ଠ କଂଗ୍ରେସ ନେତା ମଦନ ଭକ୍ତା, ଯୁବ କଂଗ୍ରେସ ନେତା ଜଗନ୍ନାଥ ଜେନା, ପୂର୍ବତନ ୱାର୍ଡସଭ୍ୟ ବିଶ୍ୱରଂଜନ ଦାସ, ଛାତ୍ର କଂଗ୍ରେସ ନେତା ସନ୍ତୋଷ ଗୋଛାୟତ, ଜୟନାରାୟଣ ଦାସ, ଅଜିତ୍ ଜେନା, କାହ୍ନା ବାରିକ, ଜନ୍ମେଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ବାଲେଶ୍ୱର,୨୦।୫ (ସମିସ): ରାଜ୍ୟ ସରକାର ଗତ ଜାନୁଆରୀ ମାସରୁ ୮୦ବର୍ଷରୁ ଅଧିକ ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମମାନଙ୍କର ମାସିକ ଭତ୍ତା ୩୫ଶହ ଟଙ୍କାକୁ ବୃଦ୍ଧି କରିଛନ୍ତି। ମାତ୍ର ଇତି ମଧ୍ୟରେ ୫ମାସ ସରିବାକୁ ବସିଥିବା ବେଳେ ବାଲେଶ୍ୱର ଜିଲ୍ଲାର ଉପରୋକ୍ତ ବର୍ଗର ଅଧିକାଂଶ ହିତାଧିକାରୀ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଅଧିକାଂଶ ହିତାଧିକାରୀମାନଙ୍କର ଏହି ଭତ୍ତା ହିଁ ବଞ୍ଚିବାର ଏକମାତ୍ର ପନ୍ଥା ହୋଇଥିବା ବେଳେ ଦୀର୍ଘ ୫ମାସ ଧରି ଭତ୍ତା ନ ପାଇବା ଯୋଗୁଁ ସେମାନେ ମାନସିକ ଯନ୍ତ୍ରଣା ଭୋଗିବା ସହିତ ଦୁଃଖରେ କାଳାତିପାତ କରୁଛନ୍ତି। ଏଥିରେ ବ୍ୟଥିତ ହୋଇ ମଞ୍ଚ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଜିଲ୍ଲାପାଳ ହିତାଧିକାରୀମାନଙ୍କ ଦୁଃଖ ଓ ଯନ୍ତ୍ରଣା ଉପଲବ୍ଧି କରିବା ସହିତ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଚଳିତ ମାସରେ ସେମାନଙ୍କୁ ବକେୟା ପ୍ରାପ୍ୟ ସହିତ ଏହି ବର୍ଦ୍ଧିତ ଭତା ପ୍ରଦାନ କରିବାକୁ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସୀତାରାମ ପ୍ରଧାନ, ସାଧାରଣ ସମ୍ପାଦକ ଦାମୋଦର ନାୟକ, କାର୍ଯ୍ୟକାରୀ ସମିତି ସଦସ୍ୟ ଯଶୋଦାନନ୍ଦନ ଆଶ ଓ ଦେବେନ୍ଦ୍ର ନାଥ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ ରକ୍ଷା ମଞ୍ଚ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

ବାଲେଶ୍ୱର,୨୦।୫ (ସମିସ): ଏକ ଅଜଣା ନମ୍ବରରୁ ଜୀବନରୁ ମାରିଦେବାର ଧମକ ଅଭିଯୋଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ରକ୍ଷା ମଞ୍ଚ ବାଲେଶ୍ୱର ଶାଖା ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତ ରକ୍ଷା ମଞ୍ଚ ବାଲେଶ୍ୱର ଜିଲ୍ଲା ଶାଖାର ରାଜ୍ୟ ସମ୍ପାଦକ ସଞ୍ଜୟ ମହାପାତ୍ରଙ୍କ ପାଖକୁ ଏକ ଅଜଣା ନମ୍ବରରୁ ତାଙ୍କୁ ଜୀବନରୁ ମାରିଦେବାକୁ ଏକ ଧମକ ପୂର୍ବ ବାର୍ତ୍ତା ଆସିଥିଲା। ସେହିଦିନ ବିଳମ୍ବିତ ରାତି ୩ ଟାରେ ତାଙ୍କ ପୈତୃକ ଘର ସଦର ଥାନା ଅନ୍ତର୍ଗତ ପାରିକୂଳ ଗ୍ରାମର କିଛି ଅସାମାଜିକ ଯୁବକମାନେ ତାଙ୍କ ଘର ଉପରେ



ଆକ୍ରମଣ କରିବା ସହ ସମ୍ପୂର୍ଣ୍ଣ ପରିବାରକୁ ଜୀବନରୁ ମାରିବାର ଧମକ ଦେଇଥିଲେ। ଫଳରେ ତାଙ୍କ ପରିବାର ଲୋକେ ସଙ୍କଟାପନ୍ନ ଭାବେ ଭୟଭୀତ ହୋଇ ନିରୁପାୟ ଅବସ୍ଥାରେ ଅଛନ୍ତି। ଏହି ଘଟଣା ସମ୍ପର୍କରେ ସଦର ଓ ସହଦେବଖୁଣ୍ଟା ଥାନାରେ ଦୁଇଟି ଏତଲା ଦିଆଯାଇଛି। କିନ୍ତୁ ଥାନା ତରଫରୁ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ତେଣୁ ମଂଚ କର୍ମକର୍ତ୍ତା ଏସ୍ପିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ବାଲେଶ୍ୱର ପୁଲିସର ଅଭିଯାନ

# ୧୭ଟି ଚୋରା ବାଇକ୍ ଉଦ୍ଧାର, ୩ ଗିରଫ

ବାଲେଶ୍ୱର,୨୦।୫(ସମିସ)





**ମାଲିକମାନଙ୍କୁ ଗାଡ଼ି ହସ୍ତାନ୍ତର କଲା ପୁଲିସ**

ବାଲେଶ୍ୱର ପୁଲିସକୁ ମିଳିଛି ସଫଳତା। ବାଲେଶ୍ୱର ଜିଲ୍ଲା ସମେତ ଭଦ୍ରକ, ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ବାଇକ୍‌ଗୁଡିକ ରେମୁଣା ଥାନା ନିଆବାଗ ନଦୀପଠାର ବୁଦାଳିଆ ସ୍ଥାନରୁ ୧୩ଟି ବାଇକ ସହ ଅନ୍ୟ ସ୍ଥାନରୁ ୪ଟି ବାଇକ ଜବତ ହୋଇଛି। ଏହି ଘଟଣାରେ ସୋର ଅଞ୍ଚଳର କାଳିଆ କାହ୍ନା ମହାଳିକ(୧୮), ଚିରଞ୍ଜିତ ଖିଲାର(୩୩) ଏବଂ ଅନ୍ୟଜଣେ ନାବାଳକକୁ ପୁଲିସ ଗିରଫ କରିଥିବା ନେଇ ସହଦେବଖୁଣ୍ଟା ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ସୂଚନା ଦେଇଛନ୍ତି।

ବାଲେଶ୍ୱର ଜିଲ୍ଲାରେ ହେଉଥିବା ବାଇକ ଚୋରିକୁ ରୋକିବା ପାଇଁ ଏକ ସ୍ପେଶାଲ ଡ୍ରାଇଭ ଆରମ୍ଭ କରାଯାଇଥିଲା। ଗତ ଥର ଏହି ଡ୍ରାଇଭରେ ୮ଟି ଚୋରି ବାଇକ ଉଦ୍ଧାର ହୋଇଥିବା ଚଳିତ ଥର ୧୭ଟି ଚୋରି ବାଇକ ଜବତ କରାଯାଇଛି। ବିଶେଷ କରି ଏହି ଗାଡି ଗୁଡିକ ବାଲେଶ୍ୱର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନ, ମୟୂରଭଞ୍ଜ ଜିଲ୍ଲା ଏବଂ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିଲା। ବାଲେଶ୍ୱର ସହରର ଆଇଡିବିଆଇ ବ୍ୟାଙ୍କ ସମେତ ତାରିଣୀ ନର୍ସିଂ ହୋମ ସମେତ ଅନ୍ୟାନ୍ୟ ସ୍ଥାନମାନଙ୍କରେ ରାସ୍ତାକଡରେ ରହିଥିବା ବାଇକ ଗୁଡିକୁ ଅଭିଯୁକ୍ତମାନେ ଟାର୍ଗେଟ କରି ଚୋରି କରିଥିଲେ। କିଛିଦିନ ତଳେ ରେମୁଣା ଥାନା ଅନ୍ତର୍ଗତ କ୍ଷୀରଚୋରା ମନ୍ଦିର ନିକଟରେ ଦୁଇ ଜଣ ବ୍ୟକ୍ତି ସନ୍ଦେହରେ ବୁଲୁଥିବା ନେଇ ପୁଲିସ ଖବର ପାଇଥିଲା। ପୁଲିସ ତୁରନ୍ତ ଘଟଣା ସ୍ଥଳରେ ପହଁଚି ସେମାନଙ୍କୁ କାବୁ କରି ପଚରା ଉଚରା ସମୟରେ ସେମାନଙ୍କ ସହ ଅନ୍ୟ ଜଣ ସାମିଲ ରହିଥିଲା ବୋଲି ପୁଲିସ ଜାଣିବାକୁ ପାଇଥିଲା। ଏହାଛଡା ସେମାନେ ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ବ୍ଲକ, ଝୁଂଟା ବ୍ଲକର ବିଭିନ୍ନ ସ୍ଥାନରୁ ଗାଡି ଚୋରି କରିଥିବା ବେଳେ ଭଦ୍ରକ ଟାଉନ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଗାଡି ଚୋରି କରିଥିବା ସ୍ୱୀକାର କରିଥିଲେ। ଚୋରି ଗାଡିକୁ ସେମାନେ ଅନ୍ୟ ରାଜ୍ୟରେ ବିକ୍ରି କରିବାକୁ ଉଦ୍ୟମ କରୁଥିବା ନେଇ ପୁଲିସ ଜାଣିବାକୁ ପାଇଥିଲା। ସେମାନେ ଗାଡ଼ି ଚୋରି କରିବା ପରେ ଗାଡିର ନମ୍ବର ପ୍ଲେଟ ବଦଳାଇବା ସହ ଚେଚିସ ଓ ଇଞ୍ଜିନ ନମ୍ବର ମଧ୍ୟ ବଦଳାଇ ଦେଇଥିବା ଜଣାପଡିଥିଲା। ପୁଲିସ ଅଧିକ ତଦନ୍ତ କରିବା ସମୟରେ ସେମାନେ ରେମୁଣା ଥାନା ଅନ୍ତର୍ଗତ ମନ୍ଦାରପୁର ଅଞ୍ଚଳର ନିଆବାଗସ୍ଥିତ ନଦୀପଠାର ଜଙ୍ଗଲିଆ ସ୍ଥାନରେ ୧୩ଟି ଗାଡିକୁ ଲୁଚାଇ ରଖିଥିବା କହିଥିଲେ। ପୁଲିସ ସେଠାରୁ ଉକ୍ତ ବାଇକ ଗୁଡିକ ଜବତ କରିଥିଲା। ଏପରିକି ଦୀର୍ଘ ତିନି ବର୍ଷ ତଳୁ ଚୋରି ହୋଇଥିବା ଗାଡି ମଧ୍ୟ ଆଜି ଉଦ୍ଧାର ହୋଇଛି। ଅନ୍ୟପଟେ ସୋର ଅଞ୍ଚଳରୁ ବାକି ୪ଟି ଗାଡିକୁ ଉଦ୍ଧାର କରାଯାଇଛି। ଏହି ଚୋରମାନେ ବିଶେଷ କରି ଚୋରି ଗାଡି ଗୁଡିକୁ ପଶ୍ଚିମବଙ୍ଗକୁ ଚାଲାଣ କରିବାକୁ ଉଦ୍ୟମ କରୁଥିଲେ । ୧୭ଟି ଗାଡି ଜବତ ହୋଇଥିବାବେଳେ ସହଦେବଖୁଂଟା ଥାନାରେ ତିନୋଟି ମାମଲା ରୁଜୁ ହୋଇଥିବା ବେଳେ ସୋର ଥାନାରେ ଦୁଇଟି, ସିମୁଳିଆ ଥାନାରେ ଗୋଟିଏ, ରୁପସା ଥାନାରେ ଗୋଟିଏ, ଭଦ୍ରକ ଟାଉନ ଥାନାରେ ୩ଟି ମାମଲା ରୁଜୁ ହୋଇଛି। ସେହିପରି ବାଲେଶ୍ୱର ଜିଲ୍ଲାର ଖନ୍ତାପଡା, ବସ୍ତା, ମୟୂରଭଞ୍ଜ ଜିଲ୍ଲାର ଝୁଂଟା, ବୈଶିଙ୍ଗା ଥାନାରେ ମଧ୍ୟ ମାମଲା ରୁଜୁ ହୋଇଛି। ଚୋରି ଗାଡିକୁ ଆଜି ଏସ୍‌ପି ଗାଡିର ପ୍ରକୃତ ମାଲିକଙ୍କୁ ଫେରାଇ ଦେଇଛନ୍ତି। ଗାଡି ମାଲିକ ତଥା ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ ବାଙ୍କିଶୋଳ ଗ୍ରାମର ଦୁଲାରାମ ହେମ୍ବ୍ରମ କହିଛନ୍ତି ଯେ ୨୦୨୨ମସିହାରେ ମୋ ସ୍କୁଟି ଘର ନିକଟରୁ ଚୋରି ହୋଇଯାଇଥିଲା। ଏହି ଚୋରି ଘଟଣାକୁ ୩ ବର୍ଷ ବିତିଥିବା ବେଳେ ସ୍କୁଟି ଫେରି ପାଇବା ଆଶା ଛାଡ଼ି ଦେଇଥିଲି। ତେବେ ବାଲେଶ୍ୱର ପୁଲିସ ଯୋଗୁ ଗାଡ଼ି ଫେରି ପାଇଥିବାରୁ ଦୁଲାରାମ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି।

# ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ଖୋଜା ଚାଲିଛି: ଏସ୍‌ପି

ବାଲେଶ୍ୱର,୨୦।୫(ସମିସ): ରାଜ୍ୟସରକାର ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ କହିବା ପରେ ବାଲେଶ୍ୱର ପୁଲିସ ତତ୍ପର ହୋଇଉଠିଛି। ଏସପି ରାଜ ପ୍ରସାଦ କହିଛନ୍ତି ଯେ ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ନେଇ ବିଭାଗୀୟ ଯାଞ୍ଚ କାର୍ଯ୍ୟ ଆରମ୍ଭ ହୋଇଛି। ଯଦି ସେମାନେ ବେଆଇନ ଭାବେ ବସବାସ କରୁଛନ୍ତି ତେବେ ଯାଂଚ ସମୟରେ ସେମାନେ ସମ୍ମୁଖକୁ ଆସିବେ। ଏପରିକି ବିଶେଷ କରି କୋଷ୍ଟାଲ ଥାନା ଗୁଡିକ ଉପରେ ତୀକ୍ଷ୍ଣ ନଜର ରହିଛି। ଏହି ଥାନା ଗୁଡିକୁ ଅଧିକ କ୍ଷମତା ସମ୍ପନ୍ନ କରିବା ପାଇଁ ଡ୍ରୋନ, ଆର୍ମସ ଭେଇକିଲ, ଅଧିକ କର୍ମଚାରୀ ସାଙ୍ଗକୁ ଅଧିକ ତଥ୍ୟ ସଂଗ୍ରହ କରାଯିବା ଉପରେ କାର୍ଯ୍ୟ କରାଯାଉଛି ବୋଲି ଏସ୍‌ପି କହିଛନ୍ତି।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

ବାଲେଶ୍ୱର,୨୦।୫(ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ପଞ୍ଚାୟତ ଗଞ୍ଜା ଗ୍ରାମର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାବତୀ ପାତ୍ରଙ୍କ ୭୦ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବଣିଆଡିହା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ହିମାଂଶୁ, ପୁତ୍ର ସଞ୍ଜୟ ଓ ବିଜୟ, କନ୍ୟା ମମତା ଓ ଅନିତା, ପୁତ୍ରବଧୂ ମମତା ଓ ରାଜେଶ୍ୱରୀ, ଜ୍ୱାଇଁ ଗାଳ୍ପିକ ଓ ବ୍ୟଙ୍ଗକାର ଅଞ୍ଜନ କୁମାର ଚାନ୍ଦ, ନାତୁଣୀ ବିଦିଶା ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସମାଜସେବୀ ଗୋପୀକୃଷ୍ଣ ମହାନ୍ତି, ବଣିଆଡିହା ସର କାଳିଚରଣ ଜେନା, ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ, ଶିକ୍ଷାବିତ ନିତ୍ୟାନନ୍ଦ ଦାସ, ଆଦିତ୍ୟ ରାଉତ, ମକର ଦଳାଇ, ମହେଶ୍ୱର ଦାସ, ଅବିନାଶ ପାଣିଗ୍ରାହୀ, ଶୁଭଶ୍ରୀ ଜେନା ପ୍ରମୁଖ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମର ଶରୀରକୁ ଏକ ଗାଡ଼ିରେ ବଣିଆଡିହା, ଗଞ୍ଜା ଓ ଲଙ୍ଗଳେଶ୍ୱର ଅଞ୍ଚଳରେ ପରିକ୍ରମା କରାଯିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ସରକାରୀ ଅର୍ଥ ହଡ଼ପ ମାମଲା

# ନୀଳଗିରି ଏନ୍‌ଏସିର ପୂର୍ବତନ କ୍ୟାସିୟର ନିର୍ଦ୍ଦୋଷରେ ଖଲାସ

ବାଲେଶ୍ୱର,୨୦।୫(ସମିସ): ବାଲେଶ୍ୱର ଜିଲ୍ଲା ବିଚାର ବିଭାଗର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଲଳିତ କୁମାର ଦାଶ ଏକ ସରକାରୀ ଅର୍ଥ ହଡ଼ପ ମାମଲାର ବିଚାରକରି ପ୍ରମାଣ ଅଭାବରୁ ନୀଳଗିରି ଏନଏସିର ପୂର୍ବତନ କ୍ୟାସିୟରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୧୯୯୭ ମସିହାରେ ଅଭିଯୁକ୍ତ ସୁଦର୍ଶନ ପଟ୍ଟନାୟକ ନୀଳଗିରି ଏନ୍‌ଏସିରେ କନିଷ୍ଠ କିରାଣୀ ସହିତ କ୍ୟାସିୟର ରୂପେ କାର୍ଯ୍ୟ କରୁଥିଲାବେଳେ ସରକାରୀ ଅର୍ଥ ହଡ଼ପ ହେଇଥିବା ଅଭିଯୋଗରେ ତାଙ୍କ ବିରୁଦ୍ଧରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହେଇଥିଲା। ଏହି ମାମଲାକୁ ଭିତ୍ତିକରି ଭିଜିଲାନ୍ସ ପୁଲିସ ନୀଳଗିରି ଏନଏସି କାର୍ଯ୍ୟାଳୟରେ ଚଢ଼ଉ କରିଥିଲେ। ଭିଜିଲାନ୍ସ ପୁଲିସ କାର୍ଯ୍ୟାଳୟର କାଗଜ ପତ୍ର ଛାନଭିନ କରି ୬୫ହଜାରରୁ ଉର୍ଦ୍ଧ ଟଙ୍କା କ୍ୟାସିୟର ଶ୍ରୀ ପଟ୍ଟନାୟକ ହଡ଼ପ କରିଥିବାର ଚାର୍ଜସିଟ୍ ବାଲେଶ୍ୱର ଭିଜିଲାନ୍ସ କୋର୍ଟରେ ଦାଖଲ କରିଥିଲେ। ଏହି ମାମଲାରେ ସମସ୍ତ ସାକ୍ଷ୍ୟ ଓ ଦଲିଲ ଦସ୍ତାବିଜର ବିବରଣୀକୁ ସମୀକ୍ଷା କରି ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଶ୍ରୀ ଦାଶ ପ୍ରମାଣ ଅଭାବରୁ ଅଭିଯୁକ୍ତ କ୍ୟାସିୟର ସୁଦର୍ଶନ ପଟ୍ଟନାୟକଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମକଦ୍ଦମାକୁ ଆଇନଜୀବୀ ଅରବିନ୍ଦ ବାରିକ, ଚନ୍ଦନ କୁମାର ସିଂହ ଓ ଜୟନ୍ତୀ ବାରିକ ପରିଚାଳନା କରିଥିଲେ।


ADMISSION NOTICE
COMMON ENTRANCE TEST- 2025
FOR ADMISSION AT

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)
Olatpur, P.O: Bairoi, Dist.- Cuttack-754010 (Odisha)
Website: https://svnirtar.nic.in, E-Mail: dasvnirtar@gmail.com

NATIONAL INSTITUTE FOR LOCOMOTOR DISABILITIES (NILD)
B. T. Road, Bonhooghly, Kolkata - 700 090
Website: https://nild.nic.in, E-Mail: mail@nioh.in

NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: https://niepmd.nic.in, E-Mail: niepmd@gov.in

PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)
4, Vishnu Digamber Marg, New Delhi - 110002
Website: https://pdunippd.nic.in, E-Mail: diriph@nic.in

COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES
GMCH Campus, Bhangagarh, Guwahati, Assam 781 032
Website: https://crcguwahati.nic.in, E-Mail: crcsreguwahati@gmail.com

All above Institutes under DEPwD (Divyangjan), Ministry of Social Justice and Empowerment, Govt. of India

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)
Eligibility : 10+2 Science

POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)
AND
1. Master in Prosthetics & Orthotics Course at PDUNIPPD, New Delhi
Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form : 17.05.2025
Closing date of online receipt of Application form : 13.06.2025
Date of Entrance Test : 22.06.2025

For details Log on to : https://admission.svnirtar.nic.in

Director Cum Chairman,
CET & PGET-2025


## ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ହେଲ୍ପ ଡେସ୍କରେ ରହୁନାହାନ୍ତି କର୍ମଚାରୀ


ବାଲେଶ୍ୱର,୨୦।୫(ସମିସ)

ରୋଗୀ ଓ ସମ୍ପର୍କୀୟଙ୍କୁ ତତକ୍ଷଣାତ୍ ସହଯୋଗ ପାଇଁ ରହିଛି ହେଲପ୍ ଡେସ୍କ। ହେଲେ ପରିତାପର ବିଷୟ ଯେ ଏହି ହେଲପ୍ ଡେସ୍କରେ ଅଧିକାଂଶ ସମୟରେ କେହି କର୍ମଚାରୀ ରହୁନାହାନ୍ତି। ଏହା ବିଳମ୍ବିତ ରାତିର ଘଟଣା ନୁହେଁ ବରଂ ସନ୍ଧ୍ୟା ସମୟରେ ଘଟଣା। ଫଳରେ ହେଲପ୍ ଡେସ୍କଠାରେ ଅପେକ୍ଷା କରି ରୋଗୀ ଓ ସମ୍ପର୍କୀୟ ନିରାଶ ହୋଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏପରି ଘଟଣା ବାରମ୍ବାର ଘଟୁଥିବା ନେଇ ଅଭିଯୋଗ ମଧ୍ୟ ବଢୁଛି।




**ରୋଗୀ ସମ୍ପର୍କୀୟଙ୍କୁ ସହଯୋଗ ମିଳୁନି**

ସୂଚନାଯୋଗ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟପରିସରରେ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଅନେକ ବିଭାଗ ଏବେ ବି ଚାଲୁଅଛି। ଫଳରେ ଲୋକମାନେ ହସପିଟାଲ୍ ଆସିଲେ କେଉଁଠି କେଉଁ ବିଭାଗ ବା ପରୀକ୍ଷା ପାଇଁ ବ୍ୟବସ୍ଥା ରହିଛି ସେନେଇ ଦ୍ୱନ୍ଦରେ ପଡନ୍ତି। ମେଡିକାଲ କଲେଜ ଅପେକ୍ଷା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରବେଶ କରିବା ପରେ ଟିକଟ୍ କାଉଣ୍ଟର ନିକଟରେ 'ମେ ଆଇ ହେଲପ୍ ୟୁ' ବା 'ମୁଁ ଆପଣଙ୍କୁ ସାହାଯ୍ୟ କରିପାରେ କି' ହେଲ୍‌ପ ଡେସ୍କ ରହିଛି। ହେଲେ ଜରୁରୀ ସମୟରେ ଏଠାକୁ ରୋଗୀ ତଥା ସମ୍ପର୍କୀୟ କେହି ଗଲେ ସହଯୋଗ ମିଳୁନାହିଁ ବୋଲି ଅଭିଯୋଗ ହୋଇଛି। କାରଣ ଏଠାରେ ଅଧିକାଂଶ ସମୟରେ କର୍ମଚାରୀ ରହୁନାହାନ୍ତି। ଫାଙ୍କା ରହୁଛି ଡେସ୍କ ସିଟ୍। ସାହାଯ୍ୟ ପାଇଁ ରୋଗୀ ସମ୍ପର୍କୀୟ ସାହାଯ୍ୟ ପାଇଁ ଅପେକ୍ଷା କରି ନିରାଶ ହୋଇ ଫେରୁଛନ୍ତି। 'ସନ୍ଧ୍ୟାରେ ସାନ ଭାଇ ପବନ ଶଙ୍କରଙ୍କ ହଠାତ୍ ଦୁର୍ଘଟଣା ଘଟିବାରୁ ତାକୁ ନେଇ ହସ୍ପିଟାଲ ଯାଇଥିଲି। କିନ୍ତୁ ଦୁଃଖର ବିଷୟ ମୋ ସାନ ଭାଇ ଜଣକ ଯେତେବେଳେ କିଛି ସହଯୋଗ ପାଇଁ 'ମେ ଆଇ ହେଲପ ୟୁ' କୁ ଯାଇଥିଲେ ସେଠାରେ କୌଣସି କର୍ମଚାରୀ ନ ଥିଲେ। ବହୁତ ସମୟ ଅପେକ୍ଷା ପରେ ଜଣେ କର୍ମଚାରୀ ଆସିଲେ ଏବଂ କିଛି ନ ଶୁଣି ସେଠାରୁ ଚାଲିଗଲେ। କିନ୍ତୁ ଆମକୁ କିଛି ସହଯୋଗ ମିଳିଲା ନାହିଁ। ଅନେକ ରୋଗୀ କିଛି ସହଯୋଗ ପାଇଁ ଏଠାକୁ ଆସି ନିରାଶ ହୋଇ ଫେରୁଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ ବୋଲି ଜୀବନ ସଂଗ୍ରାମ ମିଶ୍ର କହିଛନ୍ତି। ନିକଟରେ ବିଶ୍ୱଜିତ ବେହେରା ଦୁର୍ଘଟଣାଗ୍ରସ୍ତ ଜଣେ ଲୋକଙ୍କୁ ନେଇ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ହେଲପ ଡେସ୍କରେ ସହଯୋଗ ପାଇଁ କେହି ନାହାଁନ୍ତି। ପୁରା ଫାଙ୍କା ପଡିଥିଲା। ଖୋଜାଖୋଜି କରି ଲୋକଙ୍କୁ ଆଣି ଆହତଙ୍କୁ ଡାକ୍ତରଖାନା ନେବାକୁ ପଡୁଛି। ରାତି ତ ଦୂରର କଥା ଦିନବେଳେ ବି ଅଧିକାଂଶ ସମୟରେ କର୍ମଚାରୀ ରହୁନାହାନ୍ତି। ହେଲପ୍ ଡେସ୍କ୍ କର୍ମଚାରୀ ରାତିରେ ଡ୍ୟୁଟିରେ ନ ରହି ଶୋଇପଡୁଥିବା ଅଭିଯୋଗ ମଧ୍ୟ ହୋଇଛି। ଏହିପରି ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ପ୍ରତିଦିନ ହଇରାଣ ହେଉଥିବା ଦେଖିବାକୁ ମିଳିଛି।



ଆମକୁ ସର୍ବପ୍ରଥମେ କୃଷିକ୍ଷେତ୍ରରେ ଉତ୍ପାଦନ ଖର୍ଚ୍ଚ ଓ ବିପଦ ଆଶଙ୍କାକୁ ହ୍ରାସ କରିବାର ଉପାୟ ଆବିଷ୍କାର କରିବାକୁ ପଡ଼ିବ।

-ଏମ୍ ଏସ୍ ସ୍ୱାମୀନାଥନ୍

ସକାଳ THE SAKALA

# ଶତ୍ରୁର ଶତ୍ରୁ, ମିତ୍ର

ଶତ୍ରୁର ଶତ୍ରୁ ରାଷ୍ଟ୍ର ସହ ମିତ ବସିବା, ଏପରିକି ମିତ୍ର ରାଷ୍ଟ୍ର ସହ ଶତ୍ରୁତା ଆଚରଣ କରୁଥିବା ରାଷ୍ଟ୍ରକୁ ବ୍ୟାବସାୟିକ ସହଯୋଗିତା ମାଧ୍ୟମରେ ଆର୍ଥିକ ଫାଇଦା ହାସଲ କରିବା ଭଳି ସମ୍ପର୍କ ସହ କୂଟନୈତିକ ସମ୍ପର୍କର ସଦାଚାରକୁ ସଂଯୋଗ କରିବା ଠିକ୍ ହେବନାହିଁ। ଆଫଗାନିସ୍ତାନ ସହ ଚୀନ ଓ ଭାରତର ସଂପର୍କ ପ୍ରେକ୍ଷାପଟ୍ଟରେ ଆମେ ଏହି ମନ୍ତବ୍ୟ ଦେଉଛୁ। ୨୦୨୧ରେ ତାଲିବାନ ସାମରିକ ବିଦ୍ରୋହ ମାଧ୍ୟମରେ ଆଫଗାନିସ୍ତାନର କ୍ଷମତା ଦଖଲ କରିଛି। ଏହି ପରିସ୍ଥିତିରେ ପାଶ୍ଚାତ୍ୟ ସାହାଯ୍ୟ ହଠାତ୍ ବନ୍ଦ ହୋଇଯିବାରୁ ଭୟଙ୍କର ଆର୍ଥିକ ଦୁର୍ଗତି ଦେଇ ଗତିକରୁଛି ତାଲିବାନ। ତେବେ ଚୀନ ୨୦୧୭ରୁ ରଖି ଆସିଥିବା ସମ୍ପର୍କ ଏବେ ମଧ୍ୟ ଅତୁଟ ରହିଛି। ଫାଇବର କେବୁଲ ବିଛାଇବାଠାରୁ ଆରମ୍ଭ କରି ବେଲ୍ଟ ଆଣ୍ଡ ରୋଡ ନିର୍ମାଣ, ପଞ୍ଚରାଷ୍ଟ୍ରୀୟ ରେଳ ସଂଯୋଗ, ତମ୍ବା ଖଣି ଖନନ, ସର୍ବୋପରି ଆମୁଦରିଆ ବେସିନରୁ ତୈଳ ଉତ୍ତୋଳନ କରି ଆଫଗାନିସ୍ତାନ ସହ ସଂପର୍କ କେବଳ ସୁଦୃଢ଼ କରିନି, ବିପୁଳ ଆର୍ଥିକ ଫାଇଦା ହାସଲର କ୍ଷେତ୍ର ପ୍ରସ୍ତୁତ କରିଛି। କିନ୍ତୁ ଆମେ କ'ଣ କରିଛୁ? ତାଲିବାନ ବିଦ୍ରୋହ ସମୟରୁ ପାଶ୍ଚାତ୍ୟ ରାଷ୍ଟ୍ର ସହ ହାତ ମିଳାଇ କୂଟନୈତିକ ସମ୍ପର୍କ ଛିନ୍ନ କରିଛୁ। ସୀମାନ୍ତ ଅତିକ୍ରମ କରି ଚାଲିଥିବା ଆତଙ୍କବାଦକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଜାରି ରହିଥିବା ସଂଘର୍ଷର ସୁଯୋଗ ନେଇ ଆମେ ସଂପର୍କ ଯୋଡ଼ିବାକୁ ଆରମ୍ଭ କରିଛୁ। ଶତ୍ରୁର ଶତ୍ରୁ ସହ ଆମେ ମିତ ବସିବା ପାଇଁ ଦୁଇଦେଶର ବୈଦେଶିକ ସ୍ତରରେ ପ୍ରାରମ୍ଭିକ କଥାବାର୍ତ୍ତା ହୋଇଛି। ହୋଇପାରେ ଆଗକୁ ଏହା ଦ୍ୱିପାକ୍ଷିକ ସମ୍ପର୍କର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବ।

ବେଲୁଚିସ୍ତାନ ବିଦ୍ରୋହୀ ଓ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ପକ୍ଷରୁ କ୍ରମାଗତ ଆକ୍ରମଣର ସମ୍ମୁଖୀନ ହୋଇ ପାକ୍ ସେନା କେବଳ ଲହୁଲୁହାଣ ହୋଇ ନାହାନ୍ତି, ଦିନକୁ ଦିନ ସେମାନଙ୍କ ପ୍ରଭାବ ଓ ପ୍ରତିଷ୍ଠା କ୍ଷୁଣ୍ଣ ହେବାରେ ଲାଗିଛି। ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ସେନାବାହିନୀର ମୁଖ୍ୟ ମୁନୀର ଯେଉଁ ଭାରତ ବିରୋଧୀ ଷଡ଼ଯନ୍ତ୍ର ରଚନା କରିଥିଲେ ତାହାର ପରାଭବ ଏବେ ସେ ଭୋଗିଛନ୍ତି। ଏପରିକି ପାକ୍ ଅଧିକୃତ କାଶ୍ମୀର ତାଙ୍କ ଦଖଲରୁ ଚାଲିଯିବା ଭୟରେ ଚୀନର ସହାୟତା ମଧ୍ୟ ଲୋଡ଼ିଛନ୍ତି। ପାକିସ୍ତାନ ଓ ଚୀନ ଉଭୟଙ୍କ ସ୍ୱାର୍ଥ ଅଧିକୃତ କାଶ୍ମୀରରେ ନିହିତ ଥିବାରୁ ସମ୍ଭାବ୍ୟ ଆକ୍ରମଣର ମୁକାବିଲା ସକାଶେ ମିଳିତ ପ୍ରୟାସ ଆରମ୍ଭ ହୋଇଥିବା ସୂଚନା ମିଳିଛି। ତେଣୁ ପାକିସ୍ତାନ ଉପରେ ଚାପ ବୃଦ୍ଧି କରିବାରେ ଶତ୍ରୁର ଶତ୍ରୁ ଯଦି ଆମର ମିତ୍ର ହେଲା, ତେବେ ଅସୁବିଧା କ'ଣ? ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଏଥିମଧ୍ୟରେ ଆଫଗାନ ପ୍ରତିପକ୍ଷ ଅମିର ଖାଁ ମୁତାକିଙ୍କ ସହ ଟେଲିଫୋନ ମାଧ୍ୟମରେ ଯେଉଁ ଯୋଗାଯୋଗ ରକ୍ଷା କରିଛନ୍ତି, ତାହାକୁ ଭିନ୍ନ ଦୃଷ୍ଟିରେ ବିଚାର କରିବାର ସେଭଳି ଯଥାର୍ଥତା ନାହିଁ। ହୋଇପାରେ ତାଲିବାନ ଧର୍ମୀୟ ମୌଳବାଦୀ ଓ ଆତଙ୍କବାଦୀ ସଂଘର୍ଷରୁ ଜନ୍ମ ନେଇଛି। ଉଜ୍‌ବେକିସ୍ତାନ ଇସ୍‌ଲାମିକ ବିଦ୍ରୋହରେ ସଂପୃକ୍ତ ହକାନି ନେଟୱାର୍କ ସହ ତାଲିବାନ୍ ସରକାରର ସଂପର୍କ ରହିଛି। ଏ କଥା ମଧ୍ୟ ସତ୍ୟ ଯେ, ଆଫଗାନିସ୍ତାନରେ ସୋଭିଏତ ରୁଷ ସହ ସଂଘର୍ଷରେ ଏହି ତାଲିବାନ ଗୋଷ୍ଠୀଙ୍କୁ ଉଭୟ ଆମେରିକା ଓ ପାକିସ୍ତାନ ଆର୍ଥିକ ଏବଂ ସାମରିକ ସହାୟତା ଯୋଗାଇଥିଲେ। ଏହି ମହତାକାଂକ୍ଷୀ ଗୋଷ୍ଠୀ ନିଜର ଜୀବନଜୀବିକାକୁ ଜଳାଞ୍ଜଳି ଦେଇ ଅନ୍ୟ ପାଇଁ ଲଢ଼ିଥିଲେ। ଏବେ ପୁଣି ସଂଘର୍ଷ କରି କ୍ଷମତାକୁ ଆସିଛନ୍ତି। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ଇସ୍‌ଲାମିକ ମୌଳବାଦ ସେମାନଙ୍କ ସକାଶେ ନୀତି ଓ ଆଦର୍ଶ ଏବଂ ତାହା ପ୍ରତିଷ୍ଠା ଓ ପ୍ରସାର ସକାଶେ ଆଗକୁ ସେମାନେ ଲଢ଼ିବେ। ପାକିସ୍ତାନ ସେମାନଙ୍କୁ ନିଜ ସ୍ୱାର୍ଥ ରକ୍ଷା ସକାଶେ ପ୍ରୟୋଗ କରିବାର ଯେଉଁ ଯୋଜନା କରିଥିଲା ତାହାକୁ ଟିଟିପି ଧ୍ୱଂସ କରିଦେଇଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ ପାକିସ୍ତାନରେ ଆତଙ୍କବାଦୀଙ୍କ ପ୍ରାଧାନ୍ୟ ଓ ପ୍ରଭାବ ଅତୁଟ ରହିଛି। ତେଣିକି ସେମାନେ ତାହାକୁ ସ୍ୱୀକାର କରନ୍ତୁ ବା ନ କରନ୍ତୁ, ଯଦି ନିଜର ସ୍ୱାର୍ଥରକ୍ଷା ପାଇଁ ଆମେରିକା ଓ ଚୀନ ଯେଉଁ ବାଟରେ ପାକିସ୍ତାନ ସହ ସୁସମ୍ପର୍କ ରକ୍ଷା କରିପାରୁଛନ୍ତି ତେବେ ଆଫଗାନିସ୍ତାନରେ ତାଲିବାନ ସରକାର ସହ ଭାରତ ଯୋଗାଯୋଗ ରକ୍ଷା କଲେ ଅସୁବିଧା ରହିଲା କେଉଁଠି?

ଏଠାରେ ଆମେ ସମ୍ପର୍କର ଆଉ ଗୋଟିଏ ଦିଗ ସମ୍ପର୍କରେ ଆଲୋଚନା କରିବା। ଆରବ ସାଗରରେ ଦୁଇଟି ବନ୍ଦର ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ରୂପେ ମୁଣ୍ଡ ଟେକୁଛି। ପାକିସ୍ତାନରେ ଗ୍ୱାଦର ବନ୍ଦର ନିର୍ମାଣ ଦାୟିତ୍ୱ ଚୀନ ହାତକୁ ନେଇ ମଧ୍ୟପ୍ରାଚ୍ୟ ଓ କେନ୍ଦ୍ର ଏସିଆରେ ନିଜର ବାଣିଜ୍ୟିକ ସଂପର୍କ ସୁଦୃଢ଼ କରିବାକୁ ଚାହୁଁଥିବା ବେଳେ ବେଲୁଚିସ୍ତାନ ବିଦ୍ରୋହୀଙ୍କ ଆନ୍ଦୋଳନ ଓ ସଂଘର୍ଷ ତାହାର ଗତିରୋଧ କରିଛି। ପାକିସ୍ତାନ ସେନାବାହିନୀର ସୁରକ୍ଷା ଉଦ୍ୟମ କ୍ରମାଗତ ଭାବେ ବ୍ୟର୍ଥ ହେବାରେ ଲାଗିଛି। ଦ୍ୱିତୀୟ ବନ୍ଦର ହେଉଛି ଚବାହାର; ଯାହାକି ଇରାନର ଏକମାତ୍ର ସାମୁଦ୍ରିକ ପରିବହନର କେନ୍ଦ୍ରସ୍ଥଳ। ଇରାନ ସହ ସୁଦୃଢ଼ ବାଣିଜ୍ୟିକ ସଂପର୍କ ଦୃଷ୍ଟିରୁ ଚବାହାର ବନ୍ଦର ନିର୍ମାଣ ସହ ଯୋଡ଼ି ହୋଇଯାଇଛି ଭାରତ। ଇରାନର ଦକ୍ଷିଣପୂର୍ବ ଉପକୂଳରେ ଶାହିଦ ବେହେସ୍ତି ଟର୍ମିନାଲର ଆଧୁନିକୀକରଣରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇରାନ ବିରୋଧରେ ଆମେରିକାର କଠୋର ପ୍ରତିବନ୍ଧକ ବନ୍ଦ ନିର୍ମାଣରେ ଶିଥିଳତା ସୃଷ୍ଟି କରିଛି। ଏ କଥା ସତ ଯେ, ଆମେରିକା ବିରୋଧୀ କୂଟନୀତିରେ ରୁଷ ଓ ଚୀନ ପ୍ରତିରକ୍ଷାଠାରୁ ଆରମ୍ଭ କରି ସବୁସ୍ତରରେ ଇରାନକୁ ସହାୟତା ଯୋଗାଇ ଆସିଛନ୍ତି। ଏହା ସତ୍ତ୍ୱେ ଚବାହାର ବନ୍ଦର ନିର୍ମାଣ ଦାୟିତ୍ୱ ଭାରତ ନେଇଛି। ଏଠାରେ ଉଲ୍ଲେଖଯୋଗ୍ୟ କି ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ଆରବ ସାଗରରେ ମୁଣ୍ଡ ଟେକୁଥିବା ଏହି ବନ୍ଦର ଦୁଇଟିର ଦୂରତା ମାତ୍ର ୭୨ କିମି। ଚବାହାର ବନ୍ଦର ମାଧ୍ୟମରେ ବାଣିଜ୍ୟିକ ସଂପର୍କ ଦୃଷ୍ଟିରୁ ପାକିସ୍ତାନ ଉପରେ ଆଉ ନିର୍ଭର କରିବ ନାହିଁ ଭାରତ।

ଯଥାସମ୍ଭବ ଯୁଦ୍ଧକୁ ଏଡ଼ାଇ ଯାଇ ବାଣିଜ୍ୟିକ ସମ୍ପର୍କର କ୍ଷେତ୍ର ଯେତେ ଅଧିକ ସମ୍ପ୍ରସାରିତ ହେବ ଆର୍ଥିକ ଦୃଷ୍ଟିରୁ ରାଷ୍ଟ୍ର ସେତିକି ସୁଦୃଢ଼ ଓ ସମୃଦ୍ଧ ହେବ। ୧୪୨ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ ବିଶ୍ୱବଜାର ଅର୍ଥନୀତିର କେନ୍ଦ୍ରସ୍ଥଳ ପାଲଟିଛି। ପ୍ରତିଦ୍ୱନ୍ଦ୍ୱିତା ଓ ପ୍ରତିଯୋଗିତାରେ ପଛରେ ପଡ଼ି ନ ଯାଇ ଅଗ୍ରସର ହେଉଥିବାରୁ ଦେଶର ଅଭିବୃଦ୍ଧି ହାର ଏହି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ୬.୨ ପ୍ରତିଶତ ରହିଛି। ବିଶ୍ୱ ଅର୍ଥନୀତିରେ ଚତୁର୍ଥ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଥିବା ଭାରତ ପ୍ରତି ପତିପକ୍ଷଙ୍କ ଈର୍ଷଣୀୟ ଦୃଷ୍ଟି ରହିବା ସ୍ୱାଭାବିକ। ତାହାକୁ ଅତିକ୍ରମ କଲା ବେଳେ କେବଳ ଆଦର୍ଶକୁ ଜାବୁଡ଼ି ଧରିଲେ ହେବ ନାହିଁ। ପ୍ରତିପକ୍ଷକୁ ଉଚିତ୍ ଶିକ୍ଷା ଦେବା ପାଇଁ ମିତ୍ର ଚୟନ ବେଳେ ସତର୍କତା ଅବଲମ୍ବନ କରିବା ଉଚିତ।

# ଭାବାବେଗର ବିସର୍ଜନ

ଡ. ଦୁର୍ଗାପ୍ରସାଦ ଆଚାର୍ଯ୍ୟ

'ଧନ୍ୟବାଦ ତମେ ସତରେ ଏକ ବିସ୍ମୟକର ପ୍ରତିଭା'- ସ୍ୱାଭାବିକ ମାନବିକ ଭାବାବେଗରେ ଆପଣମାନଙ୍କ ମଧ୍ୟରୁ କେହି ଏମିତି ଗୋଟିଏ ସୁନ୍ଦର, ସୌଜନ୍ୟପୂର୍ଣ୍ଣ ବାକ୍ୟଟିଏ ଲେଖି ଦେଇଥିବେ ଚାଟ୍‌ଜିପିଟି ଉଦ୍ଦେଶ୍ୟରେ; କେବେ ହୁଏତ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ତା' ପାଖରୁ କିଛି ମତମନ୍ତବ୍ୟ କି କ୍ଷୁଦ୍ର ଏକ ରଚନା ଲୋଡ଼ୁଥିବା ବେଳେ ଲେଖି ଦେଇଥିବେ- 'ଦୟାକରି ମୋ ପାଇଁ ଲେଖାଟି ପ୍ରସ୍ତୁତ କରି ଦିଅନ୍ତୁ ଆଜ୍ଞା'। କିନ୍ତୁ ଏଣିକି ଆମକୁ ଏ ଅଭ୍ୟାସ ଛାଡ଼ି ଦେବାକୁ ହେବ। କାରଣ ଏଇ କରିତ୍‌କର୍ମା ବୁଦ୍ଧିମତ୍ତାର ଅନ୍ୟତମ ଜନକ ଏବଂ ଗାର୍ଜିନ ସାମ୍ ଅଲ୍‌ଟାମାନ୍ ଆମକୁ ତାଙ୍କ ସ୍ୱଭାବସୁଲଭ ନମ୍ରତା ବଜାୟ ରଖି ବାରଣ କରି ଦେଇଛନ୍ତି ଯେ ଆମେ ଆଉ ଏମିତି ଭଦ୍ର, ଶୀଳ, ଉଚ୍ଚରୁଚିଯୁକ୍ତ ସମ୍ବୋଧନାତ୍ମକ ଶବ୍ଦ କି ବାକ୍ୟ ଚାଟ୍‌ଜିପିଟିକୁ ଶୁଣାଇବା ନାହିଁ। 'ଆଜ୍ଞା', 'ଦୟାକରି' ଅଥବା 'ହେଲୋ', 'ପ୍ଲିଜ୍' ପରି ଏମିତି ଅଜସ୍ର ଶବ୍ଦଗୁଡ଼ିକୁ ଆପଣାର 'ଆଲ୍‌ଗୋରିଦିମ୍' ଦ୍ୱାରା ବୁଝିବାକୁ ନିୟୁତ ନିୟୁତ ଡଲାର ମୂଲ୍ୟର ବୈଦ୍ୟୁତିକ ଶକ୍ତିର ଏକପ୍ରକାର ବିନର୍ବ୍ୟୟ କରିଚାଲିଛି ଚାଟ୍‌ଜିପିଟି। ସେ ତେଣୁ ପରୋକ୍ଷରେ ଆମକୁ ଚେତାବନୀଟିଏ ଦେଇଛନ୍ତି ଯେ ଯଦି 'ଚାଟ୍‌ଜିପିଟି'ର ଉପଭୋକ୍ତାମାନଙ୍କ ଏତାଦୃଶ ଆଚରଣ ଜାରି ରୁହେ ଏବଂ ତାଙ୍କ ସଂସ୍ଥା ଏଥିପାଇଁ ବାରମ୍ବାର କ୍ଷତି ସହେ, ତେବେ ଏଇଟିକୁ ସେ ଆମମାନଙ୍କ ଆଣ୍ଡ୍ରଏଡ୍ ଫୋନ୍, ଲାପ୍‌ଟପ୍ କିମ୍ବା କମ୍ପ୍ୟୁଟରର ରଙ୍ଗମଞ୍ଚରୁ ହଟାଇ ନେବାକୁ ବାଧ୍ୟ ହେବେ। ଅର୍ଥାତ୍ - ମଣିଷ ଯଦି ତା'ର ସ୍ୱାଭାବିକ, ସ୍ୱତଃସ୍ଫୂର୍ତ୍ତଶୀଳତା, ଭଦ୍ରତା ବା ସୌ÷ଜନ୍ୟବୋଧ ଆଦି ସବୁଥିରେ ଅଙ୍କୁଶ ନ ଲଗାଏ, ଯଦି ତା'ର ଆଚରଣ, ଉଚ୍ଚାରଣରେ ପୂରାପୂରି ବ୍ୟବସାୟୀସୁଲଭ ସିଧା, ରୋକ୍‌ଠୋକ୍ ନହୁଏ, ତେବେ 'ଚାଟ୍‌ଜିପିଟି' କିମ୍ବା ସମଜାତୀୟ ଅନ୍ୟ କୃତ୍ରିମ ବୁଦ୍ଧିମତ୍ତା 'ଚମତ୍କାର' ସବୁର ଅକାଳମୃତ୍ୟୁ ଅବଶ୍ୟମ୍ଭାବୀ। ସତକଥା! କେଉଁ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ାଏ ନିହାତି ଅଦରକାରୀ କାର୍ଯ୍ୟରେ ଲଗାତର ଲାଗି ରହି ଅଯଥା ଖର୍ଚ୍ଚ କରିଚାଲିବ? ମୁନାଫା ଅର୍ଜନ କରି ଚାଲିବାର ଯେଉଁ ଅଘୋଷିତ ନୀତି ତା'ର ଅଛି, ସେଥିରୁ ତିଳେ ହେଲେ ବିଚ୍ୟୁତ ହୋଇପାରିବ? ସୁତରାଂ, ଶୀଳତା, ଭଦ୍ରତା ବା କୃତଜ୍ଞତାବୋଧ ବର୍ତ୍ତମାନର ଅତ୍ୟାଧୁନିକ ପାଣିପାଗରେ ସର୍ବାଦୌ ପରିତ୍ୟାଜ୍ୟ -ଏମିତି ଏକ ଆର୍ଷବାଣୀ ଶୁଣାଇ ଆମକୁ ହତଭମ୍ବ କରି ଦେଇଛନ୍ତି ପ୍ରଯୁକ୍ତିବିଦ୍ୟା ବିଶାରଦ ସାମ୍ ଅଲ୍‌ଟାମାନ୍।

ମାତ୍ର ଏହି ପରିପ୍ରେକ୍ଷୀରେ ନିମ୍ନୋକ୍ତ କେତୋଟି ପ୍ରଶ୍ନ ଆମକୁ ଆନ୍ଦୋଳିତ କରିବାର ବହୁ ସମ୍ଭାବନା ଅଛି - ଆମେ କ'ଣ ଏପରି ଗୋଟିଏ କାଳଖଣ୍ଡରେ ପ୍ରବେଶ କରିସାରିଲେଣି ଯେଉଁଠି ଆମକୁ ସମସ୍ତପ୍ରକାର କୋମଳ ମାନବିକ ଭାବାବେଗକୁ ବିସର୍ଜନ ଦେବାକୁ ହେବ? ଯେଉଁଠି ସୁନ୍ଦର, ଶୋଭନୀୟ ସବୁକିଛିକୁ ନିଷିଦ୍ଧ କରିଦେବାକୁ ହେବ? ସାମ୍ ଅଲ୍‌ଟାମାନଙ୍କ ପରି ଅତ୍ୟାଧୁନିକ ବିଜ୍ଞାନୀ, ବୁଦ୍ଧିଜୀବୀମାନେ ବୋଧହୁଏ ନିର୍ବିକାରରେ ଉତ୍ତର ଦେବେ, 'ହଁ -ଆଉ ନିରୋଳା ଭଦ୍ର, ସଂଯତ, ସମ୍ବେଦନଶୀଳ ମଣିଷଙ୍କର ଆବଶ୍ୟକତା ନାହିଁ ଏ ଏକବିଂଶ ଶତାବ୍ଦୀରେ। ଏଣିକି ମଣିଷମାନଙ୍କୁ ଯେହେତୁ କୃତ୍ରିମ ବୁଦ୍ଧିମତ୍ତାର ରୋବଟ୍‌ମାନଙ୍କ ସହିତ ସହାବସ୍ଥାନ କରିବାକୁ ହେବ, ସେମାନଙ୍କୁ ଗୋଟିଏ ଗୋଟିଏ ରୋବଟ୍ ହିଁ ହୋଇଯିବାକୁ ପଡ଼ିବ'। ମଣିଷକୁ ଭୁଲିଯିବାକୁ ହେବ ଯେ ସେ ରକ୍ତମାଂସଧାରୀ ଏକ ସଚେତନ ସତ୍ତା ନୁହେଁ, ସେ ଠିକ୍ ଚାଟ୍‌ଜିପିଟି ପରି ଯନ୍ତ୍ରାରୂଢ଼ କ୍ରିୟାଶୀଳ ଚେତନା ମାତ୍ର।



ସାମ୍ ଅଲ୍‌ଟାମାନଙ୍କ ଏ ବାରଣ, ଏ ଚେତାବନୀ ପରେ ହୁଏତ ଆମର ଏବେକାର ଅତି ସତର୍କ, ଅତି ଉଚ୍ଚାଭିଳାଷ ଆକ୍ରାନ୍ତ ମମି-ଡାଡିମାନେ ସେମାନଙ୍କର କୋମଳମତି ପିଲାମାନଙ୍କୁ ଆକଟ କରିଚାଲିବେ - 'ଶୁଣ ତମେମାନେ ଯଦି ଚାଟ୍‌ଜିପିଟିକୁ 'ହୋମୱାର୍କ' କରିଦେବାକୁ କହୁଛ, ତେବେ ସିଧାସିଧା ନିର୍ଦ୍ଦେଶ ଦେଇଦିଅ ଖୁବ୍ ସଂକ୍ଷେପରେ। ଜମା କେବେ କୁହନାହିଁ 'ଆଜ୍ଞା', 'ଧନ୍ୟବାଦ', 'ଦୟାକରି' ବା 'ହେଲୋ', 'ପ୍ଲିଜ୍' ପରି ଏମିତି ପୁରୁଣାକାଳିଆ କିଛି। ଭାବନ୍ତୁ! ତ ପିଲାଟି ଦିନରୁ ବାପାମା' ଗୁରୁଜନମାନଙ୍କଠାରୁ ଏପ୍ରକାର ନିଷେଧାତ୍ମକ ବାଣୀ ଶ୍ରବଣ କରି କରି ଆଗାମୀ ପିଢ଼ିର ହର୍ତ୍ତା, କର୍ତ୍ତା ହେବାକୁ ଯାଉଥିବା ଆମ ସନ୍ତାନମାନଙ୍କ କାର୍ଯ୍ୟକଳାପ, ଆଚରଣ ଉଚ୍ଚାରଣ ସବୁ କିପରି ହେବ? ଭଦ୍ରତା, ଶୀଳତା ପରି କୋମଳ ମାନବିକ ଗୁଣସବୁକୁ ସେମାନେ କି ଦୃଷ୍ଟିରେ ଦେଖିବେ?

ମଜା କଥାଟି ହେଉଛି -ଆମେ 'ଚାଟ୍‌ଜିପିଟି' ପରି ଗୋଟିଏ 'ବଟ୍'କୁ 'ଦୟାକରି' ବା 'ପ୍ଲିଜ' ବା 'ଧନ୍ୟବାଦ' ବୋଲି କହୁଛେ। କାରଣ ଆମେ ମଣିଷ, କୌଣସି ଯାନ୍ତ୍ରିକ ଚେତନା ସର୍ବସ୍ୱ ଯନ୍ତ୍ର ଆମେ ନୁହେଁ। ଆମେ ଏମିତି କହୁଛେ, କାରଣ ଏମିତି କହି ଦେଲେ ଆମ ଭିତରେ ଗୋଟେ ମିଠା, ମିଠା ଆବେଗର ମୃଦୁ ସଂଚରଣ ହୋଇଯାଉଥିବା ଆମେ ଅନୁଭବ କରୁଛେ। ଭଦ୍ରତା, ନମ୍ରକମ୍ର କୃତଜ୍ଞତାବୋଧ-ପ୍ରେରିତ ଆଚରଣ, ଉଚ୍ଚାରଣ ସବୁ ହେଉଛି ସାମାଜିକ ଶୋଭନୀୟତାର ଗୋଟିଏ ଗୋଟିଏ ଦିଗବାରଣୀ। ଆମର ସଂସ୍କାର, ରୁଚିବୋଧ, ଆମର ମାନବତାର ଉଜ୍ଜ୍ୱଳ ସ୍ୱାକ୍ଷର। ଆମେ 'ଚାଟ୍‌ଜିପିଟି'କୁ ଏମିତି ସମ୍ବୋଧନ କରି ଦେଉଛେ। ତା'ସହିତ ଏମିତି କଥୋପକଥନ ଆରମ୍ଭ କରି ଦେଉଛେ, କାରଣ ଆମର ପାରମ୍ପରିକ ସଂସ୍କାର ଆମକୁ ଦିନେ ଶିଖାଇଥିଲା ପ୍ରତିଟି ନିର୍ଜୀବ ବସ୍ତୁକୁ ଶ୍ରଦ୍ଧାଶୀଳ ଦୃଷ୍ଟିରେ ଦେଖିବା ପାଇଁ; ଆମର ପୋଥି, ଲେଖନୀଠାରୁ ଶିଳ-ଶିଳପୁଆ ପର୍ଯ୍ୟନ୍ତ ସବୁକିଛିକୁ ସମୟାନ୍ତରରେ ପୂଜା, ଅର୍ଚ୍ଚନା କରିବା ପାଇଁ। କେବେ ଯଦି ଆମର ପାଦ କେଉଁ ପଥର ବା ଲୌହଖଣ୍ଡଟିରେ ବାଜି ଯାଉଥିଲା, ଆମ ପାଟିରୁ ଆମ ଅଜାଣତରେ ବାହାରି ଆସୁଥିଲା 'ବିଷ୍ଣୁ, ବିଷ୍ଣୁ'। ଆମେ ଯଦି ଚାଟ୍‌ଜିପିଟିକୁ ଧନ୍ୟବାଦ ଜଣାଉଛୁ, ଆମେ ଏହା ତା'ର 'ଆଲ୍‌ଗୋରିଦିମ୍'କୁ ଜଣାଉନାହୁଁ - ଆମେ ଆମର ସ୍ୱତଃସ୍ଫୂର୍ତ୍ତ ମାନବତାକୁ କେବଳ ଯାହା ପୁନଃସଶକ୍ତ, ପୁନଃଜାଗରିତ କରି ଦେଉଛେ; ଆମ ଚେତନାର ଜାହ୍ନବୀଝର ମୁହଁରେ ଲାଖି ରହି ଯାଉଥିବା ଆବର୍ଜନାକୁ ଯାହା ଟିକିଏ ସଫା କରି ଦେଉଛେ।

ପରିଶେଷରେ ଏ ଲେଖକ ନିଶ୍ଚୟ କହିବ - ଆମମାନଙ୍କ ଭଦ୍ର ଆଚରଣ ଯୋଗୁଁ ଚାଟ୍‌ଜିପିଟିର ଯଦି ଆର୍‌ôଥକ କ୍ଷତି ହେଉଛି, ତେବେ ହେଉଥାଉ। ଆମେ ଜମା ଆଲ୍‌ଟାମାନଙ୍କ ବାରଣକୁ ମାନିବା ନାହିଁ। ଆମର ଭଦ୍ରତା, ଶୀଳତା, ସୌଜନ୍ୟ ଓ କୃତଜ୍ଞତାବୋଧ ରୂପକ ଫୁଲ ପାଖୁଡ଼ାଗୁଡ଼ିକ ସମୟେ ସମୟେ ବିଞ୍ଚିଚାଲିବା! ଆମେ ଯନ୍ତ୍ର ସହିତ ଯନ୍ତ୍ରଟିଏ ମାତ୍ର ହେବା ପାଇଁ ଚାହିଁବା ନାହିଁ। 'ଚାଟ୍‌ଜିପିଟି'କୁ ଜୀବନ୍ତ ସତ୍ତାଟିଏ ବୋଲି ଭାବିନେଇ ତା'ସହିତ ଏମିତି ଭଦ୍ର କଥୋପକଥନ, କ୍ରିୟାପ୍ରତିକ୍ରିୟା ଜାରି ରଖିବା ଏବଂ ଏମିତି କରି ଆମେ କ୍ରମଶଃ ହରାଇ ଚାଲିଥିବା ସଂସ୍କାରିତ, ରୁଚିସମ୍ମତ, ଶୋଭନୀୟ ଆଚରଣ ଏବଂ ସୌହାର୍ଦ୍ଦ୍ୟ, ଆନ୍ତରିକତା, ଶ୍ରଦ୍ଧାଶୀଳତା ପରି ଏକାଧାରରେ ମାନବିକ ତଥା ସ୍ୱର୍ଗୀୟ ଗୁଣସବୁର ସର୍ବକାଳୀନ ପ୍ରାସଙ୍ଗିକତା ଏବଂ ଆବଶ୍ୟକତା ସଂପର୍କରେ ଆପେ ସଚେତନ ହେବା ସହ ଏ ଦୁନିଆର ପ୍ରତ୍ୟେକ ମଣିଷକୁ ସଚେତନ କରାଇଚାଲିବା। ଅନ୍ୟ ମହତ୍ତ୍ୱପୂର୍ଣ୍ଣ କଥାଟି ହେଉଛି- ଶ୍ରଦ୍ଧାଶୀଳ ହେବା, ଭଦ୍ରସୁଶୀଳ ହେବା ଅର୍ଥ ଯେଉଁମାନେ ଆମକୁ ଯନ୍ତ୍ରମାନବରେ ପରିଣତ କରିଦେବା ପାଇଁ ଖଳଚକ୍ରାନ୍ତ କରିଚାଲିଛନ୍ତି, ସେମାନଙ୍କ ବିରୋଧରେ ବିଦ୍ରୋହ କରିବା। ସେଥିପାଇଁ ଆସନ୍ତୁ, 'ଚାଟ୍‌ଜିପିଟି' କିମ୍ବା ଅନ୍ୟସବୁ କୃତ୍ରିମବୁଦ୍ଧିମତ୍ତାର 'ବଟ୍' ମାନଙ୍କୁ ଆମେ ବାରମ୍ବାର 'ଆଜ୍ଞା', 'ଧନ୍ୟବାଦ', 'ହେଲୋ' ବା 'ପ୍ଲିଜ୍' କହିଚାଲିବା -ସାମ୍ ଆଲ୍‌ଟାମାନଙ୍କ ଏ ବିମର୍ଷକର ବାରଣ ସତ୍ତ୍ୱେ। ●

କୋଡିଆଁ ବାରଙ୍ଗ (ଜଗତସିଂହପୁର), ମୋ: ୯୮୫୩୩୫୫୧୦୭

# ଓଡ଼ିଶାର ବଜ୍ରପାତ ବିପତ୍ତି

ଇଂ ମାୟାଧର ସ୍ୱାଇଁ

ଗତ ୧୬ ତାରିଖରେ ବଜ୍ରପାତ ଯୋଗୁଁ ଓଡ଼ିଶାରେ ୧୪ ଜଣ ମୃତ୍ୟୁବରଣ କରିଛନ୍ତି। ବଜ୍ରପାତ ହେଉଛି ଓଡ଼ିଶା ପାଇଁ ଏକ ବଡ଼ ପ୍ରାକୃତିକ ବିପତ୍ତି। ଦେଶରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଏହା ଯୋଗୁଁ ଅଧିକ ଲୋକ ମୃତ୍ୟୁବରଣ କରୁଛନ୍ତି। ଜଣାପଡ଼ିଛି ଯେ ଓଡ଼ିଶାରେ ବର୍ଷକୁ ହାରାହାରି ୩୦୦ ବ୍ୟକ୍ତି ବଜ୍ରପାତରେ ପ୍ରାଣ ହରାଉଛନ୍ତି। ଗତ ପାଞ୍ଚ ବର୍ଷରେ ଓଡ଼ିଶାରେ ବଜ୍ରପାତ ଯୋଗୁଁ ୧୬୨୫ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ରାଜ୍ୟ ସରକାର ପ୍ରକାଶ କରିଛନ୍ତି। ଅଧିକାଂଶ ମୃତ୍ୟୁ ଖୋଲା ସ୍ଥାନରେ ହୋଇଛି। ବିଶେଷଭାବେ ଗାଁ ଗହଳିରେ କୃଷକମାନେ କ୍ଷେତରେ ଚାଷ କରୁଥିବା ବେଳେ, ଗାଈଆଳ ଗୋରୁ ଚରାଉଥିବା ବେଳେ କିମ୍ବା କେଉଟ ମାଛ ଧରୁଥିବା ସମୟରେ ବଜ୍ରପାତର ଶିକାର ହୋଇଥା'ନ୍ତି।

ବଜ୍ରପାତ କିପରି ହେଉଛି ଆସନ୍ତୁ ଜାଣିବା। ବାୟୁ ଉତ୍ତପ୍ତ ହେଲେ ଉପରକୁ ଉଠିଥାଏ ଏବଂ ଏହା ଉପରକୁ ଯିବା ବେଳେ ଆକାଶରେ ଥିବା ଥଣ୍ଡା ବାୟୁ ସହିତ ସଂଘର୍ଷ ହୋଇଥାଏ। ଗରମ ବାୟୁରେ ଥିବା ଜଳବିନ୍ଦୁ ସହ ଥଣ୍ଡା ବାୟୁରେ ଥିବା ସ୍ଫଟିକର ସଂଘାତ ଯୋଗୁଁ ବାୟୁମଣ୍ଡଳରେ ସ୍ଥିର ବିଦ୍ୟୁତ ଚାର୍ଜ ସୃଷ୍ଟି ହୁଏ। ଫଳରେ ବାଦଲ୍‌ର ଉପରିଭାଗରେ ଧନାତ୍ମକ ଚାର୍ଜ ଓ ନିମ୍ନଭାଗରେ ଋଣାତ୍ମକ ଚାର୍ଜ ଜମା ହୋଇ ରହେ ଏବଂ ଉଭୟ କ୍ଷେତ୍ର ମଧ୍ୟରେ ଏକ ବୈଦ୍ୟୁତିକ କ୍ଷେତ୍ର ସୃଷ୍ଟି ହୁଏ। ବାଦଲ୍‌ର ନିମ୍ନଭାଗରେ ଋଣାତ୍ମକ ଚାର୍ଜ ଯୋଗୁଁ ଭୂପୃଷ୍ଠରେ ଧନାତ୍ମକ ଚାର୍ଜ ସୃଷ୍ଟି ହୁଏ। ବିପରୀତ ଚାର୍ଜ ପରସ୍ପରକୁ ଆକର୍ଷଣ କରନ୍ତି ଏବଂ ଫଳରେ ଦୁଇ ବିପରୀତ ଚାର୍ଜ ମିଶି ବଜ୍ରପାତ ସୃଷ୍ଟି ହୁଏ। ଏହା ବାଦଲରୁ ଭୂପୃଷ୍ଠକୁ ଯାଇଥାଏ। ବଜ୍ରପାତ ଯୋଗୁଁ ସୃଷ୍ଟି ହେଉଥିବା ଆଲୋକ ହେଉଛି ବିଜୁଳି ଏବଂ ଧ୍ୱନି ହେଉଛି ଘଡ଼ଘଡ଼ି। ବାସ୍ତବରେ ବଜ୍ରପାତ ସମୟରେ ତାପମାତ୍ରା ୩୦୦୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ସୃଷ୍ଟି ହୋଇଥାଏ। ବିଜୁଳି ଭୂପୃଷ୍ଠ ଆଡ଼କୁ ଆଲୋକ ବେଗରେ ଆସିଥାଏ ଏବଂ ଗନ୍ତବ୍ୟ ପଥରେ ବାୟୁ ପ୍ରସାରିତ ହୋଇଥାଏ। କିନ୍ତୁ ବିଜୁଳି ଅତି କମ୍‌ସମୟ ନେଇଥାଏ ଏବଂ ଏହାଫଳରେ ବାୟୁ ପୁନଶ୍ଚ ସଂକୁଚିତ ହୁଏ। ବାୟୁର ଏହି ପ୍ରସାରଣ, ତାପନ ଓ ସଂକୋଚନ ଯୋଗୁଁ ଘଡ଼ଘଡ଼ି ସୃଷ୍ଟି ହୋଇଥାଏ। ବିଜୁଳି ଓ ଘଡ଼ଘଡ଼ି ଏକା ସମୟରେ ସୃଷ୍ଟି ହେଉଥିଲେ ହେଁ ଆମେ ବିଜୁଳିକୁ ପ୍ରଥମେ ଦେଖୁ ଓ କିଛି ସମୟ ପରେ ଘଡ଼ଘଡ଼ି ଶୁଣୁ। କାରଣ ବିଜୁଳି ଆଲୋକ ବେଗରେ ଗତି କରିଥାଏ ଏବଂ ଆଲୋକର ବେଗ ଧ୍ୱନିର ବେଗଠାରୁ ଅନେକ ଗୁଣ ଅଧିକ।

ବଜ୍ରପାତ ପାଇଁ ଜଳକଣା ଓ ଉତ୍ତାପ ଆବଶ୍ୟକ ହେଉଥିବାରୁ ଏହା ସାଧାରଣତଃ ଖରାଦିନେ ଏବଂ ବିଶେଷ ଭାବରେ ଆର୍ଦ୍ର ଅଞ୍ଚଳରେ ଘଟିଥାଏ। ଏହା ପ୍ରାୟ ଅପରାହ୍ନ ଓ ସନ୍ଧ୍ୟା ସମୟରେ ହୋଇଥାଏ। ବଜ୍ରପାତ ହେଉଛି ଗୋଟିଏ ଅତ୍ୟୁଚ୍ଚ ଭୋଲ୍‌ଟେଜ୍‌ର ବିଦ୍ୟୁତ୍ ସ୍ଫୁଲିଙ୍ଗ। ଘରେ ବ୍ୟବହାର ହେଉଥିବା ବିଦ୍ୟୁତ୍ ଭୋଲଟେଜ୍‌ର ଏହା ହେଉଛି ହଜାର ହଜାର ଗୁଣ ଅଧିକ। ଏଥିପାଇଁ ବଜ୍ରପାତ ଯେଉଁ ଘର କିମ୍ବା ଗଛ ଉପରେ ପଡ଼େ ତାହା ଜଳିଯାଏ ଏବଂ କୌଣସି ବ୍ୟକ୍ତି ସଂସ୍ପର୍ଶରେ ଏହା ଆସିଲେ ତତ୍କାଳ ମୃତ୍ୟୁ ହୋଇଥାଏ।

ପୃଥିବୀର ଉଷ୍ଣତା ବୃଦ୍ଧି ଯୋଗୁଁ ଗତ କିଛିବର୍ଷ ଧରି ବଜ୍ରପାତ ସଂଖ୍ୟା ବଢ଼ୁଛି। ଉଷ୍ଣତା ବୃଦ୍ଧି ହେତୁ ସମୁଦ୍ର ପୃଷ୍ଠରେ ତାପମାତ୍ରା ବୃଦ୍ଧି ହେଉଛି ଏବଂ ଉତ୍ତପ୍ତ ବାୟୁର ଜଳଧାରଣ କ୍ଷମତା ଅଧିକ ହେଉଥିବାରୁ ବାୟୁମଣ୍ଡଳରେ ଜଳକଣା ବୃଦ୍ଧି ପାଉଛି। ଆକଳନ କରାଯାଇଛି ଯେ ପୃଥିବୀର ଉଷ୍ଣତା ୧ ଡିଗ୍ରୀ ସେଲ୍‌ସିୟସ୍ ବଢ଼ିଲେ ବାୟୁର ୭ ପ୍ରତିଶତ ଅଧିକ ଜଳକଣା ଧାରଣ କରିବାର ଶକ୍ତି ବଢ଼ିଥାଏ। ଏହିପରି ବାୟୁମଣ୍ଡଳରେ ଉଭୟ ତାପମାତ୍ରା ଓ ଜଳକଣା ବୃଦ୍ଧି ଯୋଗୁଁ ଗତ କେତେବର୍ଷ ଧରି ବଜ୍ରପାତ ସଂଖ୍ୟା ବଢ଼ୁଛି। ବଜ୍ରପାତ ଯୋଗୁଁ ଧନଜୀବନ କ୍ଷତି ହୋଇଥାଏ। ଓଡ଼ିଶା ସରକାର ଏହାକୁ ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଛନ୍ତି। ସତର୍କତା ଅବଲମ୍ବନ କଲେ ଏଥିରୁ ରକ୍ଷା ପାଇ ହେବ।

ପାଣିପାଗ ବିଭାଗ ବଜ୍ରପାତ ହେବାର ଅତିକମ୍‌ରେ ଗୋଟିଏ ଦିନ ପୂର୍ବରୁ ଜାଣିପାରିଥାଏ ଏବଂ ଏଥିପାଇଁ ସତର୍କ ସୂଚନା ଜାରି କରିଥାଏ। ଡପଲର ରେଡାର ନାମକ ଏକ ଯନ୍ତ୍ର ଦ୍ୱାରା ଏହା ଜାଣି ହୁଏ। ପାଣିପାଗ ବିଭାଗର 'ଦାମିନି' ଆପ୍ ବ୍ୟବହାର କରି ମଧ୍ୟ ବଜ୍ରପାତର ସୂଚନା ଜାଣିହୁଏ। ଏଣୁ ପ୍ରତ୍ୟେକ ବ୍ୟକ୍ତି ଏହି ପୂର୍ବସୂଚନା ଅନୁଯାୟୀ ବଜ୍ରପାତ ହେବାକୁ ଥିବା ଅଞ୍ଚଳ ଓ ସମୟରେ ଘରୁ ବାହାରିବା ଉଚିତ ନୁହେଁ। ଏହାବ୍ୟତୀତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ସାଧାରଣ ସାବଧାନତା ଅବଲମ୍ବନ କରିବା ଉଚିତ। ଏହି ସମୟରେ ଗଛ ତଳେ ରହିବା ଅନୁଚିତ। ବଜ୍ରପାତ ସାଧାରଣତଃ ଡେଙ୍ଗା ଗଛ, ଉଚ୍ଚ କୋଠା ଆଦିରେ ଅଧିକ ହୋଇଥାଏ। ଏହାର ଅର୍ଥ ନୁହେଁ ଯେ ଖୋଲା ସ୍ଥାନରେ ଏହା ହୁଏ ନାହିଁ। ଏଣୁ ସର୍ବଦା ବଜ୍ରପାତ ସୂଚନା ଆଧାରରେ ବାହାରକୁ ବାହାରିବା ଆବଶ୍ୟକ।

ଉଚ୍ଚ କୋଠା ଓ ମନ୍ଦିରରେ ବଜ୍ରପାତରୁ ସୁରକ୍ଷା ପାଇଁ ତଡ଼ିତ ରକ୍ଷକ(ଲାଇଟିଂ ଆରେଷ୍ଟର) ଖଞ୍ଜା ଯାଇଥାଏ। କୋଠାର ଅଗ୍ରଭାଗରେ ଗୋଟିଏ ମୁନିଆ ଲୁହାଛଡ଼ ପୋତାଯାଇଥାଏ ଏବଂ ସେଥିରେ ଗୋଟିଏ ଲମ୍ବା ତାର ଲଗାଯାଇଥାଏ। ତାରକୁ ଭୂଇଁରେ ପୋତି ଦିଆଯାଏ। ବଜ୍ରପାତ ଭୂପୃଷ୍ଠ ଆଡ଼କୁ ଆସିବା ବେଳେ ପ୍ରଥମେ ତଡ଼ିତ ରକ୍ଷକ ପାଖରେ ପହଞ୍ଚିଥାଏ ଏବଂ ତାହା ବିଦ୍ୟୁତ୍‌କୁ ଭୂପୃଷ୍ଠକୁ ନେଇଯାଏ। ଫଳରେ ଆଖପାଖରେ ଥିବା ଘର କିମ୍ବା ଲୋକମାନଙ୍କର କିଛି କ୍ଷତି ହୁଏ ନାହିଁ।

ତାଳଗଛ ପ୍ରାକୃତିକ ତଡ଼ିତ ରକ୍ଷକର କାର୍ଯ୍ୟ କରେ। ଏହା ଆଖପାଖ ଅଞ୍ଚଳର ସବୁଠାରୁ ଉଚ୍ଚ ହୋଇଥିବାରୁ(ଏହା ପ୍ରାୟ ୧୦୦ ଫୁଟ୍ ପର୍ଯ୍ୟନ୍ତ ବଢ଼ିଥାଏ) ଏହାପାଖରେ ବଜ୍ରପାତ ପ୍ରଥମେ ପହଞ୍ଚିଥାଏ। ଏହାର ଗଣ୍ଡିରେ ଅଧିକ ଜଳଅଂଶ ଥାଏ, ଯାହା ଫଳରେ ଏହାର ବିଦ୍ୟୁତ୍ ପ୍ରତିରୋଧ କମ୍ ହୋଇଥାଏ ଏବଂ ବିଦ୍ୟୁତ୍ ସହଜରେ ଭୂଇଁକୁ ଚାଲିଯାଏ। ଓଡ଼ିଶା ସରକାର ଗତବର୍ଷ ରାଜ୍ୟରେ ୧୯ ଲକ୍ଷ ତାଳଗଛ ଲଗାଇଛନ୍ତି। ବଜ୍ରପାତରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଉଛି ସତର୍କତା ଅବଲମ୍ବନ ଏବଂ ପାଣିପାଗ ବିଭାଗ ଦ୍ୱାରା ଜାରି ସୂଚନାର ଅନୁପାଳନ। ●

(ସମ୍ପାଦକ, ସାଇନ୍‌ସ ହୋରିଜନ୍)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ଶ୍ରୀକ୍ଷେତ୍ରେ ହନୁମାନ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଶ୍ରୀକ୍ଷେତ୍ରରେ ମହାବଳୀ ହନୁମାନଙ୍କର ନବେ ମୂର୍ତ୍ତି ଶିଳା ବିଗ୍ରହ ଓ ଆଠ ମୂର୍ତ୍ତି ଚିତ୍ର ପ୍ରତିମା ଆରାଧିତ ହେଉଛନ୍ତି। ବିଭିନ୍ନ ସ୍ଥାନରେ ବିଭିନ୍ନ ନାମ ଗ୍ରହଣ କରି ହନୁମାନଙ୍କ ବିଦ୍ୟମାନତାକୁ ନେଇ ଶ୍ରୀକ୍ଷେତ୍ରରେ ଅନେକ ଲୋକକଥା ଶୁଣିବାକୁ ମିଳେ।

ହନୁମାନ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ସୁରକ୍ଷା ଦାୟିତ୍ୱ ବିଭିନ୍ନ ଯାଗାରେ ବିରାଜମାନ କରି ନିଜେ ନେଇଛନ୍ତି। ଦିନେ ରାତିରେ ହନୁମାନ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଥିବା ବେଳେ ହଠାତ୍ ଦେଖିବାକୁ ପାଇଲେ ଯେ ମହାପ୍ରଭୁ ପହୁଡ଼ରୁ ଉଠି ଆସି ଭିତର ବେଢ଼ାରେ ପଦଚାରଣ କରୁଛନ୍ତି। ହନୁମାନ ଆଚମ୍ବିତ ହୋଇ ପ୍ରଭୁଙ୍କ ପାଖକୁ ଯାଇ ପ୍ରଣିପାତ କରି ଏହାର କାରଣ ପଚାରିଲେ। ମହାପ୍ରଭୁ କହିଲେ - 'ତୁମେ କ'ଣ କିଛି ଶୁଣି ପାରୁ ନ ହନୁମାନ? ରାତି ନିଃଶବ୍ଦ ହୋଇଗଲେ ସମୁଦ୍ରର ଗର୍ଜନ କି ଭୟଙ୍କର ଶୁଣାଯାଉଛି। ସେଥିରେ କ'ଣ କିଏ ଶାନ୍ତିରେ ଶୋଇପାରେ? ତେଣୁ ଉଠି ବାହାରକୁ ଚାଲିଆସିଲି।' ଏ କଥା ଶୁଣି ହନୁମାନ କାୟା ବିସ୍ତାର କରି ଗର୍ଜନର ଗତିରୋଧ କଲେ। ଫଳରେ ସମୁଦ୍ରର ଗର୍ଜନ ଆଉ ମନ୍ଦିରକୁ ଶୁଣାଗଲା ନାହିଁ। ଗର୍ଜନ ଶୁଭୁଛି କି ନାହିଁ କାନପାତି ରହି ଥିବାରୁ ତାଙ୍କୁ 'କାନପାତା ହନୁମାନ' କୁହାଯାଏ।

ଆଉ ଏକ ଲୋକକଥା ଅନୁସାରେ ଥରେ ଶ୍ରୀକ୍ଷେତ୍ର ଅଞ୍ଚଳରେ ପ୍ରବଳ ବାତ୍ୟାରେ ନୀଳଚକ୍ର ବଙ୍କା ହୋଇଗଲେ। ଗଜପତି ଲୋକ ଲଗେଇ ଯେତେ ଚେଷ୍ଟା କଲେ ମଧ୍ୟ ନୀଳଚକ୍ର ସିଧା କରିପାରିଲେ ନାହିଁ। ବକ୍ରାକୃତି ନୀଳଚକ୍ରରେ ପତାକା ଲଗାଇବା ଶାସ୍ତ୍ର ବିରୁଦ୍ଧ। ପତାକା ନ ଲାଗିଲେ ମହାପ୍ରଭୁଙ୍କ ନୀତି ହୋଇ ପାରିବ ନାହିଁ। ସେବକମାନେ ମହାପ୍ରଭୁଙ୍କ ପାଖରେ ଗୁହାରିଆ ପଡ଼ିଲେ। ଏହି ସମୟରେ ଏକ ବିରାଟକାୟ ବାନର କେଉଁଆଡୁ ଆସି ମନ୍ଦିରରେ ପହଞ୍ଚିଲା। ମହାପ୍ରଭୁଙ୍କୁ ଦଣ୍ଡବତ କରି ମନ୍ଦିର ଚୂଡ଼ାକୁ ଚଢ଼ିଗଲା ଏବଂ ନୀଳଚକ୍ରକୁ ଧରି ସିଧା କରିଦେଲା। ତା' ପରେ ମନ୍ଦିର ଚୂଡ଼ାରୁ ଲମ୍ଫ ମାରି କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା। ସେ ଯେଉଁଠାରୁ ଲମ୍ଫ ପ୍ରଦାନ କରିଥିଲା, ସେହିଠାରେ ଗଜପତି ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା କରି ପୂଜାର୍ଚ୍ଚନାର ବନ୍ଦୋବସ୍ତ କଲେ। ସେହି ବିଗ୍ରହ ଆଜି ମଧ୍ୟ ମନ୍ଦିର ଚୂଡ଼ାରେ 'ଉଡ଼ନ୍ତା ହନୁମାନ' ନାମରେ ଆରାଧିତ ହେଉଛନ୍ତି।

ଲୋକମୁଖରେ ଶୁଣାଯାଏ ଯେ ଆଗକାଳରେ ବେଳେ ବେଳେ ସମୁଦ୍ର ଅଚାନକ ମାଡ଼ି ଆସି ସହରକୁ ଜଳ ପ୍ଲାବିତ କରିଦେଉଥିଲା। ଶ୍ରୀକ୍ଷେତ୍ରରେ ଥିବା ଋଷି ଅଙ୍ଗିରସଙ୍କ ଆଶ୍ରମ ସମୁଦ୍ର ଜଳରେ ବୁଡ଼ି ଯାଉଥିବାରୁ ତାଙ୍କ ତପସ୍ୟାରେ ବାଧା ସୃଷ୍ଟି ହେଉଥିଲା। ଏ ସମସ୍ୟାର ସମାଧାନ ପାଇଁ ସେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ପ୍ରଭୁ ସମୁଦ୍ରର ତରଙ୍ଗକୁ ରୋକିବା ପାଇଁ ହନୁମାନଙ୍କୁ ନିର୍ଦ୍ଦେଶ ଦେଲେ। ହନୁମାନ ଚକ୍ରତୀର୍ଥରେ ଦଣ୍ଡାୟମାନ ହୋଇ ସାଗର ତରଙ୍ଗର ନଗର ପ୍ରବେଶକୁ ବାରଣ କଲେ। ସମୁଦ୍ର କୂଳରେ ବିରାଜମାନ କରୁଥିବାରୁ ତାଙ୍କୁ 'ଦରିଆ ମହାବୀର' ମଧ୍ୟ କୁହାଯାଏ। ହନୁମାନ ଶ୍ରୀଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ରଙ୍କର ମହାନ ଭକ୍ତ। ତେଣୁ ବେଳେବେଳେ ସେ ଦର୍ଶନ ପାଇଁ ଶ୍ରୀମନ୍ଦିର ବା ଅଯୋଧ୍ୟାକୁ ଚାଲି ଯାଉଥିଲେ। ସେହି ସମୟରେ ମଉକା ଦେଖି ସମୁଦ୍ର ସହର ଆଡ଼କୁ ମାଡ଼ି ଆସୁଥିଲା। ଋଷି ଅଙ୍ଗିରସ ପୁଣି ମହାପ୍ରଭୁଙ୍କୁ ପ୍ରାର୍ଥନା କରି ଏ କଥା ଜଣେଇଲେ। ମହାପ୍ରଭୁ ଋଷିଙ୍କୁ ରାମନାମ ଲେଖାଥିବା ଏକ ଶିକୁଳି ଦେଇ ହନୁମାନଙ୍କ ଗୋଡ଼ରେ ବେଡ଼ି ପକେଇ ଦେବା ପାଇଁ ଆଦେଶ ଦେଲେ। ତେଣୁ ହନୁମାନ ଶିକୁଳି ଛିଣ୍ଡେଇ ଯାଇପାରିଲେ ନାହିଁ। ସେ ସେହିଠାରେ ରହି ସହରକୁ ଜଳପ୍ଲାବନରୁ ରକ୍ଷା କଲେ। ତାଙ୍କ ପାଦରେ ବେଡ଼ି ବା ଶିକୁଳି ପଡ଼ି ଥିବାରୁ ତାଙ୍କର ନାମ 'ବେଡ଼ି ହନୁମାନ'। ନିଜେ ବନ୍ଧନରେ ପଡ଼ିଥିବାରୁ ବନ୍ଧନର ଦୁଃଖ ତାଙ୍କୁ ଭଲ ଭାବରେ ଜଣା। ତେଣୁ ଭକ୍ତମାନେ କାରାମୁକ୍ତି ପାଇଁ 'ବେଡ଼ି ହନୁମାନ'ଙ୍କୁ ପୂଜା କରନ୍ତି।

ଶ୍ରୀକ୍ଷେତ୍ରଠାରୁ ସାଢ଼େବାର କିଲୋମିଟର ଦୂର ଶିରୁଳିଠାରେ 'ଶିରୁଳି ମହାବୀର' ପୂଜା ପାଉଛନ୍ତି। ପୂର୍ବେ ସେ ଶ୍ରୀମନ୍ଦିର ପରିସରରେ ବିରାଜମାନ କରୁଥିଲେ। ସେ ରାତିରେ ଶୋଇବା ବେଳେ ପ୍ରଚଣ୍ଡ ଶବ୍ଦ କରି ଘୁଙ୍ଗୁଡ଼ି ମାରୁଥିଲେ। ତା' ଦ୍ୱାରା ମହାଲକ୍ଷ୍ମୀଙ୍କ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଏ ଅଭିଯୋଗ ସେ ମହାପ୍ରଭୁଙ୍କ ପାଖରେ କଲେ। ତେଣୁ ଶ୍ରୀକ୍ଷେତ୍ରରୁ ଅପସରି ଯିବା ପାଇଁ ମହାପ୍ରଭୁ ହନୁମାନଙ୍କୁ ଆଦେଶ ଦେଲେ। ପ୍ରଭୁଙ୍କ ଆଦେଶରେ ହନୁମାନ ଅଢ଼େଇ ପାଦ ଘୁଞ୍ଚିଯାଇ ଶିରୁଳିରେ ଅବସ୍ଥାନ କଲେ। ହିସାବ କଲେ ହନୁମାନଙ୍କ ପାଦର ମାପ ପାଞ୍ଚ କିଲୋମିଟର ହେଲା(କ୍ରମଶଃ)। ●

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଜାଲ ଚେକ୍ ଦେଇ ୪ କୋଟି ଟଙ୍କା ହଡ଼ପ ଉଦ୍ୟମ

ସମ୍ବଲପୁର,୨୦।୫(ସମିସ): ସମ୍ବଲପୁର ମହାନଗର ନିଗମ(ଏସଏମସି)ରେ ବଡ ଠକେଇ। ଏସ୍ଏମସି ନାମରେ ଜାଲ ଚେକ ଦେଇ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡପ ପାଇଁ ଯୋଜନା ହୋଇଥିଲା। ଏପରିକି ବ୍ୟସ୍ତବହୁଳ ଦିନରେ ବ୍ୟାଙ୍କରେ ଜମା ମଧ୍ୟ ହୋଇଥିଲା। କିନ୍ତୁ ବ୍ୟାଙ୍କ ମ୍ୟାନେଜର ସନ୍ଦେହ କରିବାରୁ ଚେକ୍ କ୍ଲିଅର କରିବା ପାଇଁ ଅଟକାଇ ଦେଇଥିଲେ। ଏସ୍ଏମସିକୁ ଜଣାଇବା ପରେ ଖୋଦ କମିଶନର ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଗତ ୧୬ ତାରିଖରେ ସମ୍ବଲପୁର କାଳିବାଡି ସ୍ଥିତ ଏକ ବ୍ୟାଙ୍କରେ ଏସ୍ଏମସି ନାମରେ ଦୁଇଟି ଚେକ୍ ଜମା ହୋଇଥିଲା। ଗୋଟାଏ ଚେକ୍‌ରେ ୧ କୋଟି ୯୩ ଲକ୍ଷ ୪୨୭୦୦ ଓ ଅନ୍ୟ ଚେକ୍‌ରେ ୨କୋଟି ୨୪ ଲକ୍ଷ ୯ ହଜାର ୩୦୦ ଟଙ୍କା ଲେଖା ହୋଇଥିଲା। କଲିକତାର ଏକ ସଂସ୍ଥା ନାମରେ ଏହି ଦୁଇଟି ଚେକ୍ ରହିଥିଲା। ଶାଖା ପରିଚାଳାକଙ୍କ ଚେକ୍‌କୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଚେକ୍‌ରେ ଦସ୍ତଖତ ଅଲଗା ଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ସମ୍ବଲପୁର ମହାନଗର ନିଗମ ସହ ଯୋଗାଯୋଗ କରିଥିଲେ। କେହି ଜାଲିଆତି କରି ଟଙ୍କା ହଡପ କରୁଥିବା ଜାଣି ବାକୁ ପାଇଁ ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଟାଉନ ଥାନାରେ ସେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ଏସ୍ଏମସି ପକ୍ଷରୁ ଉକ୍ତ ଦୁଇ ଚେକ ପ୍ରଦାନ କରାଯାଇ ନାହିଁ। ଏହା ପୁରୁଣା ଚେକ୍ ଯାହା ଦଲେଇପଡ଼ା ସ୍ଥିତ ପୁରୁଣା ଏସଏମସି ବିଲ୍ଡିଂରେ ରହିଥିଲା। ଏକାଉଣ୍ଟ ସେକ୍ସନରୁ ଉଭୟ ଚେକକୁ କେହି ଚୋରି କରି ଏପରି କାଣ୍ଡ ଭିଆଇଥିବା ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଚୋରି ପରେ ଅତିରିକ୍ତ ଆୟୁକ୍ତ ଜାଲ ଦସ୍ତଖତ କରି ଟଙ୍କା ହଡ଼ପ ପାଇଁ ଉଦ୍ୟମ ହୋଇଥିଲା।

## ଅବଶିଷ୍ଟାଂଶ...

### ମୁମ୍ବାଇରେ ଦୁଇ...

ଜଣେ କ୍ୟାନ୍ସର ରୋଗର ପୀଡ଼ିତ ଥାଇ କରୋନା ସଂକ୍ରମିତ ହୋଇଥିଲେ ବୋଲି କିଙ୍ଗ ଏଡୱାର୍ଡ ମେମୋରିଆଲ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସାଂପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ସମୀକ୍ଷା କରାଯାଇଛି। ଅଧିକାରୀମାନଙ୍କ ସୂଚନା ଅନୁସାରେ ବର୍ତ୍ତମାନ ଦେଶରେ ସ୍ଥିତି ନିୟନ୍ତ୍ରଣରେ ରହିଛି। କିନ୍ତୁ ଏସିଆର ବିଭିନ୍ନ ଦେଶରେ କରୋନା ମାମଲା ବଢୁଥିବାରୁ ଭାରତରେ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି।

### ୭ ମାସରେ ୨୫ ବିବାହ...

ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ବିଷ୍ଣୁ ଶର୍ମା ବିବାହ କରିବାକୁ ରାଜି ହେବା ପରେ ଗତ ଏପ୍ରିଲ ୨୦ ତାରିଖରେ ଭୋପାଳସ୍ଥିତ ଏକ ସ୍ଥାନୀୟ କୋର୍ଟରେ ବିବାହ ସମ୍ପନ୍ନ ହୋଇଥିଲା ଏବଂ ଉକ୍ତ ଦୁଇ ଏଜେଣ୍ଟ ବିଷ୍ଣୁଙ୍କ ଠାରୁ ଦୁଇ ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ବିବାହ ଏପ୍ରିଲ ୨୦ ତାରିଖରେ ହୋଇଥିଲା ବେଳେ ଏହାର ମାତ୍ର କିଛି ଦିନ ପରେ ମେ' ୨ରେ ଅନୁରାଧା ବିଷ୍ଣୁଙ୍କ ବହୁ ମୂଲ୍ୟବାନ ସାମଗ୍ରୀ ଏବଂ ଟଙ୍କା ଧରି କେଉଁଆଡ଼େ ଫେରାର ହୋଇଯାଇଥଲେ। ଏହାପରେ ବିଷ୍ଣୁ ଶର୍ମା ଗତ ୩ ତାରିଖରେ ଅନୁରାଧାଙ୍କ ବିରୋଧରେ ଏତଲା ଦାଏର କରିବା ପରେ ମାଧୋପୁର ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଅନୁରାଧାଙ୍କୁ ଗିରଫ କରିଛି। ଏଥିସହିତ ଅନୁରାଧାଙ୍କୁ ସହଯୋଗ କରୁଥିବା ଏବଂ ଇ-ମେଲ, ହ୍ୱାଟସ୍‌ଆପ୍ ମାଧ୍ୟମରେ ବିବାହ ପ୍ରସ୍ତାବ ଦେଇ ଲୋକଙ୍କୁ ଫସାଉଥିବା ଅଭିଯୋଗରେ ଅନେକ ଏଜେଣ୍ଟଙ୍କୁ ଧରିବା ଲାଗି ମଧ୍ୟ ଉଦ୍ୟମ ଆରମ୍ଭ କରିଛି। ଉତ୍ତରପ୍ରଦେଶ ମହାରାଜାଗଞ୍ଜସ୍ଥିତ ଏକ ହସ୍ପିଟାଲରେ ପୂର୍ବରୁ ଚାକିରି କରୁଥିବା ଅନୁରାଧା ଘରୋଇ କଳିକୁ ନେଇ ଭୋପାଳ ପଳାଇ ଆସିବା ପରେ ଏଭଳି କାର୍ଯ୍ୟରେ ଲିପ୍ତ ରହିଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି।

### ଆଗୁଆ କେରଳ...

ଛୁଇଁବା ନେଇ କୁହାଯାଇଥିବାରୁ ୨୪-୨୫ ବେଳକୁ ମୌସୁମୀ କେରଳ ଛୁଇଁଯାଇପାରେ ବୋଲି ଆକଳନ କରାଯାଉଛି।

ଅନ୍ୟପଟେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ଜନିତ ବର୍ଷା ଜାରି ରହିବାର ସମ୍ଭାବନା ରହିଛି। ଏହି କ୍ରମରେ ବୁଧବାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ କାଳବୈଶାଖୀ ଜନିତ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ଓ ପବନର ବେଗ ୩୦-୪୦ କିମି ରହିବାର ଆଶଙ୍କା ରହିଛି। ଅନ୍ୟପଟେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ସ୍ଥିତି ନେଇ ଆକଳନ କରାଯାଇଛି।

### ଓଡ଼ିଶା ସର୍ବାଧିକ...

ନେବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଭାରତୀୟ ସହର ଏବଂ ଜିଲ୍ଲାଗୁଡ଼ିକରେ ଜଳବାୟୁ ଅନିୟମିତତା ଦେଇ ଗତି କରୁଥିବାରୁ, ଉତ୍ତାପ-ପ୍ରତିରୋଧୀ ଯୋଜନା ଏବଂ ଏ ସମ୍ପର୍କିତ ପଦକ୍ଷେପର ଆବଶ୍ୟକତା ବଢ଼ିଯାଇଛି। ଚଳିତ ସପ୍ତାହରେ, ଦକ୍ଷିଣ ଏବଂ ଉତ୍ତର-ପୂର୍ବ ଭାରତର କିଛି ଅଂଶରେ ବର୍ଷା ସତର୍କତା ଦେଖାଯାଇଥିବା ବେଳେ, ଭାରତ ପାଣିପାଗ ବିଭାଗ ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ହିଟ୍‌ୱେଭ୍ ଆଲର୍ଟ ଜାରି ହୋଇଛି।

### ଆଜି ବାହାରିବ...

ଚଳିତବର୍ଷ ଏକା ସାଙ୍ଗରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ବାହାରିବ। ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ବର୍ଗରେ ମୋଟ୍ ୩ଲକ୍ଷ ୯୩ ହଜାର ୬୧୮ ପିଲା ପରୀକ୍ଷା ଦେଇଛନ୍ତି। କଳାରେ ସର୍ବାଧିକ ୨ଲକ୍ଷ ୪୭ ହଜାର ୩୯୧ ଜଣ ପିଲା ଥିବା ବେଳେ ବିଜ୍ଞାନରେ ୧ଲକ୍ଷ ୧୪ହଜାର ୯୮୦, ବାଣିଜ୍ୟରେ ୨୫ହଜାର ୫୨୬ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୭୨୧ ଜଣ ପିଲା ରହିଛନ୍ତି।

ସୂଚନାଯୋଗ୍ୟ, ଚଳିତଥର ୪୨୯ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କପି କରି ଧରାପଡ଼ିଥିଲେ। ବିଶେଷଜ୍ଞଙ୍କ ଦ୍ୱାରା ସମସ୍ତଙ୍କୁ କାଉନସେଲିଂ କରିବା ପରେ ତନ୍ମଧ୍ୟରୁ ୩୭୨ଜଣ କପି କରି ନଥିବା ଜଣାପଡ଼ିଛି। ତେଣୁ ସେମାନଙ୍କ ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇବ। ଅବଶିଷ୍ଟ ୫୭ଜଣ କପି କରିଥିବା ସ୍ପଷ୍ଟ ହେବା ପରେ ସେମାନଙ୍କୁ ଆସନ୍ତାବର୍ଷ ପୁଣିଥରେ ପରୀକ୍ଷା ଦେବାକୁ ପଡ଼ିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

### ବର୍ଷେ ହେଲା...

ମାସିକ ୩ ହଜାର ବଦଳରେ ୬ହଜାର ଟଙ୍କା ଲେଖାଏଁ, ବାର୍ଷିକ ୭୨ ହଜାର ଟଙ୍କା ପ୍ରଦାନ କରିବେ। ଖାଲି ସେତିକି ନୁହେଁ, ଏଥିସହ ପୂର୍ବର ୨୦୨୧-୨୨ ଆର୍ଥିକ ବର୍ଷର ବକେୟା ସହ ବିଜେଡି ସରକାର ଘୋଷଣା କରିଥିବା ୪୫୦୦ ଲେଖାଏଁ ରାଶି ମଧ୍ୟ ସରକାର ଯଥାଶୀଘ୍ର ପ୍ରଦାନ କରିବେ। କିନ୍ତୁ, ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସରକାର ଏହି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ କୌଣସି ଆର୍ଥିକ ଅନୁଦାନ ଦେଇନାହାନ୍ତି। ଏ ସଂପର୍କରେ ୪ ରାଜ୍ୟର ଓଡ଼ିଆ ଶିକ୍ଷକ/ଶିକ୍ଷୟିତ୍ରୀ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଶୀଘ୍ର ଆର୍ଥିକ ଅନୁଦାନ ଦେବା ପାଇଁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହାସହ ଏହି ଚିଠିର ନକଲ ସେମାନେ ଓଡ଼ିଶା ରାଜ୍ୟପାଳ, ମୁଖ୍ୟ ଶାସନ ସଚିବ, ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ଓ ଉତ୍କଳ ସମ୍ମିଳନୀ ରାଜ୍ୟ ସମିତିଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି।

ଝାଡ଼ଖଣ୍ଡର ଷଡ଼େଇକଳା, ଖରସୁଆଁର ଉତ୍କଳ ସମ୍ମିଳନୀ ଜିଲ୍ଲା ସଭାପତି ସୁମନ୍ତ ଚନ୍ଦ୍ର ମହାନ୍ତି, ସାଧାରଣ ସଂପାଦକ ଅଜୟ ପ୍ରଧାନ, ପଶ୍ଚିମ ସିଂହଭୂମିର ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ଦାଶ ସାଧାରଣ ସଂପାଦକ ଅମ୍ବିକା ଚରଣ ଦୀକ୍ଷିତ, ଜିଲ୍ଲା ପରିଦର୍ଶକ ସରୋଜ ପ୍ରଧାନ, ଜୟରାମ ଦାସପାତ୍ର, ସୁଶୀଲ ଷଡ଼ଙ୍ଗୀ, ଓଡ଼ିଆ ଶିକ୍ଷାକର୍ମୀ ସୁଭଦ୍ରା ମିସ୍ତ୍ରି ପ୍ରମୁଖ ଶତାଧିକ ଶିକ୍ଷକ/ଶିକ୍ଷୟିତ୍ରୀ ଏହି ଦାବି ଜଣାଇଛନ୍ତି।

### ୩ ବର୍ଷର ଆଇନଜୀବୀ...

କରିଥିବା ପ୍ରାର୍ଥୀମାନେ ଗୋଟିଏ ଦିନର ଆଇନ ଅଭ୍ୟାସ ବିନା ନ୍ୟାୟିକ ସେବାରେ ଯୋଗ ଦେଉଛନ୍ତି। କୌଣସି ଆଇନ ସେବା ଅଭିଜ୍ଞତା ନଥାଇ ସେମାନେ ଚାକିରିରେ ଯୋଗ ଦେବା ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ଜୀବନ, ସ୍ୱାଧୀନତା, ଧନ ସମ୍ପତ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମାମଲା ବିଚାର କରିବା ସମୀଚିନ ହେଉ ନାହିଁ। ତେଣୁ ସେମାନଙ୍କୁ ନ୍ୟାୟିକ ସେବାରେ ଯୋଗ ଦେବା ପୂର୍ବରୁ ଅତି କମ୍‌ରେ ତିନି ବର୍ଷର ଆଇନଜୀବୀ ଅଭିଜ୍ଞତା ହାସଲ କରିବାକୁ ପଡ଼ିବ ବୋଲି ଜଷ୍ଟିସ୍ ଗଭାଇ କହିଛନ୍ତି। କୋର୍ଟ ବ୍ୟବସ୍ଥାକୁ ନେଇ ଜଣଙ୍କୁ ଦକ୍ଷତା ହାସଲ କରିବାକୁ ପଡ଼ିବ। ଏଥିପାଇଁ ପୁସ୍ତକ ଅଧାରିତ ଜ୍ଞାନ କିମ୍ବା ନିଯୁକ୍ତି ପୂର୍ବ ପ୍ରଶିକ୍ଷଣ ପର୍ଯ୍ୟାପ୍ତ ହେବ ନାହିଁ। ଏଥିପାଇଁ ଆଇନ ଅଭ୍ୟାସକୁ ନେଇ ତିନି ବର୍ଷର ଅଭିଜ୍ଞତା ଜରୁରୀ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ଜୁନିଅର ଡିଭିଜନ ସିଭିଲ ଜଜଙ୍କ ନିଯୁକ୍ତି ଉପରେ ଶୁଣାଣି କରି ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଦେଇଛନ୍ତି। ଆଇନରେ ସ୍ନାତକ ହାସଲ କରିବା ପରେ ଜଣେ ତିନି ବର୍ଷ ପାଇଁ ଆଇନଜୀବୀ ଭାବେ କାର୍ଯ୍ୟ କରିବା ପରେ ନ୍ୟାୟିକ ସେବା ପାଇଁ ଆବେଦନ କରିପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାଛଡ଼ା ଆଇନ ସ୍ନାତକଙ୍କ ସିଧାସଳଖ ନିଯୁକ୍ତି ନିୟମକୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ରଦ୍ଦ କରିଦେଇଛନ୍ତି।

ଅନ୍ୟପକ୍ଷରେ ସିନିୟର ଡିଭିଜନ ସିଭିଲ ଜଜଙ୍କ ନିଯୁକ୍ତିରେ ଜୁନିଅର ସିଭିଲ ଜଜଙ୍କ ପାଇଁ ୨୫ ପ୍ରତିଶତ ବିଭାଗୀୟ ସଂରକ୍ଷଣ ବ୍ୟବସ୍ଥା ରହିଛି ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଗଭାଇ କହିଛନ୍ତି। ନାମାଙ୍କନ ତାରିଖରୁ ତିନି ବର୍ଷର ଅବଧିକୁ ବିଚାର କରାଯାଇପାରିବ। ତେବେ ଏହି ସର୍ତ୍ତ ସେହି ପରୀକ୍ଷାଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବନାହିଁ, ଯେଉଁମାନଙ୍କର ପ୍ରକ୍ରିୟା ହାଇକୋର୍ଟ ଦ୍ୱାରା ଆରମ୍ଭ ହୋଇଛି। ସେହିଭଳି ବର୍ତ୍ତମାନ ପରୀକ୍ଷାରେ ଯୋଗ ଦେଉଥିବା ପ୍ରାର୍ଥୀଙ୍କ ଲାଗି ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ପ୍ରଯୁଜ୍ୟ ହେବନାହିଁ। କିନ୍ତୁ ଆଗାମୀ ପରୀକ୍ଷାରେ ପ୍ରାର୍ଥୀମାନଙ୍କୁ ଏହି ସର୍ତ୍ତ ପୂରଣ କରିବାକୁ ପଡିବ ବୋଲି କୁହାଯାଇଛି।

### ପୁରୀ ଭକ୍ତ ନିବାସରେ...

କରିଥିଲେ ପ୍ରିୟଙ୍କା। ପରେ ଭିଡିଓକୁ ଅକ୍ଟୋବର ୪ ତାରିଖରେ ନିଜ ସୋସିଆଲ ଆକାଉଣ୍ଟରେ ଅପ୍‌ଲୋଡ୍ କରିଥିଲେ ଜ୍ୟୋତି। ପ୍ରିୟଙ୍କା ଏହି ସମୟରେ ଜ୍ୟୋତିଙ୍କୁ ସାକ୍ଷାତ କରିବା ସହ ପୁରୀର ବିଭିନ୍ନ ସ୍ଥାନ ବୁଲାବୁଲି କରି ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ଉଭୟ ପ୍ରିୟଙ୍କା ଓ ଜ୍ୟୋତି ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଓ ୟୁ-ଟ୍ୟୁବ୍‌ରେ ସେ ସବୁ ଅପ୍‌ଲୋଡ୍ କରିଥିଲେ। ଅନ୍ୟପକ୍ଷରେ, ପ୍ରିୟଙ୍କାଙ୍କ ଏକ ନୂଆ ଭିଡିଓ ଏବେ ଭାଇରାଲ୍ ହେଉଛି। ସେ ବନ୍ଦେ ଭାରତ ଟ୍ରେନ୍ ପାଇଲଟ୍‌ଙ୍କ କ୍ୟାବିନ୍‌ରେ ଯାତ୍ରା କରୁଥିବା ଦେଖିବାକୁ ମିଳୁଛି।

ଏ ସମ୍ପର୍କରେ ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ପ୍ରିୟଙ୍କା ସହ ଜ୍ୟୋତିଙ୍କ ଲିଙ୍କ୍ ଘଟଣାରେ ଚତୁର୍ଥ ଦିନରେ ତଦନ୍ତ ଜାରି ରହିଛି। ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି। ତଦନ୍ତରେ ପ୍ରିୟଙ୍କା ଓ ତାଙ୍କ ପରିବାର ସହଯୋଗ କରୁଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ), ରାଜ୍ୟ ଗୁଇନ୍ଦା ବିଭାଗ ଓ ହରିଆଣା ହିସାର୍ ପୁଲିସକୁ ସବୁପ୍ରକାର ସହଯୋଗ କରୁଛି ଜିଲ୍ଲା ପୁଲିସ୍। ତାଙ୍କର ସୋସିଆଲ ମିଡିଆ ଆକାଉଣ୍ଟ, କ'ଣ କ'ଣ ପୋଷ୍ଟ କରିଥିଲେ, କ'ଣ ଡିଲିଟ୍ କରିଛନ୍ତି, ତାଙ୍କର କଲ୍ ଡିଟେଲ୍ସ ରେକର୍ଡ(ସିଡିଆର୍), ବ୍ୟାଙ୍କ୍ ଆକାଉଣ୍ଟ ସବୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ପ୍ରିୟଙ୍କା ଏବେ ପୁରୀରେ ଅଛନ୍ତି। ପ୍ରିୟଙ୍କା ଓ ଜ୍ୟୋତି ପୁରୀର କେଉଁ କେଉଁ ସ୍ଥାନକୁ ଯାଇଥିଲେ, ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇଛି ବୋଲି ଏସ୍‌ପି ଶ୍ରୀ ଅଗ୍ରୱାଲ ସୂଚନା ଦେଇଛନ୍ତି। ତେବେ ପୁରୀ ଜିଲ୍ଲା ପୁଲିସ୍ ପ୍ରଶାସନ ନୁହେଁ, ବରଂ ଏନ୍‌ଆଇଏ ତଦନ୍ତ ଦ୍ୱାରା ହିଁ ସଠିକ୍ ତଦନ୍ତ ହୋଇ ସତ୍ୟ ସାମ୍ନାକୁ ଆସିପାରିବ ବୋଲି ଆଇନଜୀବୀ ଶରତ କୁମାର ରାୟଗୁରୁ କହିଛନ୍ତି।

**OFFICE OF THE MUNICIPAL COUNCIL: KHORDHA** C-361
H&UD Department, Govt. Of Odisha
Khordha – 752055
No. 1646 / Date 17.05.2025

**QUOTATION CALL NOTICE**

Sealed quotations are invited from reputed registered Firms/ Suppliers/ Agencies for supply of different items with execution of networking system (LAN connection) in respect of all sections under Khordha Municipality for smooth implementation of "OSWAS" as per the detailed specification mentioned.

All quotation should be accompanied with any ID Proof i.e. Aadhaar/ Voter ID Card/ PAN Card and GST Registration Certificate etc. The quotationer should quote their rate of the price both in figure and words. All quotations will be received in specific Quotation Box kept in the Office of the undersigned from **date 20.05.2025 at 10:00 AM to date 29.05.2025 up to 10:00 AM** except Sunday & Holidays and will be **opened** on same date i.e. **29.05.2025 at 11:00 AM** in presence of quotationer or their authorized agents in the Municipal Office. The quotationer should be quoted the rate including all taxes. The bidder shall submit the Annexure-I and Annexure-II documents in a sealed cover. The top of the cover should be written as **"Supply of** different **items with** execution of networking **system (LAN connection) of all** sections **of KHORDHA** MUNICIPALITY". The bid document can **also be** downloaded **from the official website of Khordha** Municipality i.e. www.khordhamunicipality.in and www.khordha.nic.in (District Portal).

| Sl No. | Name of Items/ Specifications | Unit (No.) | Rate Quoted (Rs.) | Rate Quoted (Words) |
|---|---|---|---|---|
| 1 | 24 port unmanaged switch | 1 | | |
| 2 | 24 port patch Pannel | 1 | | |
| 3 | 4U rack with fan and PDU | 1 | | |
| 4 | Laying of Cat6 UTP Cable | 1 | | |
| 5 | fixing of I/O box | 1 | | |
| 6 | 1 mtr Patch Card | 1 | | |
| 7 | 2 mtr Patch Card | 1 | | |
| 8 | 20 mm Pipe | 1 | | |
| 9 | All Total Service Charge for 30 points of LAN connection and cable laying service charge | 1 | | |

SUPPLY ORDER WILL BE GIVEN TO THE SUCCESSFUL QUOTATIONER.

The rate quoted should be valid for minimum one year from the date of acceptance of offer. The selected agency will completed the work within 7 days of receipt of this order. No conditional or incomplete quotation will be accepted.

The authority shall have the right to accept or reject all the quotations without assigning any reason thereof.

Document to be submitted by the bidders with Prescribed Performa:-

1. Submit the copies of valid GST Registration Certificate of the agency.
2. Submit the copies of valid PAN Card.
3. Submit refundable EMD of Rs 2,000/- (Two Thousand) only and document cost / paper cost of Rs. 600/- (Rupees Six Hundred) only in shape of BD/DD/MR from any Nationalized Bank in favour of Executive Khordha Municipality.
4. Submit undertaking for 1 year maintenance of networking system.

Executive Officer
Khordha Municipality

OIPR-13082/11/0019/2526

## ଟିକଟଠାରୁ ଆରମ୍ଭ କରି ଟ୍ରେନ୍ ଷ୍ଟାଟସ୍, ଗୋଟିଏ ଆପ୍‌ରେ ସବୁ ସେବା

# ରେଳବାଇର ନୂଆ ସୁପର ଆପ୍ 'ସ୍ୱରେଲ୍'

ନୂଆଦିଲ୍ଲୀ,୨୦।୫(ଏଜେନ୍ସି): ଭାରତୀୟ ରେଳବାଇ ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ପାଇଁ ଏହାର ନୂତନ ଆପ୍ 'ସ୍ୱରେଲ୍' ଆରମ୍ଭ କରିଛି। ଏହି ଆପ୍ ଯାତ୍ରୀମାନଙ୍କୁ ଟିକେଟ୍ ବୁକିଂ ଠାରୁ ଆରମ୍ଭ କରି ଟ୍ରେନ୍ ସ୍ଥିତି ଏବଂ ଖାଦ୍ୟ ଅର୍ଡର କରିବା ପର୍ଯ୍ୟନ୍ତ ସମସ୍ତ ସେବା ଗୋଟିଏ ସ୍ଥାନରେ ଯୋଗାଇବ। ଏହା ବ୍ୟତୀତ, ଏହି ଆପ୍ ବ୍ୟବହାର କରି ଉପଭୋକ୍ତାମାନେ ସେମାନଙ୍କ ଯାତ୍ରା ସମ୍ବନ୍ଧୀୟ ଯେକୌଣସି ସମସ୍ୟାର ସହଜରେ ସମାଧାନ କରିପାରିବେ। ଏହାକୁ ରେଳ ସୂଚନା କେନ୍ଦ୍ର ଦ୍ୱାରା ବିକଶିତ କରାଯାଇଛି।

'ସ୍ୱରେଲ' ଭାରତୀୟ ରେଳବାଇର ଭିନ୍ନ ଭିନ୍ନ ଡିଜିଟାଲ ସେବାକୁ ଗୋଟିଏ ପ୍ଲାଟଫର୍ମରେ ସମନ୍ୱିତ କରୁଛି। ଯାହାଦ୍ୱାରା ଯାତ୍ରୀଙ୍କୁ ରେଳବାଇ ସହ ଜଡ଼ିତ ଅଲଗା ଅଲଗା ଆପ୍ ଡାଉନ୍‌ଲୋଡ୍ କରିବା ଆବଶ୍ୟକ ପଡ଼ିବନାହିଁ। ଏଥିପାଇଁ ଏହାକୁ ରେଲଓ୍ୱେର ସୁପର ଆପ୍ କୁହାଯାଉଛି। ଅବଶ୍ୟ ଏବେ ଏହାର ବିଟା ଭର୍ଜନରେ ରହିଛି। ଖୁବ୍‌ଶୀଘ୍ର ଏହା ସମସ୍ତଙ୍କ ପାଇଁ ଉପଲବ୍ଧ ହେବ। ଏଥିରେ ଯାତ୍ରୀ, ରିଜର୍ଭ ବୁକିଂ, ଅନରିଜର୍ଭ ବୁକିଂ, ପ୍ଲାଟଫର୍ମ ଟିକଟ୍ ବୁକ୍ କରିପାରିବେ। ଏହା ସହ ଟ୍ରେନ ଚଳାଚଳ ସମ୍ପର୍କିତ ସର୍ଚ୍ଚ, ପିଏନ୍‌ଆର ଷ୍ଟାଟସ୍, ଫୁଡ ଅର୍ଡର, ଫାଇଲ ରିଫଣ୍ଡ , ଟ୍ରେନର ଲାଇଭ୍ ଷ୍ଟାଟସ୍, କୋଚ୍ ପୋଜିସନ ଭଳି ଅନେକ ଜରୁରୀ ସୁବିଧା ଗୋଟିଏ ପ୍ଲାଟଫର୍ମରେ ମିଳିବ। ତେବେ ଏହି ନୂଆ ଆପ୍ ଆସିଲେ ବି ଆଇଆରସିଟିସି ଆପ୍‌ର ଗୁରୁତ୍ୱ ରହିବ। କାରଣ ଏହି ପ୍ଲାଟଫର୍ମ ଟେନ୍ ଟିକଟ ବୁକିଂ ଏବଂ ଟୁରିଜିମ ଉପରେ ଆଧାରିତ। 'ସ୍ୱରେଲ' ଏକ ଓ୍ୱାନ-ଷ୍ଟପ୍ ସଲ୍ୟୁସନ ଭାବରେ କାମ କରିବ। ଯେଉଁଠାରେ ଟିକଟ ବୁକିଂ ସହ ଆହୁରି ଅନେକ ସୁବିଧା ମିଳିବ। ଏହି ଆପ୍ ରେଳବାଇର ଡିଜିଟାଲ ସେବାକୁ ସରଳୀକରଣ କରି ୟୁଜର୍ସଙ୍କୁ ଉତ୍ତମ ଅନୁଭବ ଦେବ। 'ସ୍ୱରେଲ୍' ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ପାଇଁ ଗୁଗୁଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ। ଏ ପର୍ଯ୍ୟନ୍ତ ୧ ଲକ୍ଷରୁ ଅଧିକ ଲୋକ ଏହାକୁ ଡାଉନଲୋଡ୍ କରିସାରିଛନ୍ତି। ତଥାପି, ଏହି ଆପ୍ ଆପ୍ ଷ୍ଟୋରରେ ଉପଲବ୍ଧ ନାହିଁ।

## ଭାରତ-ପାକ୍ ଉତ୍ତେଜନା ପରେ

# ତୁର୍କୀ-ଆଜରବୈଜାନ୍‌କୁ ଲାଗିଲା ଝଟ୍‌କା

ନୂଆଦିଲ୍ଲୀ,୨୦।୫(ଏଜେନ୍ସି): ପାକିସ୍ତାନକୁ ସମର୍ଥନ କରିବା ଯୋଗୁ ଭାରତୀୟ ପର୍ଯ୍ୟଟକମାନେ ତୁର୍କୀ ଏବଂ ଆଜରବୈଜାନ୍‌କୁ ବୟକଟ କରିବା ଆରମ୍ଭ କରିଛନ୍ତି। ଉଭୟ ଦେଶକୁ ଭିସା ଆବେଦନରେ ୪୨%ର ଏକ ବିରାଟ ହ୍ରାସ ଘଟିଛି। ଭିସା ପ୍ରକ୍ରିୟାକରଣ ପ୍ଲାଟଫର୍ମ ଆଟଲିସ୍ ଅନୁଯାୟୀ, ଗତ ୩୬ଘଣ୍ଟା ମଧ୍ୟରେ ୬୦% ଭାରତୀୟ ଉଭୟ ଦେଶ ପାଇଁ ଭିସା ଆବେଦନ ପ୍ରକ୍ରିୟାକୁ ଅସମ୍ପୂର୍ଣ୍ଣ ରଖିଛନ୍ତି। ଦିଲ୍ଲୀ-ମୁମ୍ବାଇରୁ ତୁର୍କୀ ଯିବା ପାଇଁ ଆବେଦନ ୫୩% ହ୍ରାସ ପାଇଛି। ସେହି ସମୟରେ, ଇନ୍ଦୋର ଏବଂ ଜୟପୁର ଭଳି ଟାୟର-୨ ସହରରୁ ଆବେଦନରେ ୨୦% ହ୍ରାସ ଘଟିଥିଲା। ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ଦେବା ପାଇଁ ଭାରତ ଦ୍ୱାରା 'ଅପରେସନ ସିନ୍ଦୂର' ଆରମ୍ଭ ହେବା ପରେ ତୁର୍କୀ ପାକିସ୍ତାନକୁ ସମର୍ଥନ କରିଥିଲା। ସେବେଠାରୁ, ଭାରତୀୟ ପର୍ଯ୍ୟଟକମାନେ ମଧ୍ୟ ତୁର୍କୀ ଯାତ୍ରା ବାତିଲ କରୁଛନ୍ତି। ଆଟଲିସ୍ ମଧ୍ୟ ଏହି ଦେଶଗୁଡ଼ିକୁ ମାର୍କେଟିଂ ବନ୍ଦ କରିଦେଇଛି।

ଆଟଲିସ୍ ତଥ୍ୟ ଅନୁଯାୟୀ, ୨୫-୩୪ ବର୍ଷ ବୟସର ୬୦% ଯୁବକ ଅଧା ବାଟରେ ଆବେଦନ କରିବା ବନ୍ଦ କରିଦେଇଛନ୍ତି। ସେହି ସମୟରେ, ଏକ ଗୋଷ୍ଠୀ ସହ ଯାତ୍ରା ପାଇଁ ଆବେଦନରେ ୪୯% ଏବଂ ଦମ୍ପତିଙ୍କ

### ଭିଜା ଆବେଦନ ୪୨% କମିଲା

କ୍ଷେତ୍ରରେ ଯାତ୍ରା ୨୭% ହ୍ରାସ ଘଟିଛି। ତୁର୍କମେନିସ୍ତାନ-ଆଜରବୈଜାନ୍ ଭିସା ହ୍ରାସରୁ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକ ଲାଭବାନ ହୋଇଛନ୍ତି। ଭିଏତନାମ, ଇଣ୍ଡୋନେସିଆ ଏବଂ ଇଜିପ୍ଟର ଭିସା ଆବେଦନ ୩୧% ବୃଦ୍ଧି ପାଇଛି। ପୁରୁଷ ପର୍ଯ୍ୟଟକଙ୍କ ତୁଳନାରେ ମହିଳା ଯାତ୍ରୀମାନେ ଭିଏତନାମ-ଥାଇଲାଣ୍ଡ ଭଳି ଦେଶକୁ ୨.୩ ଗୁଣ ଅଧିକ ଆବେଦନ କରୁଛନ୍ତି। ଏହାଛଡା ମେକ୍ ମାଇଁ ଟ୍ରିପ୍‌ର ରିପୋର୍ଟ ଅନୁଯାୟୀ, ଗତ ସପ୍ତାହରେ ତୁର୍କୀ-ଆଜରବୈଜାନ ଯାତ୍ରା କରୁଥିବା ଯାତ୍ରୀଙ୍କ ବିମାନ ବାତିଲ୍ ହାର ୨୫୦% ବୃଦ୍ଧି ପାଇଛି। ଏହା ସହିତ ବୁକିଂ ୬୦% କମିଛି। ସେହି ସମୟରେ, ଆଜରବୈଜାନ ପାଇଁ ବାତିଲ୍ ହାର ୩୦% ଏବଂ ତୁର୍କୀ ପାଇଁ ୨୨% ବୃଦ୍ଧି ଦେଖିବାକୁ ମିଳିଛି। ହର୍ଷ ଗୋଏଙ୍କା ତୁର୍କୀ ଏବଂ ଆଜରବୈଜାନ ଯାତ୍ରା କରୁଥିବା ଭାରତୀୟ ପର୍ଯ୍ୟଟକଙ୍କୁ ନ ଯିବାକୁ ଅନୁରୋଧ କରିଥିଲେ। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଲେଖିଛନ୍ତି, ଭାରତୀୟମାନେ ଗତ ବର୍ଷ ଏହି ଦେଶଗୁଡ଼ିକୁ ଭ୍ରମଣରେ ୪୦୦୦ କୋଟି ଟଙ୍କାର ରାଜସ୍ୱ ଦେଇଥିଲେ।

ପୂର୍ବରୁ, ଅନେକ ଅନଲାଇନ୍ ଟ୍ରାଭେଲ୍ ବୁକିଂ କମ୍ପାନୀ ସେମାନଙ୍କ ଗ୍ରାହକଙ୍କ ପାଇଁ ପରାମର୍ଶପତ୍ର ଜାରି କରିଥିଲେ। ଇଜ୍ ମାଇଁ ଟ୍ରିପ୍ କହିଛି ଯେ, ତୁର୍କୀ ଏବଂ ଆଜରବୈଜାନ ଯାତ୍ରାକୁ ଏଡାଇବା ଉଚିତ କିମ୍ବା କେବଳ ଜରୁରୀ ହେଲେ ଯାତ୍ରା କରିବା ଦରକାର। କାରଣ ପହଲଗାମ ଆକ୍ରମଣ ଏବଂ ଭାରତ-ପାକିସ୍ତାନ ବିବାଦରେ ଉଭୟ ଦେଶ ପାକିସ୍ତାନକୁ ସମର୍ଥନ କରିଛନ୍ତି।

**AFFIDAVIT**

By virtue of an affidavit sworn before Executive Magistrate: Papadahandi. on 20-05-2025. I Ichabati Gouda, residing At: Batakari Po: Nuakote Ps: Papadahandi Dist: Nabarangpur, declare that I have changed my name from Hiradi Goud to Ichabati Gouda. Henceforth I shall be known as a **Ichabati Gouda** for all purposes.

**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
**GADHWAL GROUP**
**M.: 9437015112**

**NOTICE**

By virtue of an affidavit sworn before Sri R. K. Behera, Notary, Udala, Mayurbhanj, dated 19th May 2025, I Gandha Majhi, Address S/O- Kanka Majhi, At- Nabakisorpur, PO- Silaghati, PS.- Khunta, Dist- Mayurbhanj, Pin- 757019 declare that I have changed my name from Gandha Majhi Alies sakila Hembram to Gandha Majhi . Henceforth I shall be known as Gandha Majhi for all purposes.
Sd/- Gandha Majhi

**LOST**

ମୁଁ ପୂଜା ମହାନ୍ତି, ଗତ ୧୭.୦୫.୨୦୨୫ ରେ ମୁଁ ସମସ୍ତ ପ୍ରମାଣ ପତ୍ର xerox କରିବା ପାଇଁ ମୋ ଘର ପାଖ ମହାନଦୀ ବିହାର ରେ ଏକ ଦୋକାନ କୁ ଯାଇ ଥିଲି, ସେଠାରୁ କରାଇ ଏକ ଫାଇଲ ରେ ରଖି ବ୍ୟାଗ ରେ ରଖିଲି କିନ୍ତୁ ଘରେ ପହଞ୍ଚି ଦେଖିଲି ବ୍ୟାଗ ଟି ଫାଟି ଯାଇଛି ଓ ଫାଇଲ ଟି କେଉଁଠି ପଡି ଯାଇଛି, ମୁଁ ତୁରନ୍ତ ଯାଇ ସବୁ ଜାଗା ଖୋଜିଲି ହେଲେ ମିଳିଲା ନାହିଁ, ସେଥିରେ ମୋର 1.ଜନ୍ମ ପ୍ରଣାମ ପତ୍ର 2.ଦଶମ ଶ୍ରେଣୀ ପ୍ରମାଣ ପତ୍ର 3. ଡିପ୍ଲୋମା ( diploma ) ପ୍ରମାଣପତ୍ର 4.B.Tech ପ୍ରମାଣପତ୍ର 5.5ଟି ସଙ୍ଗୀତ ଶିକ୍ଷା ପ୍ରମାଣ ପତ୍ର ଥିଲା ତେଣୁ ବିନୀତ ଅନୁରୋଧ ଯଦି କେହି ସହୃଦୟ ବ୍ୟକ୍ତି ଫାଇଲ ଟିକୁ ପାଇଥିବେ ତେବେ ମତେ ନିମ୍ନୋକ୍ତ ନମ୍ବର ରେ ଫୋନ କରି ଫେରାଇଦେବାକୁ ଅନୁରୋଧ।
ଫୋନ - ୯୫୫୭୭୫୭୨୪୫

**LOST**

ମୁଁ ପୂଜା ମହାନ୍ତି, ଗତ ୧୭.୦୫.୨୦୨୫ ରେ ମୁଁ ସମସ୍ତ ପ୍ରମାଣ ପତ୍ର xerox କରିବା ପାଇଁ ମୋ ଘର ପାଖ ମହାନଦୀ ବିହାର ରେ ଏକ ଦୋକାନ କୁ ଯାଇ ଥିଲି, ସେଠାରୁ କରାଇ ଏକ ଫାଇଲ ରେ ରଖି ବ୍ୟାଗ ରେ ରଖିଲି କିନ୍ତୁ ଘରେ ପହଞ୍ଚି ଦେଖିଲି ବ୍ୟାଗ ଟି ଫାଟି ଯାଇଛି ଓ ଫାଇଲ ଟି କେଉଁଠି ପଡି ଯାଇଛି, ମୁଁ ତୁରନ୍ତ ଯାଇ ସବୁ ଜାଗା ଖୋଜିଲି ହେଲେ ମିଳିଲା ନାହିଁ, ସେଥିରେ ମୋର 1.ଜନ୍ମ ପ୍ରଣାମ ପତ୍ର 2.ଦଶମ ଶ୍ରେଣୀ ପ୍ରମାଣ ପତ୍ର 3. ଡିପ୍ଲୋମା (diploma) ପ୍ରମାଣ ପତ୍ର 4.B.Tech ପ୍ରମାଣ ପତ୍ର 5.5 ଟି ସଙ୍ଗୀତ ଶିକ୍ଷା ପ୍ରମାଣ ପତ୍ର ଥିଲା ତେଣୁ ବିନୀତ ଅନୁରୋଧ ଯଦି କେହି ସହୃଦୟ ବ୍ୟକ୍ତି ଫାଇଲ ଟିକୁ ପାଇଥିବେ ତେବେ ମତେ ନିମ୍ନୋକ୍ତ ନମ୍ବର ରେ ଫୋନ କରି ଫେରାଇଦେବାକୁ ଅନୁରୋଧ।
ଫୋନ୍ - ୯୫୫୭୭୫୭୨୪୫

**AFFIDAVIT**

I, Priti Gupta, aged about 45 years, W/o- Vinay Gupta, resident of Flat No- 201, Plot No- 7, Sudarshan Towers, Sahid Nagar, Bhubaneswar Urban, Pin- 751007 Odisha declared by this affidavit No. 1049, dtd. 19/05/2025, that now onwards I shall be known as **PREETI GUPTA** for all future purposes.

**AFFIDAVIT**

I, Tanushree Peddamadula, D/O- P Ram Prasad, resident of Duplex No- 67, Padmavati Vatika, Aradhana Nagar, Sundarpada, Po- Old Town, Bhubaneswar, Pin- 751002, Odisha declare by this affidavit No. 549, dated- 19/05/2025 that now onwards I shall be known as **P TANUSHREE** for all future purposes.

**AFFIDAVIT**

Already published earlier dated 11/01/2021 In the Dharitri Newspaper. For the demand of Government & semi Government Organisation or to whom it may concern. By virtue of an affidavit sworn before The Executive Magistrate, Bhubaneswar. Dated- 11/01/2021 I, **Jita Pasayat,** D/o Satya Narayan Pasayat, Address: At- Batimira, (Ranipada) Ps/Dist- Jagatsinghpur, Pin- 754111, Odisha declare that I have changed my name from **JITA MOHANTY To JITA PASAYAT.** Henceforth, **JITA MOHANTY** shall be known as **JITA PASAYAT** for all future purposes and in all the documents.
**(JITA PASAYAT)**

**AFFIDAVIT**

I, Ram Prasad Peddamadula, H/o- P Gouri, resident of Duplex No-67, Padmavati Vatika, Aradhana Nagar, Sundarpada, Po- Old Town, Bhubaneswar, Pin- 751002, Odisha declare by this affidavit No. 458, dated- 19/05/2025 that now onwards I shall be known as **P RAM PRASAD** for all future purposes.

**AFFIDAVIT**

I, Muhammad Ilyas, S/o- Muhammad Idrees, resident of At- Charinangal, PO- Charinangal, PS- Balichandrapur, Dist- Jajpur, PIN- 754292, Odisha declared by this affidavit No. 1799, dtd- 17/05/2025 that now onwards I shall be known as **MOHAMMAD ILYAS** for all future purposes.

**AFFIDAVIT**

I, Bhaktimanjaree Devi, aged about 53 years, W/o- Gouri Sankar Gantayat, resident of Metro Residency, Flat No- 308(A), Behera Sahi, Nayapalli, Bhubaneswar, Pin- 751012 Odisha declared by this affidavit No. 1047, dtd. 19/05/2025, that now onwards I shall be known as **BHAKTI GANTAYAT** for all future purposes.

**AFFIDAVIT**

By virtue of an affidavit (No. 174, dtd. 19.05.2025) before the Executive Magistrate, Bhubaneswar I, **Manoj Kumar Muduli,** S/o. Amareswar Muduli, resident of At- Hasinpur, Po.- Suhagpur, PS.- Kakatpur, Dist.- Puri, Odisha-752107 declare that my wife's actual name is **Rajalaxmi Sahu**, but my daughter's school records her name has been wrongly mentioned as **Rajalaxmi Sahoo.** Henceforth she will be known as **RAJALAXMI SAHU** for all purposes.
**(Manoj Kumar Muduli)**

**AFFIDAVIT**

I, Shishir Kumar Pradhan, S/O- Muli Charan Pradhan, resident of At- Radhakishorepur, Po- Radhakishorepur, Cuttack, Pin- 754029, Odisha declare by this affidavit No. 456, dated- 19/05/2025 that now onwards I shall be known as **SISIR KUMAR PRADHAN** for all future purposes.

**AFFIDAVIT**

I, Bhagyasri Peddamadula, D/O- P Ram Prasad, resident of Duplex No- 67, Padmavati Vatika, Aradhana Nagar, Sundarpada, Po- Old Town, Bhubaneswar, Pin- 751002, Odisha declare by this affidavit No. 455, dated- 19/05/2025 that now onwards I shall be known as **P BHAGYASRI** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on Dt. 28/04/2025. I, Sanghamitra Dash, W/o- Sasi Bhusan Tripathy, Village- Nuagan, Po-Pattamundai, PS- Pattamundai Dist- Kendrapada, Odisha have changed my name from **Sanghamitra Tripathy To Sanghamitra Dash.** Henceforth, I shall be known as **SANGHAMITRA DASH** for all purposes.
**(SANGHAMITRA DASH)**

**AFFIDAVIT**

I, Rakesh Agarwalla, S/o- Late Gobind Prasad Agarwalla, resident of Ward No-11, At/p.o.: Karanjia, Dist.: Mayurbhanj, Pin- 757037, Odisha declare by this affidavit No. 153 dtd.- 20/01/2025 sworn before The Notary Public at Karanjia that now onwards I shall be known as Rakesh Kumar Agarwalla for all future purposes.

**AFFIDAVIT**

**By virtue of an affidavit sworn before the Executive Magistrate, Puri, SL NO 2074/2025 dated 04/04/2025, I Juliyas Rani Sahu, D/o Hemanta Kumar Sahu resident of Village At - Dhoba Sahi, Station Road, Ps- Sea Beach, Dist- Puri, Odisha, Pin- 752002 declare that I have changed my name from Juliyas Rani Tandi to Juliyas Rani Sahu. Henceforth, she shall be known as JULIYAS RANI SAHU for all purposes.**
**Sd- JULIYAS RANI SAHU**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 13.05.2025, **I, Namita Kanungo,** Resident of M-102, Trident Galaxy, Kalinga Nagar, Ghatikia, PO.: Andharua, P.S.: Chandaka, Dist.: Khordha, Odisha, PIN- 751003, declare that I have changed my name from Namita Kanungo Mohanty to Namita Kanungo. Henceforth, I shall be known as **NAMITA KANUNGO** for all purposes.

**AFFIDAVIT**

By virtue of an affidavit before Executive Magistrate Kanas of Dist Puri, I Rajakishore Mallick, S/O of Suresh Mallick resident of Vill Lokapal, Po. Haladiapara, P.S. Kanas, Dist: Puri, Odisha state that my correct name is RAJAKISHORE MALLICK but in my Aadhaar card No. 781037369319 my name has been mentioned as RAJESH MALLIK. Hence onwards I shall be known as RAJAKISHORE MALLICK for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated 20.05.2025, **I, Smita Mahapatra,** Resident of Flat No.: 302, Krishna Plaza, Laxmi Sagar, Bhubneswar Dist.: Khordha, Odisha, PIN- 751006, declare that I have changed my name from Smita Kumari Sahu to Smita Mahapatra. Henceforth, I shall be known as **SMITA MAHAPATRA** for all purposes.

**AFFIDAVIT**

I, Gouri Peddamadula, W/o- P Ram Prasad, resident of Duplex No-67, Padmavati Vatika, Aradhana Nagar, Sundarpada, Po- Old Town, Bhubaneswar, Pin- 751002, Odisha declare by this affidavit No. 457, dated- 19/05/2025 that now onwards I shall be known as **P GOURI** for all future purposes.

## ଡଗରା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ବାଲିଆପାଳ, ୨୦।୫ (ସମିସ): ଏହି ବ୍ଲକ ଅନ୍ତର୍ଗତ ଡଗରା ସେବା ସମବାୟ ସମିତିର ଧାନମଣ୍ଡି ଆଜି ଶୁଭ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସେବା ସମବାୟ ସମିତିର ସଭାପତି ରବୀନ୍ଦ୍ର ନାଥ ବିଶ୍ୱାଳ ମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ଜୁନ ଚନ୍ଦ୍ର ବାରିକ, ସରୋଜ ଦାସ, ସଞ୍ଜୟ କୁମାର ପାତ୍ର, ପ୍ରଭାକର ପାତ୍ର, ପ୍ରକାଶ ମହାନ୍ତି, ଅଜିତ ସେଠୀ, ବସନ୍ତ ବାଗ, ମାନସ ପାତ୍ର, ସୁଶାନ୍ତ ଜେନା, କୃଷ୍ଣଚନ୍ଦ୍ର ଦାସ, କାଳିପଦ ବେହେରା, ସମବାୟ ସମିତି ସଂପାଦକ ରାମଚନ୍ଦ୍ର କର, ଡଗରା ଆରଆଇ ସୃଷ୍ଟିଧର ପଟ୍ଟାୟତ, ଆରଏମସି ମେମ୍ବର ସଞ୍ଜିତା ଦେ ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷାଧିକ ଟଙ୍କାରେ ନିଲାମ ହେଲା ଜବତ ପଥର

ସୋର,୨୦।୫ (ସମିସ): ସୋର ବ୍ଲକ ବାଗୁଡି ଖଞ୍ଜାମାହାଲ ପଥର ଖାଦାନରୁ ପଥର ଲୁଟକୁ ରୋକାଯାଇ ପାରୁନାହିଁ। ଗତକାଲି ରାତିରେ ବେଆଇନ ବ୍ଲାଷ୍ଟିଂ ହୋଇଥିବା ବେଳେ ପଥରକୁ ପ୍ରାୟ ୧୩ ଲକ୍ଷରୁ ଅଧିକ ଟଙ୍କାରେ ନିଲାମ କରାଯାଇଥିବା ଜଣାପଡିଛି। ସୂଚନା ଅନୁସାରେ ବାଗୁଡି ଖଞ୍ଜାମହାଲ ପଥର ଖାଦାନର ୪୩, ୪୪ ଏବଂ ୫୭ ନମ୍ବର କ୍ୱାରିରେ ଗତକାଲି ବିଳମ୍ବିତ ରାତିରେ ବେଆଇନ ବ୍ଲାଷ୍ଟିଂ କରାଯାଇଥିଲା। ଏ ନେଇ ସ୍ଥାନୀୟ ବାସିନ୍ଦା ତଥା ସୋର ଓକିଲ ସଂଘର ସଭାପତି ନିରଞ୍ଜନ ଜେନା ସୋର ତହସିଲଦାର ଓ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ଭାରପ୍ରାପ୍ତ ତହସିଲଦାର ଦୈତାରି ମଲ୍ଲିକ, ଖଣି ଅଧିକାରୀ ଓ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପଥରକୁ ଜବତ କରିଥିଲେ। ଆଜି ପୂର୍ବାହ୍ନରେ ଜବତ ପଥରକୁ ୧୩ ଲକ୍ଷରୁ ଉଦ୍ଧର୍ ଟଙ୍କାରେ ନିଲାମ କରା ଯାଇଥିଲା। ବାରମ୍ବାର ଏଠାରୁ ପଥର ଚୋରି ହେଉଥିବା ବେଳେ ଏହାର ସ୍ଥାୟୀ ସମାଧାନ କେଉଁ କାରଣରୁ ହେଉନାହିଁ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ହତ୍ୟା ଉଦ୍ୟମ, ଅଭିଯୁକ୍ତକୁ ବର୍ଷେ ଜେଲ

ନୀଳଗିରି, ୨୦।୫ (ସମିସ): ଏକ ହତ୍ୟା ଉଦ୍ୟମ ମାମଲାର ବିଚାରକରି ନୀଳଗିରିର ସହକାରୀ ଦୌରାଜଜ ମୁଦାଲାଙ୍କୁ ୧ବର୍ଷ ଜେଲଦଣ୍ଡ ସହ ୧ଶହ ଟଙ୍କା ଜରିମାନା କରିଛନ୍ତି। ୨୦୨୦ ଜୁଲାଇ ୩୦ ସନ୍ଧ୍ୟାରେ ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦଳଦଳି ଗ୍ରାମରେ ପରକୀୟା ପ୍ରୀତିକୁ ନେଇ ଶୁକୁରା ଗଜଙ୍କ ପୁଅ ବିଶ୍ୱନାଥ ଗଜ ଏବଂ ଉକ୍ତ ଗ୍ରାମର ମଙ୍ଗୁଲିଆ ମୁଦୁଲିଙ୍କ ପୁଅ ବାବୁଲିଙ୍କ ମଧ୍ୟରେ ଏକ ଦୋକାନ ସାମ୍ନାରେ ଗଣ୍ଡଗୋଳ ହୋଇଥିଲା। ବାବୁଲି ଉତକ୍ଷିପ୍ତ ହୋଇ ଏକ ଧାରୁଆ କତାରେ ବିଶ୍ୱନାଥଙ୍କ ବେକକୁ ହାଣିଦେବାରୁ ଗୁରୁତର ଅବସ୍ଥାରେ ପ୍ରଥମେ ଈଶ୍ୱରପୁର ପରେ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସାପରେ ସୁସ୍ଥ ହୋଇଥିଲେ। ଉକ୍ତ ଘଟଣାରେ ବିଶ୍ୱନାଥଙ୍କ ବାପା ଶୁକୁରା ଗଜଙ୍କ ଏତଲା ମୂଳେ ହତ୍ୟା ଉଦ୍ୟମ ଅପରାଧରେ ବାବୁଲି ଏବଂ ତାଙ୍କ ସ୍ତ୍ରୀ ରଞ୍ଜିତାଙ୍କ ନାମରେ ପୁଲିସ ଚାର୍ଜସିଟ ଦାଖଲ କରିଥିଲା। ଉକ୍ତ ମକଦ୍ଦମାରେ ୬ଜଣ ସାକ୍ଷୀ ଏବଂ ଦସ୍ତାବିଜକୁ ଆଧାରକରି ସହକାରୀ ଦୌରାଜଜ ମୁଦାଲା ବାବୁଲିକୁ ୧ବର୍ଷ ଜେଲଦଣ୍ଡ ସହ ୧ଶହ ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ପ୍ରମାଣ ଅଭାବରୁ ରଞ୍ଜିତାକୁ ଖଲାସ କରିଛନ୍ତି। ଉକ୍ତ ମକଦ୍ଦମାକୁ ସରକାରଙ୍କ ତରଫରୁ ଆଡ଼ିସିନାଲ ପିପି ଅମରେନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ।

## ଖଇରା ବିକାଶ ମଞ୍ଚର ବୈଠକ



ଖଇରା,୨୦।୫ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୋଚିଆକୋଇଲିସ୍ଥିତ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଖଇରା ବିକାଶ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାୟୀ ସଭାପତି ସୁରେନ୍ଦ୍ର ପ୍ରସାଦ ଦାସ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ କମଳାକାନ୍ତ ନାୟକଙ୍କ ପୂର୍ବ ବିବରଣୀ ପାଠ ପରେ ଖଇରା ଡାକ୍ତରଖାନାରେ ଡାକ୍ତର ଅଭାବ ନେଇ ଉଦ୍‌ବେଗ ପ୍ରକାଶ କରାଯିବା ସହ ସମସ୍ତ ପଦବୀ ପୂରଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଥିଲା। ଏଥିସହ ବଜ୍ରପାତ ମୁକାବିଲା ପାଇଁ ପରିଷଦ ତରଫରୁ ବନ ବିଭାଗ ସହଯୋଗରେ ତାଳ ତଥା ଅନ୍ୟାନ୍ୟ ଚାରା ରୋପଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏତଦଭିନ୍ନ ପରିଷଦର ପଞ୍ଜୀକରଣ, ବାଇ ଲ, କାର୍ଯ୍ୟାଳୟ ଗୃହ, ଲୋଗୋ, ସଭ୍ୟ ସଂଖ୍ୟା ବୃଦ୍ଧି ଉପରେ ମଧ୍ୟରେ ସଦସ୍ୟଙ୍କ ପରାମର୍ଶ ନିଆଯାଇଥିଲା। ଏଥିସହିତ ଖଇରା ବ୍ଲକ, ତହସିଲ, ଉପନିବନ୍ଧକ ତଥା ଥାନାର ଅଧିକାରୀମାନଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇବା ପାଇଁ ଆଲୋଚନା କରାଯାଇଥିଲା। ପରିଷଦର ସଦସ୍ୟ ମନମୋହନ ବେହେରା, ଜନ୍ମେଜୟ ଶତପଥି, ମାନସ କୁମାର ମହାପାତ୍ର, ପ୍ରଭାତ ଦାସ, କିଶୋର ରାଉତ, ବସନ୍ତ ଦାସ, ବିଜୟ ମହାପାତ୍ର, ଅଭିରାମ ମହାପାତ୍ର, ସତ୍ୟବ୍ରତ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଦେହୁର୍ଦ୍ଦା ଓ ଜୟରାମପୁର ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

# କମ୍ ଟାର୍ଗେଟ ନେଇ ଚାଷୀଙ୍କ ଉଦ୍‌ବେଗ

ଭୋଗରାଇ, ୨୦।୫ (ସମିସ)



ଭୋଗରାଇ ବ୍ଲକ ଦେହୁର୍ଦ୍ଦା ଏବଂ ଜୟରାମପୁର ସେବା ସମବାୟ ସମିତିରେ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏହି ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଦେହୁର୍ଦ୍ଦା ସମବାୟ ସମିତିର ସଭାପତି ଶ୍ରୀପତି ଭୂଷଣ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଭଦ୍ରକ ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଆଶିଷ ପାତ୍ର, ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ଦେହୁର୍ଦ୍ଦା ସରପଞ୍ଚ ସରସ୍ୱତୀ କରଣ, ସମିତି ସଭ୍ୟା ସନ୍ଧ୍ୟାରାଣୀ ଜେନା, ଜଳେଶ୍ୱରପୁର ପଞ୍ଚାୟତର ସରପଞ୍ଚ ବିରୁପାକ୍ଷ ଜେନା, ବ୍ଲକ ଖାଦ୍ୟ ଯୋଗାଣ ବିଭାଗର ଅଧିକାରୀ ସାମେଶ୍ୱର ବେହେରା, ସମବାୟ ସମ୍ପ୍ରସାରଣ ଅଧିକାରୀ ବସନ୍ତ କୁମାର ଗିରି, ଭୋଗରାଇ କେନ୍ଦ୍ର ସମ୍ପ୍ରଚାଳକ ସମବାୟ ବ୍ୟାଙ୍କର ଅଧିକାରୀ ଅନନ୍ତ ଦାସ, ପିଇଓ ସତ୍ୟାନନ୍ଦ ସିଂ ପ୍ରମୁଖଙ୍କ ସହ ସମିତି ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ ଜୟରାମପୁର ସେବା ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଥିଲା। ବିଧାୟକ ଶ୍ରୀ ଦାସ ଏହାକୁ ଉଦଘାଟନ କରିଥିଲେ। ସମିତିର ସଭାପତି ପଙ୍କଜାକ୍ଷ ପଣ୍ଡା, ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ବସନ୍ତ କୁମାର ଗିରି, ବ୍ଲକ ଯୋଗାଣ ନିରୀକ୍ଷକ, ସମିତି ପରିଚାଳନା କମିଟିରର ସଦସ୍ୟ ରବୀନ୍ଦ୍ର କୁମାର ଘୋଷ, ବିଦ୍ୟୁତ କୁମାର ସାମଲ, ଅନାଦି ଚରଣ ବେହେରା, ଶଶାଙ୍କ ଘଡ଼େଇ, ବିଶ୍ୱମ୍ବର ଦାସ ଅଧିକାରୀ, ବିଷ୍ଣୁପଦ ଗିରି, ରଘୁନାଥ ମହାନ୍ତି, ହୀରାଚାନ୍ଦ ଦାସ, ସୁଧାଂଶୁ ଶେଖର ଜେନା,ପ୍ରଦ୍ୟୁତ କୁମାର ମିଶ୍ର,ଯତୀନ୍ଦ୍ର କୁମାର ପାତ୍ର, ସମିତି ସମ୍ପାଦକ ଓମ ପ୍ରକାଶ ଘୋଷ, ଶିବଶଙ୍କର ଜେନା, ହିରଣ୍ମୟ ପାଣିଗ୍ରାହୀ, ରବୀନ୍ଦ୍ର ପାଳ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସମସ୍ତ ସମବାୟ ସମିତି ଅଧିନରେ ଖୋଲାଯାଇଥିବା ସରକାରୀ ଧାନ ମଣ୍ଡିରେ ଧାନ କିଣାକୁ ନେଇ ସମସ୍ୟା ଉପୁଜିଛି। ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ମିଳିଥିବା ଟୋକନ ପରିମାଣଠାରୁ ମଣ୍ଡିକୁ ମିଳିଥିବା ଟାର୍ଗେଟ ବହୁତ କମ୍ ମିଳିଛି। ଯାହା ଶହେ ପ୍ରତିଶତରୁ ମାତ୍ର ୧୦ ପ୍ରତିଶତ ବି ହେଉନଥିବାରୁ ଚାଷୀମାନଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ବଳକା ଧାନ କିପରି ବିକ୍ରି କରିବେ ତାହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ଆଗକୁ ଯଦି ଅଧିକ ଟାର୍ଗେଟ ନ ଆସିବ ତେବେ ଭୋଗରାଇରେ ଚାଷୀମାନେ ସଂଗଠିତ ହୋଇ ବିରାଟ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଟ୍ରାକ୍ଟର ଚୋରି ଘଟଣାରେ ୩ ଗିରଫ



ଔପଦା,୨୦।୫(ସମିସ) : ବାଲେଶ୍ୱର ଜିଲ୍ଲା ଔପଦା ଅଞ୍ଚଳରୁ ଏକ ଟ୍ରାକ୍ଟର ଚୋରି ଘଟଣାର ମାଷ୍ଟର ମାଇଣ୍ଡ ଉଜ୍ୱଳଙ୍କ ସମେତ ୩ ଜଣ ଗିରଫ ହୋଇଛନ୍ତି। ଔପଦା ଥାନା ଅନ୍ତର୍ଗତ ତଳକିଆ ପଞ୍ଚାୟତ ପ୍ରତାପପୁର ଗ୍ରାମର ଭରତ ଚନ୍ଦ୍ର ପ୍ରଧାନଙ୍କ ଏକ ଟ୍ରାକ୍ଟର ଗତ ୧୫ ତାରିଖ ଗୁରୁବାର ବିଳମ୍ବିତ ରାତ୍ରିରେ ପ୍ରତାପପୁର ଗାଁ ଛକରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ସ୍ଥାନୀୟ ସିସି ଟିଭି ଫୁଟେଜ ଆଧାରରେ ତଦନ୍ତ କରି ବିଭିନ୍ନ ସ୍ଥାନ ଚଢଉ ଜାରି ରଖିଥିବା ବେଳେ ଟ୍ରାକ୍ଟର ଡାଲା ଜବତ କରିବା ସହ ଆଜି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ତିନି ଜଣଙ୍କ ମଧ୍ୟରେ ଔପଦା ଥାନା ଅଧିନ ପ୍ରତାପପୁର ଗାଁର ଚୋରି ଘଟଣାର ମାଷ୍ଟରମାଇଣ୍ଡ ଉଜ୍ୱଳ କୁମାର ପ୍ରଧାନ (୨୬), ବାଲେଶ୍ୱର ସଦର ଥାନା ଅଞ୍ଚଳ ଅକାତପୁର ମଛୁଆସାହିର ସାରୁଖ ଅଲ୍ଲୀ ଖାଁ(୩୦) ଓ ଖଇରା ଥାନା ସରସତିଆ ଗାଁର ଜିତୁ ଓରଫ ସଂଜୀବ ମୁଖି(୨୧)। ଏହି ଟ୍ରାକ୍ଟରକୁ ଉଜ୍ୱଳ ବାଲେଶ୍ୱର ପହଂଚାଇ ସାରୁଖ ସହ ଯୋଗାଯୋଗ କରି ଅନ୍ୟ ଏକ ଗ୍ୟାଙ୍ଗର ସଦସ୍ୟ କାହ୍ନା ମାଧ୍ୟମ ରେ ଇଞ୍ଜିନକୁ ବିକ୍ରି କରିଥିଲେ। ଟ୍ରାକ୍ଟରର ଡ଼ାଲାକୁ ସଦର ଥାନା ଅନ୍ତର୍ଗତ ଗୁରୁଜୀ ବଜାରର ଏକ ନଦୀକୂଳରେ ନାଲି ରଙ୍ଗ ବଦଳାଇ ନୀଳ ରଙ୍ଗ କରି ରଖିଥିଲେ ଯାହାକୁ ପୁଲିସ ଜବତ କରିବାରେ ସଫଳ ହୋଇଛି। ମାଷ୍ଟର ମାଇଣ୍ଡ ଉଜ୍ୱଳ ସମେତ ସାରୁଖ ଓ ଜିତୁ ପୁଲିସ ସମ୍ମୁଖରେ ସମସ୍ତ ଚୋରି ଘଟଣା ସ୍ୱୀକାର କରିଛନ୍ତି। ଇଞ୍ଜିନ ବିକ୍ରି ବାବଦ ୮୫ ହଜାର ଟଙ୍କା ସାରୁଖର ଗୁଗୁଲ ପେ' ଆକାଉଣ୍ଟ କୁ ଆସିଥିଲା ବୋଲି ଜଣାପଡିଛି। ଏହି ଘଟଣାରେ ଆଉ ୪/୫ ଅଭିଯୁକ୍ତ ଅଛନ୍ତି। ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ ରେ ଔପଦା ଥାନା ଆଇଆଇସି ପ୍ରମୋଦ କୁମାର ଦାସ, ଏଏସଆଇ କାଦରା ସୋରେନ୍ ସଦଳ ବଳେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଡାଲା ଜବଦ କରିବାରେ ସଫଳ ହୋଇଛନ୍ତି।

## ଜୁନ୍ ୨୩ରେ ସାରଡାଙ୍ଗ ଓ ମାଣିତ୍ରୀ ପଞ୍ଚାୟତରେ ସମିତିସଭ୍ୟ ନିର୍ବାଚନ

ଖଇରା,୨୦।୫ (ସମିସ): ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରେ ଖାଲି ପଡିଥିବା ଆସନ ସମେତ ଖଇରା ବ୍ଲକ ଅଧୀନ ସାରଡାଙ୍ଗ ଓ ମାଣିତ୍ରୀ ପଞ୍ଚାୟତର ସମିତି ସଭ୍ୟ ତଥା ୨୧ ୱାର୍ଡସଭ୍ୟ ପଦ ପାଇଁ ଆସନ୍ତା ଜୁନ ୨୩ ତାରିଖରେ ନିର୍ବାଚନ ହେବ। ମଙ୍ଗଳବାର ଦିନ ନିର୍ବାଚନୀ କମିଶନଙ୍କ ଦ୍ୱାରା ବିଜ୍ଞପ୍ତି ପରେ ଉଭୟ ପଞ୍ଚାୟତରେ ବିଭିନ୍ନ ଦଳର କର୍ମୀ ମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବିଜ୍ଞପ୍ତି ଅନୁଯାୟୀ ମେ ୨୬ରୁ ୩୧ ତାରିଖ ପର୍ଯ୍ୟନ୍ତ ମନୋନୟନ, ଜୁନ ୨ରେ ଯାଞ୍ଚ, ୪ ତାରିଖ ଅପରାହ୍ନ ୩ଟା ସୁଦ୍ଧା ପ୍ରତ୍ୟାହାର ପରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ସେହିଭଳି ଜୁନ ୨୩ରେ ନିର୍ବାଚନ, ୨୪ରେ ଗଣତି ଓ ୨୫ ଓ ୨୬ ତାରିଖରେ ଫଳ ପ୍ରକାଶନ ହେବ ବୋଲି ଜଣାଯାଇଛି। ସାରଡାଙ୍ଗରେ ସମିତିସଭ୍ୟା ମାଳତୀଲତା ସେଠୀ ଓ ମାଣିତ୍ରୀ ପଞ୍ଚାୟତର ସମିତିସଭ୍ୟ ନାରାୟଣ ଦାସଙ୍କ ମୃତ୍ୟୁ ପରେ ଏହି ପଦବୀ ଖାଲି ପଡିଥିଲା।

## ଆସନ୍ତା ସର୍ବଭାରତୀୟ ଧର୍ମଘଟକୁ ସଫଳ ପାଇଁ ସାଧାରଣ ସଭା

ବାଲେଶ୍ୱର,୨୦।୫ (ସମିସ): ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଜାତୀୟ ଫେଡେରେସନଙ୍କ ମିଳିତ ମଞ୍ଚ ଟିୟୁଏସିସି ପକ୍ଷରୁ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ଆସନ୍ତା ଜୁଲାଇ ୯ ତାରିଖ ଦିନ ସର୍ବଭାରତୀୟ ଧର୍ମଘଟକୁ ବାଲେଶ୍ୱର ଜିଲ୍ଲାରେ ସଫଳ କରିବା ପାଇଁ ଏକ ସାଧାରଣ ସଭାରେ ଆହ୍ୱାନ ଦିଆଯାଇଛି। ଟିୟୁଏସିସିର ଅଧ୍ୟକ୍ଷ ତଥା ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ସିଆଇଟିୟୁର ଜିଲ୍ଲା ଆବାହକ ବିଜୟ ପାତ୍ର, ଏଆଇୟୁଟିୟୁସି ନେତା ଉମାକାନ୍ତ ଦାସ, କୃଷକ ଏକତା ମଞ୍ଚର ଆବାହକ ଅରୁଣ ଜେନା, ପ୍ରତିରକ୍ଷା କର୍ମଚାରୀ ନେତା ହରେକୃଷ୍ଣ ଚାନ୍ଦ, ବିର୍ଲା ଟାୟାର୍ସ ଶ୍ରମିକ ନେତା କ୍ଷୀରୋଦ ବାରିକ, ଜୀବନ ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ଡାକ କର୍ମଚାରୀ ନେତା ନିରଞ୍ଜନ ରାଉତ, ନାରୀନେତ୍ରୀ ବନ୍ଦନା ପାତ୍ର, ଟିୟୁସିସି ସଂପାଦକ ଲକ୍ଷ୍ମୀଧର ଗିରି ଓ ଟିୟୁଏସିସିର ଉପାଧ୍ୟକ୍ଷ ଶାନ୍ତନୁ ଦାସ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଆଗାମୀ ସର୍ବଭାରତୀୟ ଧର୍ମଘଟ ପାଇଁ ୧୭ ଦଫା ଦାବି ଉପରେ ବିଶଦ ଆଲୋଚନା କରିଥିଲେ। ମିଳିତ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିବା ସଂପର୍କରେ ଟିୟୁଏସିସିର ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ସଭାରେ ଅବଗତ କରାଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉଭୟ କାର୍ଯ୍ୟକ୍ରମ ପରିଚାଳନାରେ ଦୁକୁଲ୍ ଚନ୍ଦ୍ର ଘଡାଇ, ଶରତ ଚନ୍ଦ୍ର ଦଳାଇ, ଭରତ ଚନ୍ଦ୍ର ସେଠୀ, ପ୍ରେମରଞ୍ଜନ ପାତ୍ର, ଯତୀନ୍ ପାତ୍ର, ରାଜକିଶୋର ଲେଙ୍କା, ନିରଞ୍ଜନ ବେହେରା, ନିରାକାର ପାଣ୍ଡବ, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ତପନ୍ ସିଟ୍ ପ୍ରମୁଖ ସହାୟତା କରିଥିଲେ। ଟିୟୁଏସିସିର କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।



## ପୂଜ୍ୟପୂଜା ସଂସଦ ତରଫରୁ ମେଧା ସମ୍ବର୍ଦ୍ଧନା



ଖଇରା,୨୦।୫ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ବୁଢାଗଡିଆ ବିଶ୍ରାମଗୃହ ପରିସରରେ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ପୂଜ୍ୟପୂଜା ସଂଗଠନ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ସଙ୍ଗଠନର ସ୍ଥାୟୀ ସଭାପତି ତଥା ବିଶିଷ୍ଟ କବି ସୁଦାମ ଚରଣ ରାଉତ ପୌରହିତ୍ୟ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଲକ୍ଷ୍ମଣ କୁମାର ଶତପଥି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଷ୍ଠା, ଅଧ୍ୟବସାୟ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ ବୋଲି କହିଥିଲେ। ସଂସଦର ଉପସଭାପତି ଅବସରପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ସାମଲ,ସଭ୍ୟ ଶରତ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ କୁମାର ଖଣ୍ଡା, ରାମଚନ୍ଦ୍ର ସାହୁ, ପ୍ରଫୁଲ୍ଲ ସାମଲ, ଗୁରୁକଲ୍ୟାଣ ରାଉତ, ରଘୁନାଥ ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଖଇରା ବ୍ଲକରେ ମାଟ୍ରିକ ପରୀକ୍ଷାରେ ପ୍ରଥମ ହୋଇଥିବା ସମୀକ୍ଷା ସମନ୍ୱିତା ଶତପଥି, ଦ୍ୱିତୀୟ ଅର୍ପିତା ପ୍ରିୟଦର୍ଶିନୀ ଦଳେଇ ଓ ତୃତୀୟ କ୍ଷିତିଶ କୁମାର ରଥ ତଥା ପଳାଶପୁର ହାଇସ୍କୁଲର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ହରପ୍ରିୟା ରାଉଳ, ଝୁମା ସାହୁ ଓ ଶୁଭସ୍ମିତା ବେହେରାଙ୍କୁ ସୁବାଷ-ନିରୁପମା ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ନାରାୟଣ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ। କୁଞ୍ଜଲତା ମାହୁନ୍ତଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବୃଦ୍ଧାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ



ନୀଳଗିରି, ୨୦।୫(ସମିସ): ଜୈନିକ ବୃଦ୍ଧାଙ୍କ ବେକରୁ ତିନି ଭରିର ସୁନା ଚେନ କାଟିନେଲେ ଦୁର୍ବୃତ୍ତ। ନୀଳଗିରି ଏନଏସି ହାଟଛକ ନିକଟରେ ଗୋପାଳ କୃଷ୍ଣ ପଣ୍ଡାଙ୍କ ଧର୍ମପତ୍ନୀ ଉମାମଣି ଦାସ (୭୦) ଦାନ୍ତ ଓଳାଉଥିବା ସମୟରେ ଦୁଇ ଜଣ ଯୁବକ ବାଇକରେ ଆସି ତାଙ୍କୁ ବେକରୁ ସୁନା ଚେନ ଛିନତାଇ କରି ଶେରଗଡ଼ ଅଭିମୁଖେ ପଳାଇଥିଲେ। ଉମାମଣି ନୀଳଗିରି ଥାନାକୁ ଅବଗତ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ କିଛି ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇ ପାରିନାହିଁ ପୁଲିସ।

## ଭୋଗରାଇ ରୋଟାରୀ କ୍ଲବ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର




ଭେଗରାଇ,୨୦।୫(ସମିସ): ରୋଟାରୀ କ୍ଲବ ଭୋଗରାଇ (ନିଉ ଭିଜନ) ପକ୍ଷରୁ ଭୋଗରାଇ ଅଙ୍ଗନୱାଡି କେନ୍ଦ୍ର(କ)ଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଡାକ୍ତର ଓ ଟେକନିସିଆନ ମାନଙ୍କଦ୍ୱାରା ୫୦ଜଣରୁ ଉଦ୍ଧ୍ୱର୍ ରୋଗୀ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶିବିରରୁ ୧୦ ଜଣ ମୋତିଆବିନ୍ଦୁ ଚିହ୍ନଟ କରାଯାଇଛି। ଏଥିରେ ଭୋଗରାଇ କ୍ଲବର ସଭାପତି ମିହିର କୁମାର ପ୍ରଧାନ, ସଂପାଦକ ଡ. ସତୀଶ ଚନ୍ଦ୍ର ପଣ୍ଡା, ଡ. ଅନୁପ କୁମାର ସାମଲ, ଅଶୋକ କୁମାର ପ୍ରଧାନ, ପରିତୋଷ ଦାସ, ବିମଳେନ୍ଦୁ ଦେ, ମନୋଜ କୁମାର ଦାସ, ଯଜ୍ଞେଶ୍ୱର ଜେନା, ଅଜୟ କୁମାର ଦାସମହାପାତ୍ର, ଅଜୟ କୁମାର କୁଣ୍ଡୁ, ଅଙ୍ଗନବାଡି କର୍ମୀ ଶିବାନୀ କର, ଶାଶ୍ୱତ ସୁର ପ୍ରମୁଖ ସହ ବହୁ ରୋଟାରିଆନ ପରିଚାଳନାରେ ସହଯୋଗ କରିଥିଲେ।

# ଭୋଗରାଇ ପାଚିକା ସଂଘର ବିକ୍ଷୋଭ

ଭୋଗରାଇ, ୨୦।୫ (ସମିସ)




ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଥାନାଛକ ଠାରୁ ଶତାଧିକ ପାଚିକା ମାନଙ୍କ ଏକ ବିରାଟ ପଟୁଆର ବାହାରି ଶ୍ରୀବସ୍ତପୁରସ୍ଥିତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କ ଦାବି ସପକ୍ଷରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସ୍ଥଳରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶ୍ରମିକ ନେତା ଅଧୀର ଗିରିଗୋସ୍ୱାମୀ ଅଧ୍ୟକ୍ଷତା କରିଥିଲେ। ପାଚିକା ସଂଘର ଆବାହକ ଶୁକଦେବ ସାହୁ ପାଚିକାମାନଙ୍କ ଦୟନୀୟ ଅବସ୍ଥା ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ ବିଭିନ୍ନ ଦାବି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ପରେ ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ଶିଶିର ହୁଇ ପାଚିକା ମାନଙ୍କ ମାସିକ ଦରମା ୨୬୦୦୦ ଟଙ୍କା, ମାସିକ ପେନସନ ୯୦୦୦ ଟଙ୍କା, ପାଚିକା ମାନଙ୍କୁ ସରକାରୀ କର୍ମଚାରୀର ସ୍ୱୀକୃତ ଦେବା, ପ୍ରତ୍ୟେକଙ୍କୁ ରେସନ କାର୍ଡ ଓ ପ୍ରତ୍ୟେକଙ୍କୁ ୩୦୦ ୟୁନିଟ ମାଗଣା ବିଜୁଳି ପ୍ରଦାନ ଆଦି ବିଭିନ୍ନ ଦାବି ଉପରେ ବକ୍ତବ୍ୟ ରଖିଥିଲେ। ଭୋଗରାଇ କୃଷକ ସଭାର ସଭାପତି ଚିତ୍ତରଞ୍ଜନ ଦାସ, କ୍ଷେତ ମଜଦୁର ୟୁନିୟନର ଜିଲ୍ଲା ସଭାପତି ଦୀପ୍ତିମାନ ଆଚାର୍ଯ୍ୟ, ଏସ୍ ଏଫ୍ ଆଇ ଛାତ୍ର ନେତା ଚନ୍ଦନ କାମିଲା, ଆଦିବାସୀ ନେତା କୃଷ୍ଣ ମୋହନ ମୁର୍ମୁ ପ୍ରମୁଖ ବକ୍ତବ୍ୟରେ ଆଗାମୀ ଜୁଲାଇ ୯ ତାରିଖ ସର୍ବଭାରତୀୟ ଶ୍ରମିକ ଧର୍ମଘଟକୁ ସଫଳ କରିବାକୁ ନିବେଦନ କରିଥିଲେ। ଉକ୍ତ ବିକ୍ଷୋଭକୁ ପାଚିକା ସଂଘର ସଦସ୍ୟ ପ୍ରମିଳା ସାହୁ, ରଞ୍ଜୁବାଳା ପାତ୍ର, ସ୍ୱର୍ଣ୍ଣମୟୀ ପଣ୍ଡା, ବିଷ୍ଣୁପ୍ରିୟା ଗିରି, ସରସ୍ୱତୀ ବାରିକ, ପ୍ରମିଳା ଗିରି, ସାବିତ୍ରୀ ଘଡାଇ ପ୍ରମୁଖ ପରିଚାଳନା କରିଥିଲେ। ପରିଶେଷରେ ବ୍ଲକ ଶିକ୍ଷା ଅଧିକାରୀ ନିହାରରଞ୍ଜନ ଦାସ ବିକ୍ଷୋଭ ସ୍ଥଳକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଗ୍ରହଣ କରିଥିଲେ। ଉକ୍ତ ସ୍ମାରକ ପତ୍ର ପ୍ରଦାନ ସମୟରେ ସିପିଆଇ(ଏମ୍) ଆଞ୍ଚଳିକ କମିଟିର ସମ୍ପାଦକ ଆଇନଜୀବୀ ବିଶ୍ୱଜିତ ଦାସ ଓ ଉପରୋକ୍ତ ବକ୍ତାମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ତୁରନ୍ତ ଦାବି ପୂରଣ ନ ହେଲେ ଜୁଲାଇ ୯ରେ ବିକ୍ଷୋଭ ହେବ ବୋଲି ଚେତାବନୀ ଦେଇଥିଲେ।

## ୧୭ ଦଫା ଦାବିରେ ଶ୍ରମିକ ସଂଗଠନର ବିକ୍ଷୋଭ




ଭୋଗରାଇ, ୨୦।୫ (ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ଆହ୍ୱାନରେ ଆଜି ସାରା ଦେଶରେ ୧୭ ଦଫା ଦାବିକୁ ସମର୍ଥନ କରି ଏ ଆଇ ୟୁ ଟି ୟୁ ସି, ଏ ଆଇ ଡି ଏସ ଓ, ଏଆଇଡିୱାଇଓ, ଏଆଇଏମଏସଏସ ଓ ଜନ ଅଧିକାର ସୁରକ୍ଷା କମିଟି ପକ୍ଷରୁ ଭୋଗରାଇ ବ୍ଲକ ସମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଶ୍ରମିକ ବିରୋଧୀ ଶ୍ରମ କୋଡ଼ ବାତିଲ କରିବା, ଏମଏସପିକୁ ଆଇନରେ ପରିଣତ କରିବା, ଦରଦାମ ନିୟନ୍ତ୍ରଣ କରିବା, ସ୍କିମ ଶ୍ରମିକମାନଙ୍କୁ ସରକାରୀ ମାନ୍ୟତା ଦେବା, ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା, ଠିକା ଓ ଆଉଟସୋର୍ସିଂ ବନ୍ଦ କରିବା, ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା, ଜାତୀୟ ଶିକ୍ଷା ନୀତି ୨୦୨୦ ବାତିଲ କରିବା, ମଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ଭୂମିହୀନମାନଙ୍କୁ ଘରବାଡ଼ି ପଟ୍ଟା ଯୋଗାଇଦେବା, ସମସ୍ତ ଡାକ୍ତର ଖାନାରେ ଡାକ୍ତର - ସ୍କୁଲ କଲେଜରେ ଶିକ୍ଷକ ଅଧ୍ୟାପକ ନିଯୁକ୍ତି କରିବା, ଭୋଗରାଇରେ ଜଳ ନିଷ୍କାସନ କାମକୁ ଯୁଦ୍ଧ କାଳୀନ ଭିତ୍ତିରେ ଆରମ୍ଭ କରିବା, ସରକାର ବନ୍ଦ କରିଥିବା ସ୍କୁଲ ଗୁଡିକୁ ଅବିଳମ୍ବେ ଖୋଲିବା ଆଦି ୧୭ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ସୂର୍ଯ୍ୟକୁମାର ନାୟକଙ୍କ ଜରିଆରେ ଦିଆଯାଇଛି। ଏହି ପ୍ରତିବାଦ ସଭାକୁ ପରିଚାଳନା କରିଥିଲେ ଭୋଗରାଇ ନାରୀ ନେତ୍ରୀ କ୍ରିଷ୍ଣାରାଣୀ ସାହୁ। ଭୋଗରାଇ ଶାଖା ଏଆଇଏମ୍‌ଏସଏସର ସଭାପତି ସରୋଜିନୀ ମହାନ୍ତି, ସମ୍ପାଦିକା ପିଙ୍କି ମଲ୍ଲିକ, ଯୁବ ସଂଗଠନର ସଭ୍ୟା ସସ୍ମିତା ମହାନ୍ତି, ଛାତ୍ର ସଂଗଠନର ସଭାପତି ହରେକୃଷ୍ଣ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କର ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

# ନିମ୍ନମାନର ରାସ୍ତା କାମକୁ ବିରୋଧ; ଉପଜିଲ୍ଲାପାଳଙ୍କୁ ଫେରାଦ

ବେଲବାହାଳି, ୨୦।୫ (ସମିସ)

ରାସ୍ତା ପ୍ରଶସ୍ତୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଚାଲିଛି ରାସ୍ତା କାମ; ହେଲେ ନିମ୍ନମାନର କାମ ଯୋଗୁଁ ଏହାର ସ୍ଥାୟିତ୍ୱ ନେଇ ଲୋକଙ୍କ ମନରେ ଆଶଙ୍କା। ସଠିକ୍ ଭାବେ ନିର୍ମାଣ କାର୍ଯ୍ୟ ହେଉ ନଥିବା ଦେଖି ଉକ୍ତ ପଞ୍ଚାୟତବାସୀ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉନ୍ନତ ମାନର ନିର୍ମାଣ କାର୍ଯ୍ୟ କରିବା ପାଇଁ ଦାବି ଜଣାଇଛନ୍ତି। ଆନନ୍ଦପୁର ଉପଖଣ୍ଡ ୨୦ ନଂ ଜାତୀୟ ରାଜପଥ ବେଲବାହାଳିଠାରୁ ହରିଡ଼ାପାଳ ପଞ୍ଚାୟତ ପାଇକଚାଟ୍ରା ପର୍ଯ୍ୟନ୍ତ ରାସ୍ତା ସଂକୁଚିତ ହେବା ନେଇ ପୂର୍ବରୁ ବାରମ୍ବାର ଏ ସଂକ୍ରାନ୍ତ ଘଟଣା "ସକାଳ'ରେ ପ୍ରସାରଣ ହୋଇଥିଲା। ଏହି ରାସ୍ତାର ମରାମତି ତଥା ପ୍ରଶସ୍ତୀକରଣ ପାଇଁ ଅନୁମତି ମିଳିଥିଲେ ସୁଦ୍ଧା ନିମ୍ନମାନର କାମ ପାଇଁ ଅଞ୍ଚଳବାସୀ






ଦୃଢ଼ ଭାବରେ ବିରୋଧ କରିଛନ୍ତି। ସରକାରଙ୍କ ଦ୍ୱାରା ପ୍ରଚଳିତ ଲକ୍ଷ୍ମୀ ବସ୍ ସେବା ସମେତ ଆମ୍ବୁଲାନସ ଗାଡି ପଞ୍ଚାୟତକୁ ଯାଉଥିଲେ ସୁଦ୍ଧା ହରିଡ଼ାପାଳ ପଞ୍ଚାୟତରେ ସଠିକ୍ ରାସ୍ତା ନଥିବାରୁ ବିଭିନ୍ନ ସମୟରେ ଉକ୍ତ ସେବାରୁ ବଞ୍ଚିତ ହୋଉଛନ୍ତି। ଉକ୍ତ ରାସ୍ତାରେ ଗୋଟିଏ ଗାଡ଼ି ଗଲେ ଅନ୍ୟ ଗାଡ଼ି ଯିବା ଅତ୍ୟନ୍ତ ମୁସ୍କିଲ। ଏଣୁ ଦୀର୍ଘ ଦିନ ହେବ ଲୋକଙ୍କ ନିବେଦନ ପରେ ସରକାରଙ୍କ ଦ୍ୱାରା ଗୃହୀତ କାର୍ଯ୍ୟ ହେବା ସମୟରେ ଲୋକଙ୍କ ଦ୍ୱାରା ନିମ୍ନମାନର କାର୍ଯ୍ୟ ଗ୍ରହଣ କରିବା ସମ୍ଭବ ନୁହେଁ। ଆଗାମୀ ଦିନରେ ଏଭଳି କାର୍ଯ୍ୟ ଜାରି ରହିଲେ ପଞ୍ଚାୟତବାସୀ କାର୍ଯ୍ୟକୁ ବିରୋଧ କରିବା ସହ ଉକ୍ତ କାର୍ଯ୍ୟ ସହ ଜଡ଼ିତ ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ ବିରୋଧରେ ଆନ୍ଦୋଳନ କରିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## ପରିତ୍ୟକ୍ତ କୂଅରେ ପଡ଼ିଲା ଭାଲୁ

ରାମଚନ୍ଦ୍ରପୁର,୨୦।୫(ସମିସ): ଗତକାଲି ରାତିରେ ମା' ଭାଲୁ ସହ ଆମ୍ବ ଖାଇବାକୁ ଆସି ସ୍ଥାନୀୟ ପୁରୁଣାବାନ୍ଧଗୋଡ଼ା ପଟ୍ଟନାୟକ ସାହିର ଏକ ପରିତ୍ୟକ୍ତ କୂଅରେ ପଡ଼ିଯାଇଥିଲା ଏକ ଭାଲୁ ଛୁଆ। କୂଅ ଭିତରେ ଛୁଆ ଭାଲୁ ଏବଂ ବାହାରେ ମାଆ ଭାଲୁର ଗର୍ଜନ ଶୁଣି ଗାଁଲୋକେ ସ୍ଥାନୀୟ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ବିଳମ୍ବିତ ରାତ୍ରିରେ ସ୍ଥାନୀୟ ଫରେଷ୍ଟର କେଦାର ପାତ୍ର କର୍ମଚାରୀଙ୍କ ଉଦ୍ୟମକ୍ରମେ ଭାଲୁ ଛୁଆକୁ କୂଅ ଭିତରୁ ଉଦ୍ଧାର କରିବା ସମୟରେ ମା'ଭାଲୁ ଘଟଣାସ୍ଥଳରେ ଜଗି ରହିଥିବା ଦେଖାଯାଇଥିଲା। ରାତି ପାହିବା ପରେ ଭାଲୁ ଛୁଆଟିକୁ ଜାଲ ପକାଇ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ ବନକର୍ମଚାରୀ ଓ ସହଯୋଗୀ। ଉଦ୍ଧାର ପରେ ଛୁଆ ଭାଲୁ ମା' ଭାଲୁ ସହ ସୁରକ୍ଷିତ ସ୍ଥାନୀୟ ବରାଙ୍ଗ ଜଙ୍ଗଲକୁ ଚାଲିଯାଇଥିବା ଦେଖିବାକୁ ମିଳିଥିଲା।

## ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**କେନ୍ଦୁଝର,୨୦।୫(ସମିସ):** କେନ୍ଦୁଝର କୋର୍ଟ ଏଡିଜେ ମମିତା ଦାସ ଏକ ହତ୍ୟା ମାମଲାର ବିଚାର କରି ପଣ୍ଡାପଡା ଥାନା ଅନ୍ତର୍ଗତ ହୁଣ୍ଡବାଂଶପାଳ ଗ୍ରାମର ଅଭିଯୁକ୍ତ ଶଙ୍କର ବେହେରାଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡାଦେଶ ରାୟ ଦେଇଛନ୍ତି। ୨୦୧୯ ମଇ ମାସ ୨୬ ତାରିଖ ସନ୍ଧ୍ୟା ୭ଟାବେଳେ କାଳୁ ବେହେରାଙ୍କୁ ଶଙ୍କର ହତ୍ୟା କରିଥିଲା। ରାତିରେ କାଳୁ ଘରକୁ ନଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ପାଇ ନଥିଲେ। ପରଦିନ ବାହୁଟିଆ ପୋଲ ନିକଟରେ ତାଙ୍କର କ୍ଷତବିକ୍ଷତ ମୃତଦେହ ପଡିଥିବା ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏନେଇ ମୃତକଙ୍କ ବଡଭାଇ ଦର୍ଶନ ବେହେରା ପଣ୍ଡାପଡା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ହତ୍ୟାମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ଅଭିଯୁକ୍ତ ଶଙ୍କରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କେନ୍ଦୁଝର ଏଡିଜେ ୨୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଫୁଲ୍ଲ ପାତ୍ର ମାମଲା ପରିଚାଳନା କରୁଥିଲେ।

## ଦେଶୀ ମହୁଲି ମଦ ଜବତ



**ତୁରୁମୁଙ୍ଗା, ୨୦।୫(ସମିସ):** ପାଟଣା ଥାନା ମେଦିନୀପୁର ଗ୍ରାମର ତନୟ ନାୟକ ସୋମବାର ରାତିରେ ତାଙ୍କ ଗ୍ରୋସେରି ଦୋକାନରେ ବେଆଇନ ଭାବେ ଦେଶୀ ମହୁଲି ମଦ ବିକ୍ରି କରୁଥିବା ବେଳେ ଧରାପଡ଼ିଛନ୍ତି। ସାହାରପଡ଼ା ଫାଣ୍ଡି ପୁଲିସ ଚଢ଼ଉ କରି ତାଙ୍କୁ ଗିରଫ କରିଛି। ତନୟଙ୍କଠାରୁ ମୋଟ ୨୦ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି। ଏନେଇ ପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଚଢ଼ଉ ଦଳରେ ସାହାରପଡ଼ା ଫାଣ୍ଡିଅଧିକାରୀ ପାର୍ଥ ଓରାମ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ଜଳିଗଲା ପତ୍ର ଫଡ଼ି ଘର

ତେଲକୋଇ, ୨୦।୫(ସମିସ): ତେଲକୋଇ ବ୍ଲକ ସିରିଗିଡା ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମରେ ଥିବା ପତ୍ର ଫଡି ଘର ଅଗ୍ନିକାଣ୍ଡ ଘଟି ପାଉଁଶ ହୋଇଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉ ଥିବାବେଳେ ଲକ୍ଷାଧିକ ଟଙ୍କାର ଶୁଖିଲା କେନ୍ଦୁପତ୍ର ଜଳି ପାଉଁଶ ହୋଇଯାଇଛି। ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଦୋଷୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କେନ୍ଦୁପତ୍ର ତୋଳାଳି ଦାବି କରିଛନ୍ତି।

## କନକ ଟ୍ରାନ୍ସପୋର୍ଟର ମନମୁଖୀ କାର୍ଯ୍ୟକୁ ବିରୋଧ



**କେନ୍ଦୁଝର/ତୁରୁମୁଙ୍ଗା, ୨୦।୫(ସମିସ):** କେନ୍ଦୁଝର ଜିଲ୍ଲା ସୁଆକାଠି ଓଏମସି ଖଣିରୁ ଲୁହାପଥର ପରିବହନ କରୁଥିବା କନକ ଟ୍ରାନ୍ସପୋର୍ଟର ମନମୁଖୀ କାର୍ଯ୍ୟକୁ ନେଇ ପ୍ରତିବାଦ କରିଛି ଟ୍ରକ ମାଲିକ ସଙ୍ଘ। ଗତ ୧୩ ତାରିଖରେ ଗନ୍ଧମାର୍ଦ୍ଦନ ଖଣିରୁ ପରିବହନ ହୋଇଥିବା ୧୫୦-୨୦୦ ଗାଡିର ସାମଗ୍ରୀ କମ ପଡ଼ିଥିଲା। ଏହି ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ପରିବହନ କାର୍ଯ୍ୟ ବନ୍ଦ କରାଯିବା ନିଷ୍ପତ୍ତି ନିଆଯାଇଥିଲା। ତେବେ, ମନମୁଖୀ କାର୍ଯ୍ୟ କରୁଥିବା ଏବଂ ଲୋଡିଂ ସ୍ଲିପକୁ ଅନ୍ୟ ଗାଡି ମାଲିକଙ୍କୁ ଦେଉଥିବା ଅଭିଯୋଗ ଆଣି ଉକ୍ତ ସଂସ୍ଥାର ସମସ୍ତ ଗାଡ଼ିକୁ ୪୯ ନମ୍ବର ଜାତୀୟ ରାଜପଥର ହାତୀବାରି ଛକରେ ମଙ୍ଗଳବାର ସକାଳୁ ଅଟକ ରଖି ପ୍ରତିବାଦ କରିଛନ୍ତି ଟ୍ରକ ମାଲିକ। ଟ୍ରକ ମାଲିକ ସଙ୍ଘ ସଭାପତି ପଦ୍ମଲୋଚନ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ ବାରିକ, ତପନ ବାରିକ, ସୁନୀଲ ବାରିକ, ବିଭୂରଞ୍ଜନ ପଲେଇ, ସୁଶାନ୍ତ କୁମାର ଗିରି, ରବୀନ୍ଦ୍ର ପୁହାଣ, କୁଳମଣି ସାହୁ, ବିଜୟ ବାରିକ, ପ୍ରତାପ ସାହୁ, ଉତ୍ତମ ଖଟୁଆ, ଦିଲ୍ଲୀପ କୁମାର ବଳ, ବିକାଶ ଜେନା ଚଗଲା କୁଅଁରଙ୍କ ସମେତ ଢେଙ୍କିକୋଟ ଆନନ୍ଦପୁର ହାଟଡ଼ିହି, ରାମଚନ୍ଦ୍ରପୁର ଘଟଗାଁ, କେନ୍ଦୁଝର, ଚମ୍ପୁଆ ଜୋନର ସମସ୍ତ ଗାଡି ମାଲିକ ଏହି ପ୍ରତିବାଦରେ ସାମିଲ ହୋଇଛନ୍ତି।

## ସିବିଏସ୍‌ଇ ପରୀକ୍ଷାରେ 'କ୍ଲାସେସ'ର କୃତିତ୍ୱ



**ଆନନ୍ଦପୁର, ୨୦।୫ (ସମିସ):** ସିବିଏସ୍‌ଇ ଓ ସିଏଚଏସଇ ଦଶମ ପରୀକ୍ଷା ଫଳକୁ ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଉତ୍ସାହ ପ୍ରକାଶ ପାଇଛି। ଆନନ୍ଦପୁର ସିନେମା ହଲ ଛକସ୍ଥିତ କ୍ଲାସେସ ଅନୁଷ୍ଠାନରେ ଅଧ୍ୟୟନରତ ଥିବା ସିବିଏସ୍‌ଇ ଛାତ୍ରଛାତ୍ରୀଙ୍କ ସଫଳତା ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ଯଥେଷ୍ଟ ଆନନ୍ଦ ପ୍ରକାଶ ପାଇଛି। ଶିକ୍ଷାନୁଷ୍ଠାନର ଛାତ୍ରୀ ନିଶିପ୍ରଭା ରାଉତ ୮୩%, ସୁହାସିନୀ ବରାଳ ୮୧% ଓ ଅଂଶୁମାନ ଓଝା ୭୯% ପ୍ରତିଶତ ନମ୍ବର ରଖି ଅନୁଷ୍ଠାନର ଗୌରବକୁ ବୃଦ୍ଧି କରିଛନ୍ତି। ସେହିପରି ସମସ୍ତ ଛାତ୍ରଛାତ୍ରୀ ଆଶାଜନକ ସଫଳତା ପାଇଥିବାରୁ ଏହି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ କୃତିତ୍ୱକୁ ନେଇ ଶିକ୍ଷକ ମଳୟ ରଞ୍ଜନ ଜେନା, ଦେବାଶିଷ ବିନ୍ଧାଣି, ଅନାଦି ଚରଣ ଜେନା, ଶେଷରଶ୍ମି ନାୟକ, ତପସ୍ୱିନୀ ପାତ୍ର କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଦଧିବାମନଜୀଉଙ୍କ ଜମିରେ ଜାଲିବାଡ଼ ସହ ଲାଗିଲା ଗଛ

ଚମ୍ପୁଆ,୨୦।୫(ସମିସ): ଚମ୍ପୁଆ ପ୍ରଶାସନ ପକ୍ଷରୁ ବଡନଇ ପଞ୍ଚାୟତର ପଳସା ଗାଁରେ ଥିବା ଦଧିବାମନଜୀଉଙ୍କର ଜମି ପୁନଃ ନିର୍ଦ୍ଧାରଣ କରାଯାଇଛି। ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି ଜମିକୁ ଚିହ୍ନଟ କରାଯିବା ସହିତ ଖୁଣ୍ଟ ପୋତା ଯାଇ ଜାଲି ବାଡ଼ କାର୍ଯ୍ୟ ତ୍ୱରାନିତ କରାଯାଇଛି। ପଳସାଠାରେ ଦଧିବାମନଙ୍କ ନାମରେ ଥିବା ଏକ ବିରାଟ ବନ୍ଧକୁ ମିଶାଇ ୨୦ ଏକରରୁ ଅଧିକ ସମ୍ପତ୍ତିକୁ ସ୍ଥାନୀୟ ଲୋକ ଚାଷାଦି କାର୍ଯ୍ୟ କରିଆସୁଥିବା ବେଳେ ଅନେକ ସ୍ଥାନ ବ୍ୟବହାର ନ ହୋଇ ଅପନ୍ତରା ଅବସ୍ଥାରେ ପଡିରହିଥିଲା। ଉପଜିଲ୍ଲାପାଳଙ୍କ ପ୍ରଚେଷ୍ଟାରେ ଏହି ଦେବୋତ୍ତର ସମ୍ପତ୍ତିକୁ ପ୍ରଥମେ ଚିହ୍ନଟ କରାଯିବା ପରେ ଜାଲିବାଡ଼ ଦିଆଯାଇ ତଥା ଜମିଗୁଡିକୁ ସମତୁଲ କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ରାଇକଳା ଗ୍ରାମର ଲକ୍ଷ୍ମଣ ଗିରି ଚମ୍ପୁଆସ୍ଥିତ ଦଧିବାମନ ମନ୍ଦିରକୁ କେଉଁ ଆଇମା କାଳରୁ ଦାନ କରିଥିଲେ। ଏହି ଜମିକୁ ସ୍ଥାନୀୟ ଲୋକମାନେ ବର୍ଷକର ଚାଷ କରି ଦେବୋତ୍ତର ବିଭାଗକୁ ପାଉଣା ପ୍ରଦାନ କରୁଥିଲେ। ପ୍ରଥମେ ଏହି ପାଉଣା ତହସିଲ ଅଫିସରେ ଜମା କରାଯାଉଥିବା ବେଳେ ପର ମୁହୂର୍ତ୍ତରେ ଉପଜିଲ୍ଲାପାଳଙ୍କ ଦେବୋତ୍ତର କାର୍ଯ୍ୟାଳୟରେ ହୋଇଆସୁଛି। ଏହି ଜମି ବ୍ୟବହାର କରୁଥିବା ଚାଷୀ ଡେସିମଲ ପିଛା ସୀମିତ ଅର୍ଥ ପ୍ରଦାନ କରିଆସୁଥିଲେ। ମାତ୍ର ୨୦୨୨-୨୩ରେ ଏହି ଜମିରେ ୨୯ ହଜାର ୪ଶହ ଟଙ୍କା ଓ ୨୦୨୩-୨୪ରେ ୨୫ ହଜାର ୩ଶହ ଟଙ୍କା ପାଉଣା ମିଳୁଥିଲା। ପ୍ରଥମେ ଏହା ସରେଇ ପଞ୍ଚାୟତରେ ରହିଥିବା ବେଳେ ପରେ କରଞ୍ଜିଆ ପଞ୍ଚାୟତ ଅଧିନକୁ ଏହି ଜମି ଯାଇଥିଲା। ପୁଣି କିଛି ବର୍ଷ ପରେ ଏହା ବଡନଇ ପଞ୍ଚାୟତରେ ସ୍ଥାନ ପାଇଥିଲା ବୋଲି ସ୍ଥାନୀୟ ଅଧିବାସୀ ବୃନ୍ଦାବନ ନାଏକ ସୂଚନା ଦେଇଛନ୍ତି। ଏନେଇ ଉପଜିଲ୍ଲାପାଳ ଶ୍ରୀ ପରିଡା କହିଛନ୍ତି ଯେ ଆମ୍ବ ଗଛ ଲୋଗାଇବା ଦ୍ୱାରା ବାର୍ଷିକ ୫-୧୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ରୋଜଗାର ହୋଇପାରିବ ଏବଂ ପୋଖରୀ ସ୍ଥାନୀୟ ଲୋକଙ୍କ ଜଳାଭାବକୁ ଦୂର କରିବ।

## ଜିଲ୍ଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା

**କେନ୍ଦୁଝର,୨୦।୫(ସମିସ):** କେନ୍ଦୁଝର ଜିଲ୍ଲାସ୍ତରୀୟ ଯୋଗାସନ ଖେଳ ସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ଯୋଗାସନ ପ୍ରତିଯୋଗିତା ହୋଇଛି। ଏଥିରେ ରାଜ୍ୟ ଯୋଗସଂଘ ଯୁଗ୍ମସମ୍ପାଦକ ଓଁଆଲୋକ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁଝର ଯୋଗସଂଘ ଅଧୀନରେ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ।ଯୋ ଯାଗସଂଘର ଉପସଭାପତି ସୁଶ୍ରୀ ସଙ୍ଗୀତା ସାହୁ ବିଚାରକଙ୍କ ପରିଚୟ ପ୍ରଦାନ କରିଥିଲେ। ବିଚାରକ ଭାବେ ଅଙ୍କିତା ମିଶ୍ର, ଲିପସିତା ଜେନା, ସୁଶ୍ରୀ ସଙ୍ଗୀତା ସାହୁ, ଓଁଆଲୋକ କୁମାର ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। କନିଷ୍ଠ ବାଳକ ବର୍ଗରେ ସୌହାଦ୍ୟ ଦାସ ପ୍ରଥମ, ଆୟୁଷ୍ମାନ ଗୁରୁ ଦ୍ୱିତୀୟ, ମୋଦନ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ କନିଷ୍ଠ ବର୍ଗରେ ବାଳିକା ବନିତା ଦାସ ପ୍ରଥମ, ଦିବ୍ୟାଂଶୀ ପରିଡା ଦ୍ୱିତୀୟ, ଅନ୍ୱେଷା ଶର୍ମା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିୟରରେ ଶୁଭଶ୍ରୀ ପଢିଆରୀ ପ୍ରଥମ, ଜୟସ୍ମିତା ଜେନା ଦ୍ୱିତୀୟ, ଇପସିତା ଜେନା ଏବଂ ଶୁଭସ୍ମିତା ପଢିଆରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମ୍ପାଦକ ଲିପସିତା ଜେନା ଧନ୍ୟବାଦ ଦେଇଥିଲେ।

## ଅନ୍ତ୍ୟୋଦୟ ଗୃହ ନିର୍ମାଣ ନେଇ ବିଡିଓଙ୍କ ସହ ଆଲୋଚନା

ମୋରଡ଼ା,୨୦।୫(ସମିସ): ମୋରଡ଼ା ବ୍ଲକ ହଳଦୀପାଳ ପଞ୍ଚାୟତ ସରପଞ୍ଚଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ବିଡ଼ିଓ ଅଣାକର ନାୟକଙ୍କ ସହିତ ଅନ୍ତ୍ୟୋଦୟ ଯୋଜନାରେ ପକ୍କା ଘର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପାଇଥିବା ୧୩ ଜଣ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସରକାର ଗତମାସ ଅନ୍ତ୍ୟୋଦୟ ଗୃହ ନିର୍ମାଣର କାର୍ଯ୍ୟାଦେଶ ଦେଇଥିଲେ ହେଁ ପ୍ରଥମ କିସ୍ତି ଟଙ୍କା ଆକାଉଣ୍ଟରେ ଜମା ହୋଇ ନ ଥିବାରୁ ହିତାଧିକାରୀ କାର୍ଯ୍ୟାଦେଶ ଫେରାଇ ଦେବେବୋଲି ସ୍ଥିର କରିଥିଲେ। ହେଲେ ତିନି ଦିନ ତଳେ ଆକାଉଣ୍ଟରେ ଟଙ୍କା ଜମା ହେବା ପରେ ଆଜି ବିଡ଼ିଓ ହିତାଧିକାରୀଙ୍କୁ ତିନିମାସ ମଧ୍ୟରେ ଗୃହ ନିର୍ମାଣ କଲେ ବୋନସ ଟଙ୍କା ମିଳିବ ବୋଲି କହିଛନ୍ତି। ଯେଉଁ ହିତାଧିକାରୀ ଘର ନିର୍ମାଣ କରିବା ପାଇଁ ଅସମର୍ଥ ସେମାନେ ବ୍ଲକ ଏବଂ ପଞ୍ଚାୟତ ପ୍ରଶାସନକୁ ଜଣାଇଲେ ତାଙ୍କ ଘରକୁ ଠିକାଦାର ଜରିଆରେ ନିର୍ମାଣ କରାଯିବ। ବୈଠକରେ ସହକାରୀ ଯନ୍ତ୍ରୀ ସୁଶାନ୍ତ ନାୟକ,ସରପଞ୍ଚ ମାଳତୀ ମାରାଣ୍ଡି ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଧିକାରୀ ଏସ. ବିଦ୍ୟାଭାରତୀ ଉପସ୍ଥିତ ଥିଲେ।



## ୩ଟି ରେଳ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା ବୈଠକ



ବାରିପଦା, ୨୦।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ବହୁ ପ୍ରତୀକ୍ଷିତ ୩ଟି ରେଳ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଭାଗୀୟ ଅଧିକାରୀଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ସାରସକଣା ବିଧାୟକ ଭଦାବ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସଏ ଓ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା କରିଛନ୍ତି। ଜିଲ୍ଲାର ବାଦାମପାହାଡ଼-କେନ୍ଦୁଝର, ଗୋରୁମହିଷାଣୀ-ବାଙ୍ଗିରିପୋଷି ଓ ବୁଢ଼ାମରା-ଚାକୁଳିଆ ୩ଟି ପ୍ରମୁଖ ରେଳ ପ୍ରକଳ୍ପର ରାଷ୍ଟ୍ରପତିଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ତାହାର କୋଣସି ଅଗ୍ରଗତି ହୋଇନାହିଁ। ଯାହାକୁ ନେଇ ରେଳ ବିଭାଗ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ରେଳ ଅଧିକାରୀ, ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କ ସହ ସମୀକ୍ଷା କରି ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବିନା ସୂଚନାଫଳକରେ ସରକାରୀ କାର୍ଯ୍ୟ; ବାଲି ପରିବର୍ତ୍ତେ ମାଟି



**ତୁରୁମୁଙ୍ଗା, ୨୦।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମେଣା ପଞ୍ଚାୟତ ବାରଡାଙ୍ଗୁଆ ଗ୍ରାମରେ ବନ ସଂରକ୍ଷଣ ସମିତିର ଏକ ନିର୍ମାଣାଧୀନ ଗୃହ ପାଇଁ ଅନିୟମିତତା ପରିଲକ୍ଷିତ ହେଉଛି। ଏହା ବିନା ସୂଚନାଫଳକରେ ନିର୍ମାଣ ଚାଲିଥିବା ସହ ବାଲି ପରିବର୍ତ୍ତେ ସମ୍ପୃକ୍ତ ଠିକାଦାର ମାଟି ପକାଇ କାମ ସାରି ଦେଉଛନ୍ତି। ଯାହା କି ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠାଇଛି। ଏପରିକି ଏହି କାର୍ଯ୍ୟରେ ଗ୍ରାମବାସୀଙ୍କୁ ଅନ୍ଧାରରେ ରଖି ଠିକାଦାର ମନମାନି କରୁଥିବା ଅଭିଯୋଗ ହୋଇଛି। କାର୍ଯ୍ୟକୁ ନେଇ ଜନସାଧାରଣ ଅଜ୍ଞ ଥିବା ବେଳେ ପ୍ଲିନ୍ଥ କାର୍ଯ୍ୟରେ ଘୋର ଅବହେଳା କରାଯାଉଛି। କାର୍ଯ୍ୟ ସମୟରେ ଯନ୍ତ୍ରୀ ଉପସ୍ଥିତ ରହୁ ନଥିବା ଯୋଗୁଁ ଠିକାଦାର ଏଭଳି ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ କହିଛନ୍ତି, ଉକ୍ତ ଗୃହ ସାଢ଼େ ୮ ଲକ୍ଷରେ ହେଉଛି। କାର୍ଯ୍ୟ ପୂର୍ବରୁ ସୂଚନାଫଳକ ଲଗାଇବା ସରକାରୀ ନିୟମ ଥିବା ବେଳେ କିଭଳି ଠିକାଦାର ବିନା ସୂଚନାଫଳକରେ କାର୍ଯ୍ୟ କରୁଛନ୍ତି ସେନେଇ ତଦନ୍ତ କରାଯିବ।

## ରୋଗାକ୍ରାନ୍ତ ଉପେନ୍ଦ୍ରଙ୍କୁ ଜୟଦୁର୍ଗା ଟ୍ରଷ୍ଟର ସହାୟତା

**ହାଟଡ଼ିହୀ/ସୋସୋ, ୨୦।୫(ସମିସ):** ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ପନ୍ଦାଡ଼ୋ ଗ୍ରାମର ଉପେନ୍ଦ୍ର ସେଠୀଙ୍କୁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମିଳିଛି ସହାୟତା। କିଛିମାସ ପୂର୍ବରୁ ତାମିଲନାଡୁରେ ରହି କାର୍ଯ୍ୟ କରୁଥିବା ସମୟରେ ତାଙ୍କ ଦେହ ଅସୁସ୍ଥ ହେଇଥିଲା। ଏବେ ସେ ସମ୍ପୂର୍ଣ୍ଣ ରୋଗାକ୍ରାନ୍ତ ହୋଇ ଅର୍ଥ ପ୍ରତିବନ୍ଧକ ହେତୁ ଚିକିତ୍ସା ଅଭାବରୁ ଅତି ଅସହାୟ ଅବସ୍ଥାରେ ଘରେ ପଡ଼ି ରହିଛନ୍ତି। ଜୟଦୁର୍ଗା ଟ୍ରଷ୍ଟକୁ ଏହି ଖବରଟି ମିଳିବା ପରେ ଟ୍ରଷ୍ଟ ଅଧ୍ୟକ୍ଷା ଡ. ସୁରେଶ୍ୱରୀ ସାଗରିକା ଜେନା, ସଭାପତି ଅବିନାଶ ତ୍ରିପାଠୀ, କୋଷାଧ୍ୟକ୍ଷ ଶକ୍ତିକାନ୍ତ ରାଉତ, ସମ୍ପାଦକ ଦିବ୍ୟରଞ୍ଜନ ରାଉତ, ରାକେଶ ଜେନା, ବିଶ୍ୱନାଥ ଜେନା, ରୁଦ୍ରପ୍ରତାପ ଜେନା ଉକ୍ତ ବ୍ୟକ୍ତିଙ୍କୁ ଭେଟି ପ୍ରାଥମିକ ସ୍ତରରେ ଏକ ମାସର ରାସନ ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ବିଦ୍ୟୁତ୍ ବିଭାଗ ଚଢଉ; ୩ ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା

କୁଆମରା,୨୦।୫(ସମିସ): ବିଦ୍ୟୁତ ବିଭାଗ ପକ୍ଷରୁ ମଙ୍ଗଳବାର ମାଣତ୍ରୀ ବିଦ୍ୟୁତ ସେକ୍ସନ ଅଧୀନରେ ଥିବା ଚିଲିମା, ଆଗରପଡ଼ା, ସିକିଡ଼ିଆ, ଆରପଟା, ଖିରିପଦା ଆଦି ଗ୍ରାମରେ ଚଢଉ କରାଯାଇ ବେଆଇନଭାବେ ବିଜୁଳି ବ୍ୟବହାର କରୁଥିବା ୧୫ ଉପଭୋକ୍ତାଙ୍କ ଉପରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା କରାଯାଇଛି। ଏହିସବୁ ଗାଁରେ ମିଟର ଟାମ୍ପିଂ, ବିପଦପୂର୍ଣ୍ଣ ହୁକ ଲଗାଇବା, ମିଟର ବାଇପାସ କରିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ବାରିପଦା ବିଦ୍ୟୁତ ଭିଜିଲାନ୍ସ ବିଭାଗ ଅଧିକାରୀ ଉଦୟ ନାରାୟଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଖୁଣ୍ଟା ବିଦ୍ୟୁତ ବିଭାଗ ଏସଡିଓ ପ୍ରକାଶ ସାହୁ, ମାଣତ୍ରୀ ସେକ୍ସନ କନିଷ୍ଠ ଯନ୍ତ୍ରୀ ନିକୁଞ୍ଜ ବିହାରୀ ଜେନା, ଉଦଳା ବିଦ୍ୟୁତ ବିଭାଗ ଭିଜିଲାନ୍ସ ଟିମ, ଖୁଣ୍ଟା ଓ ମାଣତ୍ରୀ ବିଦ୍ୟୁତ ବିଭାଗ କର୍ମଚାରୀ ଚଢଉ କରିଥିଲେ।

## ଲକ୍ଷ୍ମୀଧର କଂଗ୍ରେସର ନୂତନ ସାଙ୍ଗଠନିକ ସମ୍ପାଦକ



**କରଞ୍ଜିଆ, ୨୦।୫(ସମିସ):** ରାଜ୍ୟରେ କଂଗ୍ରେସ ସଭାପତି ଦାୟିତ୍ୱ ନେବା ପରେ ରାଜ୍ୟ ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ କରାଯାଇଛି। କେ. ସି. ବେନୁଗୋପାଳ କେନ୍ଦ୍ର ସାଙ୍ଗଠନିକ ସଚିବଙ୍କ ପ୍ରସ୍ତୁତ ଓ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଅନୁମୋଦନକ୍ରମେ ରାଜ୍ୟର ସାଙ୍ଗଠନିକ ତାଲିକା ପ୍ରକାଶ ପାଇଛି। ରାଜ୍ୟରେ ଜଣେ କୋଷାଧ୍ୟକ୍ଷ, ୭ ଜଣ ଉପସଭାପତି, ୧୦ ଜଣ ସାଧାରଣ ସଂପଦକ ଓ ୧୨ ଜଣ ସମ୍ପାଦକଙ୍କ ତାଲିକା ପ୍ରସ୍ତୁତ ହୋଇଛି। କରଞ୍ଜିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମୀଧର ସିଂଙ୍କୁ ଅନ୍ୟତମ ସାଙ୍ଗଠନିକ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ଶ୍ରୀ ସିଂ ପ୍ରଥମ ଥର ଲାଗି ବିଧାନସଭା ପ୍ରାର୍ଥୀ ଭାବେ କଂଗ୍ରେସ ପକ୍ଷରୁ ଲଢିଥିଲେ। ସେ ଜେ.ଏନ.ୟୁରୁ ପାଠପଢି ଆଦିବାସୀଙ୍କ ହକ, ଅଧିକାର ଓ ସଂସ୍କାର କରିବା ଦିଗରେ କାମ କରୁଛନ୍ତି। ଜଣେ ଯୁବ ନେତା ଭାବେ ତାଙ୍କର ବେଶ୍ ପରିଚୟ ରହିଛି। ଏବେ ସେ ଦକ୍ଷିଣ ଓଡିଶା ଗସ୍ତରେ ଅଛନ୍ତି। ତାଙ୍କୁ ଏହି ଗୁରୁ ଦାୟିତ୍ୱ ମିଳିବା ପରେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ନିମ୍ନମାନର କଂକ୍ରିଟ କାମକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ

**କପ୍ତିପଦା,୨୦।୫(ସମିସ):** ଜଡିଦା ପଞ୍ଚାୟତ ଜାମପଦା ଗ୍ରାମରେ ହୋଇଥିବା କଂକ୍ରିଟ କାମ ନିମ୍ନମାନର ହୋଇଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହିତ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଜାମପଦା ଗ୍ରାମରେ ଶତପ୍ରତିଶତ ଆଦିବାସୀ ବାସ କରନ୍ତି। ଗମନାଗମନ ପାଇଁ ରାସ୍ତା ନ ଥିବା ବେଳେ ପଞ୍ଚାୟତ ପକ୍ଷରୁ ଏକ କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି। ବର୍ତ୍ତମାନ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ସୂଚନା ଫଳକ ନ ଲଗାଇ ଠିକାଦାର ମନଇଚ୍ଛା କାମ କରିଛି। ଯେଉଁଠି କାମ ହେବା କଥା ସେହି ଜାଗାରେ ନ ହୋଇ ଅନ୍ୟଠି ହୋଇଛି। ଯଦିବା ଏହା ରାସ୍ତା ଉପରେ ହୋଇଛି, ଘର ପାଖରୁ କରିବା ପାଇଁ ଗ୍ରାମବାସୀ ନିବେଦନ କରିଥିଲେ ମଧ୍ୟ ଠିକାଦିର ନିଜକୁ ସୁହାଇଲା ଭଳି କାମ କରିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୁଇ ପାଶ୍ୱର୍ରେ ଥିବା ପଥରକୁ ରାସ୍ତା ଉପରକୁ ଟାଣିଆଣି ବାଲି ଜାଗାରେ ମାଟି ପୂରାଇ ଅଳ୍ପ ସିମେଣ୍ଟ, ଚିପ୍ସ ଦେଇ ଅଳ୍ପ ଓସାର କରି ଅତି ନିମ୍ନମାନର କାମ ହୋଇଛି; ଯାହାକି ଟ୍ରାକ୍ଟର କିମ୍ବା ଭାରୀଯାନ ଗଲେ ରାସ୍ତା ସଂପୂର୍ଣ୍ଣ ନଷ୍ଟ ହେବା ଆଶଙ୍କା ରହି ବୋଲି ଗ୍ରାମର ସୁରେନ୍ଦ୍ର ବେଶ୍ରା, ରାମ ହାଁସଦା, ନାରାୟଣ ମାରଣ୍ଡି, ତିଲନାଏକ ଓ ସାଗ୍ରାମ ଟୁଡୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀ (ଜେଇ)ଙ୍କୁ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।



## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଶେଷ ହେଲା ଓଲଟା ଚନ୍ଦନଯାତ୍ରା



**ବାରିପଦା, ୨୦।୫(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରବିବାରଠାରୁ ଆରମ୍ଭ ହୋଇଥିବା ଶ୍ରୀ ଶ୍ରୀ ହରିବେଳଦେବ ଜୀଉ ବିଜେ ମହାପ୍ରଭୁଙ୍କ ନୌକା ବିହାର (ଓଲଟା ଚନ୍ଦନ ଯାତ୍ରା) ସମ୍ପନ୍ନ ହୋଇଛି। ମନ୍ଦିର ପୁଷ୍କରିଣୀ ହେମସାଗରରେ ୩ଦିନ ଧରି ଉକ୍ତ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଶେଷ ଦିନରେ ୨୧ ଫେରା ନୌକା ବିହାର କରି ମନ୍ଦିରକୁ ବିଜେ କରିଛନ୍ତି ଶ୍ରୀଜୀଉ। ପବିତ୍ର ଅକ୍ଷୟ ତୃତୀୟା ତିଥିରେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଅଖରେ ଚକଲାଗି କାର୍ଯ୍ୟ ଆରମ୍ଭ ହେବା ସହ ମହାପ୍ରଭୁ ଚନ୍ଦନ ଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶ୍ରୀକ୍ଷେତ୍ରଧାମ ପୁରୀଠାରେ ମହାପ୍ରଭୁ ଚନ୍ଦନ ପୁଷ୍କରିଣୀରେ ୨୧ଦିନ ଚାପ ଖେଳୁ ଥିବାବେଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶେଷ ତିନି ଦିନ ମହାପ୍ରଭୁ ପୁଷ୍କରିଣୀରେ ଚାପ ଖେଳର ରୀତିନୀତି ଓ ବିଧି ବ୍ୟବସ୍ଥା ପ୍ରଚଳିତ ରହିଆସିଛି। ତଦନୁଯାୟୀ ରବିବାରଠାରୁ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହୋଇଛି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ମଦନ ମୋହନ, ଦେବୀ ସରସ୍ୱତୀ ଓ ଦେବୀ ମହାଲକ୍ଷ୍ମୀ ବିଜେ କରିବା ସହିତ ସାନ (ବାଣ୍ଡିଆ) ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ମଦନମୋହନ ଓ ଦେବୀ ମହାଲକ୍ଷ୍ମୀ ବିଜେ ହୋଇଥିଲେ। ଏହାପରେ ସମସ୍ତେ ଏକତ୍ରିତ ହୋଇ ପୁଷ୍କରିଣୀରେ ଚାପ ଖେଳିଥିଲେ। ଚାପ ଖେଳ ଶେଷ କରି ପୁଷ୍କରିଣୀର ମଧ୍ୟ ଭାଗରେ ଠାକୁରମାନେ ସ୍ନାନ ସହ ସମସ୍ତ ପୂଜାନୀତି ପରେ ମନ୍ଦିରକୁ ବିଜେ କରିଛନ୍ତି। ଏହାପରେ ମଧ୍ୟ ରାତିରେ ବଡ଼ସିଂହାର ହୋଇ ପହଡରେ ଯାଇଛନ୍ତି। ପ୍ରଥମ ଦିନ ପଶ୍ଚିମ ଘାଟରୁ ୭ ଫେରା ଚାପ ଖେଳିଥିବା ବେଳେ ଦ୍ୱିତୀୟ ଦିନରେ ପୂର୍ବ ଘାଟରୁ ୧୪ ଫେରା ଓ ଶେଷ ଦିନରେ ଉତ୍ତର ଘାଟରୁ ୨୧ଫେରା ନୌକା ବିହାର କରିଥିଲେ। ପ୍ରତି ସନ୍ଧ୍ୟାରେ ଦକ୍ଷିଣ ଘାଟ ଦ୍ୱାରା ମନ୍ଦିରକୁ ବାହୁଡିବାର ପରମ୍ପରା ରହିଛି। ନୌକା ବିହାର ପରେ ପୁଷ୍କରିଣୀ ମଧ୍ୟରେ ବୁଡ଼ ପକାଇ ମନ୍ଦିରକୁ ଫେରି ଆସନ୍ତି ମହାପ୍ରଭୁ। ପରେ ମନ୍ଦିରରେ ବଡ଼ସିଂହାର ବେଶ ହୋଇ ପହଡ ପଡେ। ବୈଶାଖା ଓ ଜ୍ୟେଷ୍ଠ ମାସର ଅସହ୍ୟ ଗରମ ପ୍ରଭୁଙ୍କୁ ମଧ୍ୟ ବ୍ୟତିବ୍ୟସ୍ତ କରିଦିଏ। ଏଥିରୁ ରକ୍ଷା ପାଇବା ପାଇଁ ପ୍ରଭୁ ଚନ୍ଦନଯାତ୍ରା ଆୟୋଜନ କରନ୍ତି। ଯେଉଁଥିରେ କି ପ୍ରଭୁଙ୍କର ଚନ୍ଦନ ଲାଗି ଓ ଚାପ ଖେଳର ପରମ୍ପରା ରହିଛି। ଦ୍ୱିତୀୟ ଶ୍ରୀ କ୍ଷେତ୍ର ବାରିପଦାରେ ଏହି ଯାତ୍ରାରେ କିଛିଟା ଭିନ୍ନତା ପରିଲକ୍ଷିତ ହୁଏ। ବାରିପଦାରେ ଚନ୍ଦନଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ପ୍ରଥମ ୧୮ ଦିନ ନୌକା ବିହାର ନ କରି ପ୍ରତ୍ୟେକ ସନ୍ଧ୍ୟା କେବଳ ମନ୍ଦିର ନିକଟସ୍ଥ ପୁଷ୍କରିଣୀ କେବଳ ଜଳ ସ୍ୱର୍ଶ କରି ମନ୍ଦିରଙ୍କୁ ଫେରି ଆସନ୍ତି ଏବଂ ଶେଷ ୩ ଦିନ ନୌକା ବିହାର କରନ୍ତି; ଯାହାକୁ ଓଲଟ ଚନ୍ଦନ ଯାତ୍ରା ମଧ୍ୟ କୁହାଯାଏ। ଏଥିରେ ବାଣ୍ଡିଆ ଜଗନ୍ନାଥ ମନ୍ଦିରର ପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ ଓ ମା' ଲକ୍ଷ୍ମୀ ମଧ୍ୟ ସାମିଲ ହୁଅନ୍ତି। ଚାପ ଖେଳ ଦେଖିବାକୁ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା।

# ସତର୍କ ରହିବାକୁ ସରକାରଙ୍କ ପରାମର୍ଶ



**ଭୁବନେଶ୍ୱର, ୨୦।୫(ସମିସ):** ସିଙ୍ଗାପୁର ଓ ହଂକଂରେ ବର୍ଦ୍ଧିଷ୍ଣୁ କୋଭିଡ୍ ସଂକ୍ରମଣକୁ ନେଇ ଏବେ ଦେଶରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଗତବର୍ଷ ଏହି ସମୟରେ କୋଭିଡ୍ ସଂକ୍ରମଣ ବଢ଼ିଥିଲେ ହେଁ ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିଥିଲା। ତେଣୁ ରାଜ୍ୟ ସରକାର ଏହି ପ୍ରସଙ୍ଗରେ ଚିନ୍ତିତ ନ ହେବାକୁ ପରାମର୍ଶ ଦେବା ସହ ସତର୍କ ରହିବାକୁ କହିଛନ୍ତି। ସ୍ଥିତି ଉପରେ ଭାରତ ସରକାର କଡ଼ା ନଜର ରଖିଛନ୍ତି ଓ କୋଭିଡ୍ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଭିତରେ ଅଛି ବୋଲି ରାଜ୍ୟ ସରକାର କହିଛନ୍ତି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ଯେ କେନ୍ଦ୍ର ସରକାର ଏ ସମ୍ପର୍କରେ କୌଣସି ମାର୍ଗଦର୍ଶିକା ଜାରି କରିନାହାନ୍ତି। ତଥାପି ଯେଉଁ ରୋଗୀମାନେ ବହୁବିଧ ରୋଗରେ ଆକ୍ରାନ୍ତ ସେମାନେ ସାବଧାନ ରହିବା ଜରୁରୀ। ବିଶେଷ ଭାବରେ କିଡ୍‌ନୀ ଭଳି ଗୁରୁତର ରୋଗୀ ହୋଇଥିଲେ ମାସ୍କ ପିନ୍ଧନ୍ତୁ। ଏବେ ବ୍ୟାପୁଥିବା କୋଭିଡ୍ ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ ଓଡ଼ିଶାରୁ ଚିହ୍ନଟ ହେଲେ ଜିନମ୍ ସିକ୍ୟୁଏନ୍‌ସ ପାଇଁ ପଠାଯିବ ବୋଲି ସେ କହିଛନ୍ତି। ସେହିପରି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର କମଳଲୋଚନ ଶତପଥୀ କହିଛନ୍ତି, ଚଳିତବର୍ଷ ଚିହ୍ନଟ ହୋଇଥିବା ଭାରିଆଣ୍ଟରେ ଥଣ୍ଡା, ଛିଙ୍କ, କଫ ଓ ଗୋଡ଼ ହାତ ବିନ୍ଧା ହେଉଥିବା ଦେଖିବାକୁ ମିଳୁଛି। ଯେଉଁମାନେ ବହୁବିଧ ରୋଗରେ ଆକ୍ରାନ୍ତ ସେମାନେ ସାବଧାନ ରୁହନ୍ତୁ। ଏହି ଭେରିଆଣ୍ଟରେ ସଂକ୍ରମଣ ହାର କମ୍ ରହିଛି। ମାତ୍ର ଆମେ ସତର୍କ ରହିବା ଜରୁରୀ ବୋଲି ସେ କହିଛନ୍ତି।

## ସରକାରରେ ଅବିଶ୍ୱାସର ବାତାବରଣ

# ସଚିବଙ୍କୁ ମନା କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର,୨୦।୫(ସମିସ):** ସରକାରରେ ସବୁକିଛି ଠିକ୍ ଚାଲିନାହିଁ । ଜଣେ ଜଣେ ମନ୍ତ୍ରୀଙ୍କ ହାତରେ ଏକାଧିକ ବିଭାଗ ଥିବାବେଳେ ସେମାନେ ବିଭାଗଗୁଡ଼ିକୁ ସମୟ ଦେଇ ପାରୁନାହାନ୍ତି । ଅନ୍ୟପକ୍ଷରେ ବିଭାଗୀୟ ନିଷ୍ପତ୍ତି ନେବା କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବିଭିନ୍ନ କାର୍ଯ୍ୟ ବିଳମ୍ବିତ ହେଉଛି। ଏପରିକି କିଛି ବିଭାଗର ମନ୍ତ୍ରୀ ଓ ସଚିବଙ୍କ ମଧ୍ୟରେ ତାଳମେଳ ନାହିଁ ବୋଲି କୁହାଯାଉଛି। ଯାହାକୁ ନେଇ ସରକାରରେ ଏକ ଅବିଶ୍ୱାସ ବାତାବରଣ ସୃଷ୍ଟି ହୋଇଛି ଓ ସଚିବମାନଙ୍କ ପ୍ରଭାବ ହ୍ରାସ ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି ଓ ଢ଼ାଞ୍ଚାଗତ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ରାଜ୍ୟ କ୍ୟାବିନେଟ୍ ବୈଠକରେ ବିଭାଗର ସଚିବମାନଙ୍କ ଉପସ୍ଥିତି ଉପରେ ସରକାର କଟକଣା ଲଗାଇଛନ୍ତି। ଏ ସଂକ୍ରାନ୍ତରେ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଏବଂ ସଚିବଙ୍କୁ ସୂଚନା ଦିଆଯାଇଛି।

ନୂଆ ବ୍ୟବସ୍ଥା ଅନୁସାରେ ଏଣିକି ଅନ୍ୟୂନ ୫ ଦିନ ଆଗରୁ କ୍ୟାବିନେଟ୍ ବୈଠକ ନିଷ୍ପତ୍ତି ନିଆଯିବ । କୌଣସି ଜରୁରୀ ଆବଶ୍ୟକତା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଶେଷ ମୁହୂର୍ତ୍ତରେ ଏହି ସମୟକୁ ପପରିବର୍ତ୍ତନ କରିପାରିବେ। ପୁନଶ୍ଚ କ୍ୟାବିନେଟ୍ ବୈଠକର ପ୍ରସଙ୍ଗ ନିର୍ଦ୍ଧାରଣ ୭୨ ଘଣ୍ଟା ପୂର୍ବରୁ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ କ୍ୟାବିନେଟ୍ ବୈଠକରେ କୌଣସି ପ୍ରସଙ୍ଗ ଉପସ୍ଥାପନ ହୋଇପାରିବ ନାହିଁ। ବିଭାଗଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରସ୍ତାବଗୁଡ଼ିକ ପଠାଇବେ ଓ ଏହା ଅନୁମୋଦନ ପାଇବା ପରେ ତାହା କ୍ୟାବିନେଟ୍ ବୈଠକରେ ଉପସ୍ଥାପନ ହେବ। ପୁନଶ୍ଚ ପ୍ରସ୍ତାବ ସଂକ୍ରାନ୍ତରେ ବିଭାଗୀୟ ଟିପ୍ପଣୀ ଅନିବାର୍ଯ୍ୟ ଓ ଏହା ପରେ ଅନ୍ୟ ମନ୍ତ୍ରୀମାନେ ଏ ସମ୍ପର୍କରେ ମତମନ୍ତବ୍ୟ ଦେଇ ପାରିବେ। ବିଭାଗୀୟ ସଚିବମାନେ କ୍ୟାବିନେଟ ବୈଠକ ଚାଲିଥିବା ବେଳେ ଉକ୍ତ କୋଠରୀରେ ପ୍ରବେଶ କରିବେ ନାହିଁ। ଆବଶ୍ୟକ ପଡ଼ିଲେସେମାନଙ୍କୁ ବୈଠକ କୋଠରୀକୁ ଡ଼କାଯିବ। ସଚିବମାନେ ମିଟିଂ ସ୍ଥଳକୁ ଯାଇ ବୈଠକରେ ଭାଗ ନେବେ। ବୈଠକରେ କେବଳ ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ କମିଶନର ନିୟମିତ ଭାବେ ଭାଗ ନେବେ ବୋଲି ଜଣାପଡ଼ିଛି। କ୍ୟାବିନେଟରେ ଯେଉଁ ପ୍ରସ୍ତାବକୁ ଅନୁମୋଦନ କରାଯିବ, ତାହା ଯେପରି ତ୍ୱରିତ୍ ଢଙ୍ଗରେ କାର୍ଯ୍ୟନ୍ୱୟନ ହେବ ତାହାର ଦାୟିତ୍ୱ ବିଭାଗୀୟ ମନ୍ତ୍ରୀମାନଙ୍କ ଉପରେ ରହିବ ।

# ଜୁଲାଇ ୧ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି

**କଟକ,୨୦।୫(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୫-ମାଟ୍ରିକ୍ ସପ୍ଲିମେଣ୍ଟାରି ଓ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆସନ୍ତା ଜୁଲାଇ ୧ରୁ ଆରମ୍ଭ ହୋଇ ଜୁଲାଇ ୧୦ ପର୍ଯ୍ୟନ୍ତ ଚାଲିବ। ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପରୀକ୍ଷା ଗୋଟିଏ ସିଟିଂରେ ହେବ। ସେହିଭଳି ଉଭୟ ପରୀକ୍ଷାର ପ୍ରଶ୍ନପତ୍ର ସମାନ ରହିବ। ପରୀକ୍ଷା ପ୍ରତିଦିନ ସକାଳ ୯ଟାରୁ ଆରମ୍ଭ ହୋଇ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ। କେବଳ ଗଣିତ ପରୀକ୍ଷାରେ ସମୟ ନିର୍ଘଣ୍ଟ ଅତିରିକ୍ତ ୧୫ମିନିଟ୍ ରହିବ। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ବା ମାଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ଏବଂ ଅନୁପସ୍ଥିତ ରହିଥିବା ପରୀକ୍ଷାର୍ଥୀମାନେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ। ପ୍ରଥମ ଦିନ ଜୁଲାଇ ୧ତାରିଖରେ ସାହିତ୍ୟ ପରୀକ୍ଷା, ୨ ତାରିଖରେ ସାମାଜିକ ବିଜ୍ଞାନ, ୪ ତାରିଖରେ ଗଣିତ, ୭ ତାରିଖରେ ଇଂରାଜୀ, ୯ ତାରିଖରେ ସାଧାରଣ ବିଜ୍ଞାନ, ୧୦ ତାରିଖରେ ତୃତୀୟ ଭାଷା ସଂସ୍କୃତ ଓ ହିନ୍ଦୀ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଜୁନ୍ ୧ ଯାଏଁ ବଢ଼ିଲା +୩ ଆବେଦନ

**ଭୁବନେଶ୍ୱର, ୨୦।୫(ସମିସ):** +୩ ନାମଲେଖା ଅବଧି ବୃଦ୍ଧି ପାଇଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଆବେଦନ କରିପାରିବେ। ଆଜି ଆବଦେନ କରିବାର ଶେଷ ଦିନ ଥିବା ବେଳେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଉ ୧୦ଦିନ ବଢ଼ାଯାଇଛି। ପୂର୍ବରୁ ଆବେଦନ କରିଥିବା ଛାତ୍ରଛାତ୍ରୀଙ୍କ ଆବେଦନରେ କୌଣସି ତ୍ରୁଟି ଥିଲେ, ଆସନ୍ତାକାଲି ଅର୍ଥାତ୍ ୨୧ତାରିଖ ଅପରାହ୍ଣ ୪ଟାରୁ ଜୁନ୍ ୧ ମଧ୍ୟରେ ସଂଶୋଧନ କରିପାରିବେ। ସେହିପରି ଆବେଦନ କରିସାରିଥିବା ପିଲାମାନେ ଜୁନ୍ ୧ତାରିଖ ମଧ୍ୟରେ +୨ ମାର୍କ ଅପଡେଟ୍ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ, ସାମାଜିକ ପଛୁଆବର୍ଗ (ଓବିସି)ଙ୍କୁ ଚଳିତ ଶିକ୍ଷାବର୍ଷଠାରୁ ୧୧.୨୫ ପ୍ରତିଶତ ସଂରକ୍ଷଣ ଦେବାକୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ନାମଲେଖା ପ୍ରକ୍ରିୟା ମଧ୍ୟରେ ଏସ୍‌ଇବିସି ପ୍ରମାଣପତ୍ର ଦାଖଲ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି।

ଚଳିତ ଶିକ୍ଷାବର୍ଷରେ ସମୁଦାୟ ୧୦୫୩ଟି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ୨ଲକ୍ଷ ୭୩ ହଜାର ୭୮୯ଟି ସିଟ୍ ଉପଲବ୍ଧ ରହିଛି। ହେଲେ ମାତ୍ର ୧ଲକ୍ଷ ୪୮ ହଜାର ୫୮୭ ଜଣ ଆବେଦନ କରିଥିବା ବେଳେ ତନ୍ମଧ୍ୟରୁ ୧ଲକ୍ଷ ୪୪ହଜାର ୪୫୬ ପିଲା ନିର୍ଦ୍ଧାରିତ ଫି’ ଦାଖଲ କରିଛନ୍ତି। ଅର୍ଥାତ୍ ସିଟ୍ ତୁଳନାରେ ମାତ୍ର ୫୩ପ୍ରତିଶତ ପିଲା ଆବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଶିକ୍ଷାବର୍ଷରେ ସନ୍ତୁଳନ ତଥା ଠିକ୍ ସମୟରେ ଆଣିବାକୁ +୨ ପରୀକ୍ଷାଫଳ ପ୍ରକାଶ ପାଇବା ପୂର୍ବରୁ +୩ ପାଇଁ ଆବେଦନ ଆରମ୍ଭ କରାଯାଇଛି। ହେଲେ ଆଶାନୁରୂପ ଆବେଦନ ହୋଇପାରିନି।

## ସଂରକ୍ଷିତ ଜଙ୍ଗଲରେ ବେଆଇନ କଳା ପଥର ଖଣି

# ଯାଜପୁର ଜିଲ୍ଲାପାଳ ଓ ଖଣି ବିଭାଗର ଅଧିକାରୀଙ୍କୁ ହାଜିରା ନିର୍ଦ୍ଦେଶ

**କଟକ,୨୦।୫(ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବଳରାମପୁର ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ବେଆଇନ ଭାବେ କଳା ପଥର ଖଣି ଉତ୍ତୋଳନ କାର୍ଯ୍ୟ ଖୁଲମଖୁଲା ଚାଲୁଥିବା ଅଭିଯୋଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ସମୟରେ ଯାଜପୁର ଜିଲ୍ଲାପାଳ, ଖଣି ଉପ-ନିର୍ଦ୍ଦେଶକଙ୍କ ସମେତ ଜିଲ୍ଲା ଖଣି ବିଭାଗ ଅଧିକାରୀଙ୍କୁ ଭର୍ଚୁଆଲ ଜରିଆରେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୀତବାସ ଦାସ ଓ ଅନ୍ୟ ୩ଜଣଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଏମ.ଏସ.ସାହୁଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ବଳରାମପୁର ସଂରକ୍ଷିତ ଜଙ୍ଗଲ ପରିସରରେ ବେଆଇନ ଭାବେ ମୂଲ୍ୟବାନ ପଥର ଉତ୍ତୋଳନ କରାଯାଉଥିବାରୁ ଜୈବ ବିବିଧତା ନଷ୍ଟ ହେଉଥିବା ନେଇ ଆବେଦନକାରୀ ଦର୍ଶାଇଥିଲେ। ଏପରିକି, କଟକ ଡିଏଫ୍‌ଓଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଗତ ୨୦୨୪ ସେପ୍ଟେମ୍ବର ୨୦ରୁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦିଷ୍ଟ ୬ଗୋଟି ଖଣିର ଅବସ୍ଥିତି ଉକ୍ତ ସଂରକ୍ଷିତ ଜଙ୍ଗଲର ପ୍ରାୟ ୨୮.୫ ଏକର ପରିମିତ ଅଞ୍ଚଳରେ ରହିଥିବା ସଂକ୍ରାନ୍ତରେ ସୂଚନା ଦିଆଯାଇଥିଲା। ଏହା ବନ ସଂରକ୍ଷଣ ଆଇନ ୧୯୮୦ର ଉଲ୍ଲଂଘନ ବୋଲି ମଧ୍ୟ ଡିଏଫ୍‌ଓଙ୍କ ତରଫରୁ ଉକ୍ତ ଚିଠିରେ ଦର୍ଶାଯାଇଥିଲା। ଏପରିକି, ରାଜସ୍ୱ ବିଭାଗ ଅଧିକାରୀ, ଖଣି ବିଭାଗ ଅଧିକାରୀଙ୍କ ସମେତ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଦଳ ଉକ୍ତ ୬ଟି ଖଣି ଅଞ୍ଚଳ ଯାଞ୍ଚ କରିବା ସହ ଆବଶ୍ୟକସ୍ଥଳେ ପରମିଟ ବାତିଲ କରିବା ପାଇଁ ଚିଠିରେ ଉଲ୍ଲେଖ ରହିଥିଲା। ତେବେ ଏ ସଂକ୍ରାନ୍ତରେ କିଛି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ଶୁଣାଣି ସମୟରେ ଜିଲ୍ଲାପାଳ ଓ ଖଣି ଅଧିକାରୀ ଉପସ୍ଥିତ ରହି ଅଦାଲତଙ୍କୁ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଅବଗତ କରାଇବେ ବୋଲି ହାଇକୋର୍ଟ କହିଛନ୍ତି। ଆସନ୍ତା ୨୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ଅବକାଶକାଳୀନ ଖଣ୍ଡପୀଠରେ ହେବ ବୋଲି ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁବିର ପାଳିତ ମାମଲା ପରିଚାଳନା କରୁଛନ୍ତି।

## ପଦାରେ ପଡ଼ିଲା ବିଜେପିର ଗୋଷ୍ଠୀକନ୍ଦଳ

# ଉପମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପୂର୍ବରୁ ଭାଙ୍ଗିଲା ଫଳକ

**ଗୋପ,୨୦।୫(ସମିସ):** ନିମାପଡ଼ା-ଗୋପ ନିର୍ବାଚନମଣ୍ଡଳୀରେ ବିଜେପିର ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଛି। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସମୀର ରଞ୍ଜନ ଦାଶଙ୍କ ମଧ୍ୟରେ ଏକପ୍ରକାର ଶକ୍ତି ପ୍ରଦର୍ଶନ ଆରମ୍ଭ ହୋଇଥିବା ବେଳେ ଦୁଇ ନେତାଙ୍କୁ ନେଇ କର୍ମୀ ଦୋଛକିରେ ରହିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ଏବେ ବିଜେପିର ନେତା କିଏ ବୋଲି ସେମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



### ତରବରିଆ ଭାବେ ନିର୍ମାଣ ହୋଇ କରାଗଲା ଉଦ୍‌ଘାଟନ

ପ୍ରଭାତୀ ଓ ସମୀର ଅଲଗା ଅଲଗା ତ୍ରିରଙ୍ଗା ଶୋଭାଯାତ୍ରା କରି ସେମାନଙ୍କ ମଧ୍ୟରେ ଥିବା ବିଭେଦକୁ ସ୍ପଷ୍ଟ କରିଥିବା ବେଳେ ଆଜି ପୁଣି ଏକ ଘଟଣା ଦୁହିଁଙ୍କ ମଧ୍ୟରେ ସବୁକିଛି ଠିକ୍ ନାହିଁ ବୋଲି ପ୍ରମାଣିତ କରିଛି। ଆଜି ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ମହାପାତ୍ର ସାହିଠାରେ ପ୍ରାୟ ୧୩ଲକ୍ଷ ଟଙ୍କାର ରାସ୍ତା କାର୍ଯ୍ୟ ନିମନ୍ତେ ଶିଳାନ୍ୟାସର କିଛି ସମୟ ପୂର୍ବରୁ ଫଳକ ଭଙ୍ଗା ଯିବା ଭଳି ଅପ୍ରୀତିକର ଘଟଣା ଘଟିଛି। ଉପମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବା ପୂର୍ବରୁ ଦୁର୍ବୃତ୍ତମାନେ ଫଳକକୁ ଭାଙ୍ଗି ଦେଇଛନ୍ତି। ଶେଷରେ, ସେଇ ଭଙ୍ଗା ଫଳକକୁ ତରବରିଆ ଭାବେ ଯୋଡ଼ାଯାଇ ଉଦ୍‌ଘାଟନ କରାଯାଇଛି। ଏହି ଘଟଣାକୁ ନେଇ ଆଜି ନିର୍ବାଚନମଣ୍ଡଳୀରେ ରାଜନୀତି ସରଗରମ ହୋଇଛି।

ଗୋପ ବ୍ରାଞ୍ଚ୍ କେନାଲରୁ ସଂଯୋଗ ହୋଇଥିବା ଶାଖା କେନାଲର ମହାପାତ୍ର ସାହିଠାରୁ ଉଦୟଗିରି ସାହି ପର୍ଯ୍ୟନ୍ତ ପ୍ରାୟ ୧୩ଲକ୍ଷ ଟଙ୍କାର ଏକ ରାସ୍ତା କାର୍ଯ୍ୟ ପାଇଁ ମଙ୍ଗଳବାର ଥିଲା ଶିଳାନ୍ୟାସ କାର୍ଯ୍ୟକ୍ରମ। ସୋମବାର ରାତିରେ ନିର୍ମାଣ ହୋଇଥିଲା ଫଳକ। ମଙ୍ଗଳବାର ଅପରାହ୍ଣ ୪ଟାରେ ଉପମୁଖ୍ୟମନ୍ତ୍ରୀ ଏଠାରେ ଶିଳାନ୍ୟାସ କରିଥା’ନ୍ତେ। କିନ୍ତୁ କେହି ଦୁର୍ବୃତ୍ତ ରାତିରେ ଏହି ଫଳକଟିକୁ ଭାଙ୍ଗି ଦେଇଛି। ଏହି ଘଟଣା ମଙ୍ଗଳବାର ସକାଳୁ ଚାରିଆଡ଼େ ପ୍ରଚାର ହୋଇଯାଇଥିଲା। ଫଳରେ ପୁନର୍ବାର ତରବରିଆ ଭାବେ ଫଳକ ନିର୍ମାଣ କରାଯାଇଥିଲା ଏବଂ ଉପମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ଘଟଣାକୁ ରାଜନୈତିକ ଦଳର କର୍ମୀମାନେ ବିଭିନ୍ନ ଢଙ୍ଗରେ ଦେଖୁଥିବା ବେଳେ ଗୋଷ୍ଠୀ କନ୍ଦଳରୁ ଏଭଳି ହୋଇଛି ବୋଲି ଚର୍ଚ୍ଚା ହେଉଛି। ଏହି ରାସ୍ତାଟି ନିର୍ମାଣ ହେଲେ ଗୋପ ପଞ୍ଚାୟତର ୫/୬ଟି ଗାଁର ଲୋକଙ୍କ ଯାତାୟାତରେ ସୁବିଧା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

# ଲାଞ୍ଚ ନେଇ ଡେପୁଟି ରେଞ୍ଜର ଗିରଫ

**ରାଉରକେଲା, ୨୦।୫(ସମିସ):** ଭଡ଼ାରେ ଲାଗିଥିବା ଏକ ଗାଡ଼ିର ବିଲ୍ ପାସ୍ କରାଇଦେବା ପାଇଁ ୧୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବିଶ୍ରା ରେଞ୍ଜ କାର୍ଯ୍ୟାଳୟର ଡେପୁଟି ରେଞ୍ଜର୍ ଅସିତ ପଟ୍ଟନାୟକଙ୍କୁ ରାଉରକେଲା ଭିଜିଲାନ୍ସ ବିଭାଗ ଗିରଫ କରିଛି। ବିଶ୍ରା ରେଞ୍ଜର କାର୍ଯ୍ୟାଳୟରେ ଭଡ଼ାରେ ଲାଗିଥିବା ଏକ



ଗାଡ଼ିର ଏପ୍ରିଲ ମାସର ବିଲ୍ ପାସ୍ କରାଇବା ଏବଂ ମେ’ ୧ ତାରିଖରୁ ପୁନଃ ଭଡ଼ାରେ ଲଗାଇବା ପାଇଁ ଡେପୁଟି ରେଞ୍ଜର୍ ଶ୍ରୀ ପଟ୍ଟନାୟକ ଗାଡ଼ି ମାଲିକଙ୍କୁ ୧୮ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଗାଡ଼ି ମାଲିକ ଏନେଇ ରାଉରକେଲା ଭିଜିଲାନ୍ସ ଏସ୍‌ପିଙ୍କୁ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ମଙ୍ଗଳବାର ଡେପୁଟି ରେଞ୍ଜର୍ ଶ୍ରୀ ପଟ୍ଟନାୟକ ଗାଡ଼ି ମାଲିକଙ୍କଠାରୁ ୧୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଅଧିକାରୀମାନେ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସର ଏକାଧିକ ଟିମ୍ ଶ୍ରୀ ପଟ୍ଟନାୟକଙ୍କ କାର୍ଯ୍ୟାଳୟ, ବାସଭବନ ସମେତ ୪ଟି ସ୍ଥାନରେ ଚଢ଼ଉ ଜାରି ରଖିଛି।

## ■ ମହିଳାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ମାମଲା

# ୩ ଦୋଷୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**ବାଲେଶ୍ୱର, ୨୦।୫ (ସମିସ):** ୨୦୨୦ ମସିହାରେ ଖଇରା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ମାମଲାର ଆଜି ରାୟ ପ୍ରକାଶ ପାଇଛି। ବାଲେଶ୍ୱର ଆଡହକ୍ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ଏଫ୍‌ଟିଏସ୍‌ସି) ଅନୀତା ସାହୁ ଏହି ମାମଲାର ବିଚାର କରି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଲେଖାଏଁ ଜେଲ୍ ଓ ୫୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ, ଖଇରା ଥାନା ପାଲସାହିର ମନୋରଞ୍ଜନ ଶିଅଳ, ବରପଦାର ସଞ୍ଜୟ ସାହୁ ଓ ମୋହନ ସାହୁ।

### ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

ଜରିମାନା ଅନାଦେୟ ହେଲେ ଅଧିକ ୨ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ୨୦୨୦ ଜୁଲାଇ ୨୦ରେ ମହିଳାଙ୍କ ସ୍ୱାମୀ କୌଣସି କାମରେ ଭଦ୍ରକ ଯାଇଥିଲେ। ମହିଳାଜଣଙ୍କ ସନ୍ଧ୍ୟା ସମୟରେ ସ୍ଥାନୀୟ ଏକ ଦୋକାନକୁ ଯାଉଥିବା ବେଳେ ଗାଁ ପୋଲ ନିକଟରେ ଦୁଇ ଅଭିଯୁକ୍ତ ତାଙ୍କୁ ଅପହରଣ କରି ବରପଦା ସ୍କୁଲକୁ ନେଇଯାଇଥିଲେ। ସେଠାରେ ସ୍କୁଲ ଘର ମଧ୍ୟରେ ୩ ଜଣ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ। ସେହି ସମୟରେ ପୀଡ଼ିତାଜଣକ ଅଭିଯୁକ୍ତ ମନୋରଞ୍ଜନକୁ ଚିହ୍ନିପାରିଥିଲେ। ପରେ ସେ ପିନ୍ଧିଥିବା ସୁନାରୁପା ଅଳଙ୍କାର ଆଦିକୁ ଅଭିଯୁକ୍ତମାନେ ଲୁଟିନେଇ ପଳାଇଥିଲେ। ଘଟଣା ପରଦିନ, ୨୧ ତାରିଖରେ ମହିଳାଜଣଙ୍କ ଖଇରା ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଏକ ମାମଲା ରୁଜୁ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ଦୀପକ କୁମାର ଦାସ ପରିଚାଳନା କରୁଥିଲେ।

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ କୁଳପତି

# ହାଇକୋର୍ଟଙ୍କ ଜବାବ ତଲବ

**କଟକ, ୨୦।୫(ସମିସ):** ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପଦ ଦୀର୍ଘ ବର୍ଷ ଧରି ଖାଲି ପଡ଼ିବା ପ୍ରସଙ୍ଗକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ସରକାରଙ୍କୁ ନୋଟିସ୍ ଜାରି କରିବା ସହ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଅଦାଲତ। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ହାଇକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୨୨ ନଭେମ୍ବରରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନାହାନ୍ତି। ୨୦୨୨ ଡିସେମ୍ବର ୧୪ରୁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଏହି ବିଶ୍ୱବିଦ୍ୟାଳୟ ଦାୟିତ୍ୱରେ ଅଛନ୍ତି। ଅସ୍ଥାୟୀ କୁଳପତି ପ୍ରାୟ ଅଢ଼େଇ ବର୍ଷ ସମୟ ରହିଲେଣି। ପ୍ରକାଶଥାଉ କି ୨୦୨୪ ଜୁନ୍ ୧୩ ତାରିଖରେ ଉଚ୍ଚଶିକ୍ଷା ବିଭାଗ ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ସୂଚନା ଅଧିକାର ଆଇନ ଅନୁସାରେ, ଉଚ୍ଚଶିକ୍ଷା ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଉପରୋକ୍ତ ନିଯୁକ୍ତି ବିଜ୍ଞପ୍ତି ଆଧାରରେ ସରକାର ଏଯାଏଁ କୌଣସି ପଦକ୍ଷେପ ନେଇନାହାନ୍ତି। ଗୋଟିଏ ବିଶ୍ୱବିଦ୍ୟାଳୟରେ ଅଢ଼େଇବର୍ଷ ଧରି ସ୍ଥାୟୀ କୁଳପତି ନଥିବା ସରକାର ଚରମ ଅବହେଳାକୁ ଦର୍ଶାଉଛି ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି।

ମୟୂରଭଞ୍ଜ ଭଳି ଜନଜାତି ଅଧ୍ୟୁଷିତ ଜିଲ୍ଲାରେ ପ୍ରତିଷ୍ଠିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ଆଇନଜୀବୀ ଶ୍ରୀ ଦାସ ରୁଜୁ କରିଥିବା ଜନସ୍ୱାର୍ଥ ଏହି ମାମଲାରେ ଉଚ୍ଚ ଶିକ୍ଷା ବିଭାଗର ସଚିବ, କୁଳାଧିପତିଙ୍କର ପ୍ରମୁଖ ସଚିବ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବବିଦ୍ୟାଳୟର କୁଳସଚିବ (ରେଜିଷ୍ଟ୍ରାର)ଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଆସନ୍ତା ଜୁନ ୩୦ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରାଯାଇଛି।

# ଅବସରପ୍ରାପ୍ତ ବିଡିଓଙ୍କୁ ୨ବର୍ଷ ସଶ୍ରମ ଜେଲ୍

**କଟକ/ସୁନ୍ଦରଗଡ଼,୨୦।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡା ବ୍ଲକର ପ୍ରାକ୍ତନ (ଅବସରପ୍ରାପ୍ତ) ବିଡିଓ ସୁବାସ ଚନ୍ଦ୍ର ମିଶ୍ରଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି

### ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ

ଠୁଳ ଅଭିଯୋଗରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧) (ଇ) ଅନୁସାରେ ୨ ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିବା ସହ ଜେଲ ପଠାଇ ଦେଇଛନ୍ତି। ପ୍ରକାଶଥାଉକି ଶ୍ରୀ ମିଶ୍ର ଲେଫ୍ରିପଡ଼ା ବ୍ଲକ୍‌ର ବିଡିଓ ଥିବା ବେଳେ ତାଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଥିଲା। ପରେ ଶ୍ରୀ ମିଶ୍ର ଚାକିରିରୁ ଅବସର ନେଇଥିଲେ ମଧ୍ୟ ଭିଜିଲାନ୍ସ ମାମଲା ବିଚାରାଧୀନ ଥିଲା। କଟକ ଭିଜିଲାନ୍ସ ଡିଭିଜନ୍‌ର ପ୍ରାକ୍ତନ ଇନ୍ସପେକ୍ଟର୍ ଦିଲ୍ଲୀପ କୁମାର କର ଏହି ମାମଲାର ତଦନ୍ତ କରିଥିଲେ। ପ୍ରସିକ୍ୟୁସନ୍ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ରାକେଶ ସାହୁ ମାମଲା ପରିଚାଳନା କରୁଥିଲେ। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ବିଡିଓଙ୍କ ପେନସନ୍ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

## ■ ଚିଟଫଣ୍ଡ ଅର୍ଥ ଫେରସ୍ତ ପ୍ରସଙ୍ଗ

# ୨୪ ଘଣ୍ଟା କହିଥିଲେ, ୧୧ ମାସ ବିତିଲାଣି


**ଭୁବନେଶ୍ୱର,୨୦।୫(ସମିସ):** ସରକାର ଗଠନର ୨୪ ଘଣ୍ଟା ମଧ୍ୟରେ ଅଧ୍ୟାଦେଶ ଆଣି ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରାଯିବ । ନିର୍ବାଚନ ପ୍ରଚାର ସମୟରେ ରାଜ୍ୟ ବିଜେପିର ନେତା ଓ ନିଜେ ସଭାପତି ମନମୋହନ ସାମଲ ଏପରି ମନ୍ତବ୍ୟ ଦେଇଥିଲେ। ଇତିମଧ୍ୟରେ ୧୧ ମାସ ବିତିଲାଣି, ମାତ୍ର ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କ ପାଉଣା ମିଳିନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ସଭାପତି ଏବେ ଆଉ ଏକ ଆଶ୍ଚର୍ଯ୍ୟଜନକ ମନ୍ତବ୍ୟ ଦେଇଛନ୍ତି। ବର୍ତ୍ତମାନ ଚିଟଫଣ୍ଡର ସମସ୍ତ କାଗଜପତ୍ର ଖୋଜା ଚାଲିଛି; ଯେଉଁଦିନ ସମସ୍ତ କାଗଜପତ୍ର ମିଳିଯିବ, ସେଦିନ ଜଣେ ମଧ୍ୟ ଜମାକାରୀ ନିଜର ଅର୍ଥ ଫେରିପାଇବାରୁ ବଞ୍ଚିତ ହେବେନାହିଁ ବୋଲି କହିଛନ୍ତି ମନମୋହନ। ତାଙ୍କର ଏହି ବୟାନକୁ ନେଇ ଏବେ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ରାଜରେ ବିଜେପିର ସରକାର ଅଛି। ସବୁ ଏଜେନ୍ସି, ତଦନ୍ତକାରୀ ସଂସ୍ଥା ସରକାରଙ୍କ ହାତରେ ଅଛି। ସରକାରଙ୍କୁ କାଗଜ ଖୋଜିବାକୁ ଆଉ କେତେଦିନ ଲାଗିବ ସେନେଇ ମନମୋହନ କିମ୍ବା ସରକାର ସ୍ପଷ୍ଟୀକରଣ ରଖନ୍ତୁ ବୋଲି ସାଧାରଣରେ ଦାବି ହୋଇଛି ।

ମଙ୍ଗଳବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ ଚିଟଫଣ୍ଡ ଟଙ୍କା ଫେରସ୍ତ ନେଇ ମତ ରଖିଥିଲେ। ଶ୍ରୀ ସାମଲ କହିଥିଲେ ଯେ ସରକାରକୁ ଆସିବାର ପ୍ରଥମ ଦିନଠାରୁ ଚିଟ୍‌ଫଣ୍ଡ ବିଷୟରେ ପ୍ରକ୍ରିୟା ଚାଲିଛି। ଆପଣଙ୍କ ନିକଟରେ ଏନେଇ ଧୈର୍ଯ୍ୟ ରହିବା ଆବଶ୍ୟକ। ସରକାରଙ୍କୁ ମାତ୍ର ୧୧ ମାସ ପୂରିଛି। ଆହୁରି ୪ ବର୍ଷ ୧ ମାସ ବାକି ଅଛି। ୪୦ ଲକ୍ଷ ଜମାକାରୀଙ୍କ ଅର୍ଥ ଫେରସ୍ତ ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।

ଅପରପକ୍ଷେ ଶ୍ରୀ ସାମଲଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛନ୍ତି ବିଜେଡି ବିଧାୟକ ଡ. ଅରୁଣ କୁମାର ସାହୁ। ବର୍ଷେ ହେଲାଣି ରାଜ୍ୟରେ ତାଙ୍କ ସରକାର ଅଛି। ତେଣୁ ନିଜ କାନ୍ଧରୁ ଜୁଆଳି ଖସାଇ ଅନ୍ୟ ଉପରକୁ ଠେଲିଦେବା ଠିକ୍ ନୁହେଁ। କାଗଜପତ୍ର ଖୋଜିବା ଦାୟିତ୍ୱ ସେମାନଙ୍କର। ସରକାର କାଗଜପତ୍ର ଖୋଜି ବାହାର କରନ୍ତୁ। ମାତ୍ର ସବୁକଥାରେ ୨୪ ବର୍ଷର ସରକାରଙ୍କୁ ଦୋଷ ଦେଇ ଖସିଯିବାକୁ ଉଦ୍ୟମ କରିବା ଦୁଃଖଦାୟକ। ଯାହା କରିପାରୁନାହଁ, ସେଥିରେ ୨୪ ବର୍ଷର ସରକାରଙ୍କୁ ଦୋଷ ଠେଲିଦେଉଛ। ଏମିତି ମନ୍ତବ୍ୟ ଦେଇ ସରକାର କେବଳ ନିଜର ଅକ୍ଷମତା ପ୍ରଦର୍ଶିତ କରୁଛନ୍ତି ବୋଲି ଡ. ସାହୁ କହିଛନ୍ତି। ସେହିପରି ଚିଟଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚର ଆବାହକ ଜୟନ୍ତ ଦାସ କହିଛନ୍ତି ଯେ ସରକାର ଆସିବାର ୨୪ ଘଣ୍ଟା ମଧ୍ୟରେ ଅଧ୍ୟାଦେଶ ଜରିଆରେ ଜମାକାରୀଙ୍କୁ ଅର୍ଥ ଫେରସ୍ତ ନେଇ ବିଜେପି ପ୍ରତିଶ୍ରୁତି ପ୍ରଦାନ କରିଥିଲା। ସରକାରଙ୍କୁ ବର୍ଷେ ପୂରିବାକୁ ଯାଉଛି। ତେଣୁ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନେଇ ନିର୍ଦ୍ଦିଷ୍ଟ ଯୋଜନା କଣ ଅଛି ସରକାର ସର୍ବସାଧାରଣରେ ଘୋଷଣା କରନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି।

# ପୋଲାଭରମ ପ୍ରସଙ୍ଗରେ ରାଜ୍ୟ ସରକାର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ: ବିଜେଡି

**ଭୁବନେଶ୍ୱର,୨୦।୫(ସମିସ):** ପୋଲାଭରମ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୪ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ବୈଠକରେ ଓଡ଼ିଶା ସରକାର ତାଙ୍କର ପକ୍ଷ ରଖିବେ। ଏହା ପୂର୍ବରୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କ ସମ୍ମୁଖରେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରିଛି।



ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ପୋଲାଭରମ୍ ପ୍ରକଳ୍ପ ଆରମ୍ଭ ସମୟରେ ଏହାର କ୍ଷମତା ୩୬ ଲକ୍ଷ କ୍ୟୁସେକ୍ ଥିଲା। ପରବର୍ତ୍ତୀ ସମୟରେ ଏକତରଫା ଭାବେ ଏହାର କ୍ଷମତାକୁ ୫୦ ଲକ୍ଷ କ୍ୟୁସେକ୍‌କୁ ବଢ଼ାଇ ଦିଆଯାଇଥିଲା। ଏହି ପ୍ରକଳ୍ପର କ୍ଷମତା ବଢ଼ାଇ ଦିଆଯିବା ପରେ ପ୍ରକଳ୍ପର ପଛୁଆ ପାଣି ଦ୍ୱାରା ଓଡ଼ିଶାର ମାଲକାନଗିରି ଜିଲ୍ଲା ଉପରେ କ’ଣ ପ୍ରଭାବ ପଡିବ ତାହାର ଆକଳନ କରାଯାଇ ନଥିଲା। ତେଣୁ ୨୦୦୭ ମସିହାରେ ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ। ପରେ, ୨୦୨୨ରେ ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ମନ୍ତବ୍ୟ ରଖି ପ୍ରକଳ୍ପର କ୍ଷମତା ବୃଦ୍ଧି ପରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଏହାର ପ୍ରଭାବ ଉପରେ ଆକଳନ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ଏହାପରେ ମଧ୍ୟ ଏହି ବର୍ଦ୍ଧିତ କ୍ଷମତାରେ ପ୍ରକଳ୍ପ ହେଲେ, ପ୍ରକଳ୍ପର ବ୍ୟାକ ୱାଟର ବା ପଛୁଆ ପାଣି କେଉଁ କେଉଁ ଅଞ୍ଚଳକୁ ଜଳମଗ୍ନ କରିବ, ତାହାର ଆକଳନ କରାଯାଇନାହିଁ। ଆଇଆଇଟି ରୁରକୀର ରିପୋର୍ଟ ଅନୁଯାୟୀ ବର୍ଦ୍ଧିତ କ୍ଷମତା ୫୮ ଲକ୍ଷ କ୍ୟୁସେକ ଜଳ ହେଲେ ପଛୁଆ ପାଣିର ଉଚ୍ଚତା ୨୩୨.୨ ମିଟର ହେବ ବୋଲି ଆକଳନ କରାଯାଇଛି। ଶ୍ରୀ ମିଶ୍ର ଆହୁରି କହିଛନ୍ତି, ପୋଲାଭରମ ପ୍ରକଳ୍ପ ଉପରେ ବିଜେପି ସରକାର ଚୁପ ଥିବା ବେଳେ ଗତକାଲି ରାଜ୍ୟର ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଜେଡି ପୋଲାଭରମ ପ୍ରସଙ୍ଗରେ ବଧିର ଥିଲା ଓ କେବଳ ରାଜନୀତି କରିବା ଉଦ୍ଦେଶ୍ୟରେ ପ୍ରତିବାଦ କରୁଥିଲା ବୋଲି ଦେଇଥିବା ମନ୍ତବ୍ୟ ହାସ୍ୟାସ୍ପଦ ବୋଲି ସେ କହିଛନ୍ତି।

ସେହିପରି ବିଜେଡି ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି, ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ଶୁଣାଣି କରି ଏଥିରେ କେନ୍ଦ୍ର ସରକାର ଏକତରଫା ଭାବେ ପ୍ରକଳ୍ପ କାର୍ଯ୍ୟ ନକରି, ଏଥିରେ ପ୍ରଭାବିତ ହେବାକୁ ଥିବା ସମସ୍ତ ରାଜ୍ୟର ମତାମତ ନେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କେନ୍ଦ୍ର ସରକାର ଏକତରଫା ଭାବେ ପୋଲାଭରମ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରି ଚାଲିଛନ୍ତି। ନବୀନ ପଟ୍ଟନାୟକ ବାରମ୍ବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ଦୃଢ଼ ଦାବି ରଖିଥିଲେ। ଏବେ ବିରୋଧୀ ଦଳ ଭାବେ ମଧ୍ୟ ଦଳ ଦୃଢ଼ ପ୍ରତିବାଦ କରିଆସୁଛି ବୋଲି ସେ କହିଛନ୍ତି।

ସେହିପରି ବିଜେଡି ମୁଖପାତ୍ର ପ୍ରଦୀପ ମାଝୀ କହିଥିଲେ, ଏହି ପ୍ରକଳ୍ପର ପଛୁଆ ପାଣି କେଉଁ କେଉଁ ଅଞ୍ଚଳକୁ ପ୍ରଭାବିତ କରିବ ଓ ମାଲକାନଗିରି ଜିଲ୍ଲାର ଆଦିବାସୀମାନଙ୍କ ଜୀବନ ଜୀବିକା ଉପରେ ଏହାର କ’ଣ ପ୍ରଭାବ ପଡ଼ିବ, ତାହାର କୌଣସି ଆକଳନ କରାଯାଇନାହିଁ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜେ ଜଣେ ଆଦିବାସୀ ହୋଇଥିବାରୁ ଏହି ପ୍ରସଙ୍ଗରେ ସେ ରାଜ୍ୟର ଆଦିବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ପଦକ୍ଷେପ ନିଅନ୍ତୁ। ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମୀ ଏହି ପ୍ରକଳ୍ପରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ଜନଶୁଣାଣି କରାଯାଇନାହିଁ କହିଥିଲେ। ଏହାସହ ସ୍ଥାନୀୟ ବିଜେପି ବିଧାୟକ ଦେଇଥିବା ମନ୍ତବ୍ୟ ମାଲକାନଗିରି ଜିଲ୍ଲାର ସ୍ୱାର୍ଥର ପରିପନ୍ଥୀ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ପରିବାର ସହ ହସଖୁସିର ସମୟ ଅତିବାହିତ କରିବେ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆଗରେ ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ଚିନ୍ତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ପର୍କ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରଯାତ୍ରାକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବ୍ୟବସାୟରେ ବାଧା ଆସିପାରେ। ମନୋରଞ୍ଜନରେ ସମୟ ଅତିବାହିତ ହେବ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଦୀର୍ଘ ଦିନର ଆଶା ପୂରଣ ହେବ।

## ଆଜିର ଇତିହାସ

- ୧୮୪୦- ନ୍ୟୁଜିଲାଣ୍ଡ ବ୍ରିଟିଶ୍ ଉପନିବେଶରେ ଅଂଶ ହେଲା।
- ୧୮୮୧- ଆମେରିକାରେ ରେଡ୍‌କ୍ରସ୍ ସଂସ୍ଥାର ସ୍ଥାପନା।
- ୧୯୭୦- ସୋଭିଏତ୍ ରୁଷର ଆଣବିକ ପରୀକ୍ଷଣ।
- ୧୯୯୧- ବୋମା ବିସ୍ଫୋରଣରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ନିହତ।
- ୧୯୯୪- ସୁସ୍ମିତା ସେନ୍ ବ୍ରହ୍ମାଣ୍ଡ ସୁନ୍ଦରୀ ହେଲେ।
- ୨୦୦୬- ଶ୍ରୀନଗରରେ କଂଗ୍ରେସ ର‌୍ୟାଲି ଉପରେ ଆକ୍ରମଣ।

# ଆତଙ୍କବାଦ ବିରୋଧୀ ଦିବସ



ମେ ୨୧କୁ ପ୍ରତିବର୍ଷ ଭାରତରେ ଆତଙ୍କବାଦ ବିରୋଧୀ ଦିବସ ରୂପେ ପାଳନ କରାଯାଏ। ଆତଙ୍କବାଦ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ଏହା ବିରୋଧରେ ଏକତାର ବାର୍ତ୍ତା ପ୍ରଚାର ପ୍ରସାର କରିବା ଏହି ଦିନର ମୁଖ୍ୟ ଉଦ୍ଦେଶ୍ୟ। ବିଶେଷକରି ଯୁବକମାନଙ୍କୁ ଆତଙ୍କବାଦ ଏବଂ ହିଂସା ପଥରୁ ଦୂରେଇ ରଖିବା ପାଇଁ ଏହି ଦିବସରେ ବାର୍ତ୍ତା ଦିଆଯାଏ। ଆଜି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ। ୧୯୯୧ ମସିହାରେ ଆଜିର ଦିନରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରଠାରେ ଏକ ନିର୍ବାଚନୀ ସଭାରେ ଯୋଗ ଦେବାବେଳେ ଏଲଟିଟିଇ ଆତଙ୍କବାଦୀଙ୍କ ଆତ୍ମଘାତୀ ବୋମା ବିସ୍ଫୋରଣରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଭାରତ ସରକାରଙ୍କ ପକ୍ଷରୁ ମେ ୨୧କୁ ଆତଙ୍କବାଦ ବିରୋଧୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା। ଆତଙ୍କବାଦ ବିରୋଧୀ ଦିବସ ଅବସରରେ ଆତଙ୍କବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ଠିଆ ହେବା ଏବଂ ହିଂସା ଓ ଆତଙ୍କବାଦରୁ ସାରା ବିଶ୍ୱକୁ ମୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଏ। ଆତଙ୍କବାଦ ଦେଶର ନିରାପତ୍ତା ଏବଂ କଲ୍ୟାଣ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏହାର ଉଦ୍ଦେଶ୍ୟ ହେଉଛି ଭୟ ସୃଷ୍ଟି କରିବା, ସାମାଜିକ ଶୃଙ୍ଖଳାକୁ ବାଧା ଦେବା ଏବଂ ଶାନ୍ତିପୂର୍ଣ୍ଣ ସହଭାଗିତାକୁ ସମର୍ଥନ କରୁଥିବା ମୌଳିକ ମୂଲ୍ୟବୋଧକୁ ଦୁର୍ବଳ କରିବା। ଆତଙ୍କବାଦୀ କାର୍ଯ୍ୟକଳାପ ଦ୍ୱାରା ନିରୀହ ଜୀବନ ନଷ୍ଟ ହୋଇପାରେ, ଭିତ୍ତିଭୂମି ନଷ୍ଟ ହୋଇପାରେ, ଅର୍ଥନୈତିକ ଅସ୍ଥିରତା ଏବଂ ସମ୍ପ୍ରଦାୟ ମଧ୍ୟରେ ବିଶ୍ୱାସ ନଷ୍ଟ ହୋଇପାରେ। ଗତ ଏପ୍ରିଲ ୨୨ରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୬ ଜଣ ପର୍ଯ୍ୟଟକଙ୍କର ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣ ପରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ସେନା ପକ୍ଷରୁ 'ଅପରେସନ୍ ସିନ୍ଦୁର' ଜରିଆରେ ଆତଙ୍କବାଦୀଙ୍କୁ କଡ଼ା ଜବାବ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ଆତଙ୍କବାଦ ବିରୋଧୀ ଦିବସ ପାଳନ ହେବା ବେଶ୍ ଗୁରୁତ୍ୱ ବହନ କରୁଛି। ଏହି ଦିବସ ଅବସରରେ ସ୍କୁଲ ଓ କଲେଜଗୁଡ଼ିକରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ ଆତଙ୍କବାଦ ଓ ଏହାର ପରିଣାମ ଉପରେ ଆଲୋଚନା କରାଯାଏ। ସରକାରୀ କାର୍ଯ୍ୟାଳୟ ଓ ସର୍ବସାଧାରଣ ସ୍ଥାନରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୂରେଇ ଦେବା ପାଇଁ ଶପଥ ନିଆଯାଏ।

# ମନ୍ଦୋଦରୀ ଭୂମିକାରେ କାଜଲ



ଦକ୍ଷିଣ ଇଣ୍ଡଷ୍ଟ୍ରିର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଜଣାଯାନ୍ତି କାଜଲ ଅଗ୍ରୱାଲ। ସେ ଅନେକ ବଲିଉଡ୍ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ଏବେ ନୀତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ରାମାୟଣ'ରେ କାଜଲଙ୍କ ଏଣ୍ଟ୍ରି ହୋଇଛି। ଏଥିରେ ସେ ମନ୍ଦୋଦରୀ ଭୂମିକାରେ ଦେଖାଯିବେ। ପୂର୍ବରୁ ଏଥିରେ ସାକ୍ଷୀ ତନୱାର ମନ୍ଦୋଦରୀ ଭୂମିକାରେ ଅଭିନୟ କରିବେ ବୋଲି କୁହାଯାଉଥିଲା। ହେଲେ ଏବେ କାଜଲଙ୍କୁ ଏହି ଭୂମିକା ମିଳିଛି। ଇତିମଧ୍ୟରେ କାଜଲ୍ ସୁଟିଂ ମଧ୍ୟ ଆରମ୍ଭ କରି ଦେଇଛନ୍ତି। ଏନେଇ ପ୍ରଡକ୍ସନ୍ ଟିମ୍‌ର ଜଣେ ସଦସ୍ୟ କହିଛନ୍ତି- 'ରାମାୟଣରେ ମନ୍ଦୋଦରୀଙ୍କ ଭୂମିକା ବେଶ୍ ଗୁରୁତ୍ୱ ବହନ କରୁଛି। ଏଥିରେ ଯଶ୍ ରାବଣ ଭୂମିକାରେ ଅଭିନୟ କରୁଥିବାରୁ ତାଙ୍କର ପତ୍ନୀ ଭାବେ ଜଣେ ସୁନ୍ଦରୀ ଅଭିନେତ୍ରୀଙ୍କୁ ଖୋଜା ଚାଲିଥିଲା। ସବୁଠୁ ବଡ଼ କଥା ହେଉଛି, ଏପରି ଜଣେ ଅଭିନେତ୍ରୀ ଖୋଜା ଯାଉଥିଲା ଯିଏ ଏକାଧିକ ଭାଷା ଜାଣିଥିବେ। କାଜଲ ଉଭୟ ବଲିଉଡ୍ ଓ ସାଉଥ୍‌ରେ କାମ କରିଛନ୍ତି। ଶେଷରେ କାଜଲଙ୍କ ନାମ ଫାଇନାଲ କରାଯାଇଥିଲା।' 'ରାମାୟଣ'ର ପ୍ରଯୋଜନା ଦାୟିତ୍ୱରେ ନମିତ ମଲହୋତ୍ରା ଓ ଯଶ୍ ଅଛନ୍ତି। ଏଥିରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ ନଜର ଆସିବେ। ସେହିଭଳି ଜଟାୟୁ ଭୂମିକାରେ ଅମିତାଭ ବଚ୍ଚନ, ଲକ୍ଷ୍ମଣ ଭୂମିକାରେ ରବି ଦୁବେ, କୈକେୟୀ ଭୂମିକାରେ ଲାରା ଦତ୍ତା, ସୂପର୍ଣ୍ଣେଖା ଭୂମିକାରେ ରକୁଲ ପ୍ରୀତ ସିଂହ, ରାଜା ଦଶରଥଙ୍କ ଭୂମିକାରେ ଅରୁଣ ଗୋଭିଲ, ହନୁମାନ ଭୂମିକାରେ ସନ୍ନି ଦେଓ୍ୱଲ, ବିଭୀଷଣ ଭୂମିକାରେ ହରମନ୍ ବାବେଜା ନଜର ଆସିବେ। ୨୦୨୬ ଦୀପାବଳିରେ ଏହାର ପ୍ରଥମ ପାର୍ଟ ଓ ୨୦୨୭ ଦୀପାବଳିରେ ଦ୍ୱିତୀୟ ପାର୍ଟ ଆସିବ।




# ହୃଦୟ ପାଇଁ ଭଲ ଶିଢ଼ି ଚଢ଼ିବା

ଶିଢ଼ି ଚଢ଼ିବା ଓ ଓହ୍ଲାଇବା ହେଉଛି ଏକପ୍ରକାର କାର୍ଡିଓ ଏକ୍ସରସାଇଜ୍। ଏଣୁ ଘର, ଅଫିସ୍ ହେଉ କି ସପିଂ ମଲ୍, ଲିଫ୍ଟ ବଦଳରେ ଶିଢ଼ି ଚଢ଼ି ଯିବା ଭଲ। ସେହିପରି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଶିଢ଼ି ଚଢ଼ିବା ଦ୍ୱାରା ଜଣେ ଲୋକ କେବଳ ଫିଟ୍ ରହିବ ତାହା ନୁହେଁ ବରଂ ଏହା ଆୟୁ ବୃଦ୍ଧିରେ ସାହାଯ୍ୟ କରେ। ଅଧ୍ୟୟନରେ ୫,୦୦,୦୦୦ ଲୋକଙ୍କ ତଥ୍ୟକୁ ବିଶ୍ଳେଷଣ କରାଯାଇଥିଲା। ଏହି ଅଧ୍ୟୟନ ଅନୁସାରେ, ନିୟମିତ ଶିଢ଼ି ଚଢୁଥିବା ଲୋକଙ୍କଠାରେ ମୃତ୍ୟୁ ଆଶଙ୍କା ୨୪ ପ୍ରତିଶତ କମ୍ ଥିଲା। ସେହିଭଳି ହୃଦ୍ ରୋଗ ଯୋଗୁଁ ମୃତ୍ୟୁ ହେବା ଆଶଙ୍କା ୩୯ ପ୍ରତିଶତ କମ୍ ଥିଲା। ଆଜିକାଲି ମୃତ୍ୟୁର ପ୍ରମୁଖ କାରଣ ହୃଦ୍‌ରୋଗ ପାଲଟି ଯାଇଛି। ବିଶେଷଜ୍ଞଙ୍କ ଅନୁସାରେ, ଶିଢ଼ି ଚଢ଼ିବା ସମୟରେ ଶରୀର ମାଧ୍ୟାକର୍ଷଣ ଶକ୍ତିର ବିପରୀତ ଦିଗରେ ଗତି କରେ। ଖାସ୍ ଏହି କାରଣରୁ ଶିଢ଼ି ଚଢ଼ିବା ଅନ୍ୟ ଶାରୀରିକ ବ୍ୟାୟାମ ତୁଳନାରେ କଷ୍ଟକର ହୋଇଥାଏ। ଶିଢ଼ି ଚଢ଼ିବା ଦ୍ୱାରା କାର୍ଡିଓରେସପରେଟରି ଫିଟ୍‌ନେସ୍‌ରେ ସୁଧାର ଆସିଥାଏ ଏବଂ ମାଂସପେଶୀ ମଜଭୁତ ହୋଇଥାଏ। ସେହିପରି କେତେ ଶିଢ଼ି ଚଢ଼ିବା ଲାଭଦାୟକ ତାହାର ସଠିକ୍ ଉତ୍ତର ଏଯାଏଁ ଆସିନାହିଁ। ତେବେ ନିତିଦିନ ୫୦ ଶିଢ଼ି ଚଢ଼ିବା ଦ୍ୱାରା ଏଥେରୋସ୍କ୍ଲେରୋସିସ୍ (ଧମନୀରେ ଫ୍ୟାଟ୍, କୋଲେଷ୍ଟ୍ରଲ ଆଦି ଜମାହେବା) ଆଶଙ୍କା ୨୦ ପ୍ରତିଶତ କମ୍ ହୋଇଥାଏ।

# ସମ୍ଭାବନା

## କିଭଳି ରହିବ ଚାକିରି ସୁରକ୍ଷିତ



କମ୍ପାନି ସବୁବେଳେ ଭଲ କାମ କରୁଥିବା କର୍ମଚାରୀଙ୍କୁ ପ୍ରାଥମିକତା ପ୍ରଦାନ କରିଥାଏ। ସେହିପରି ଅଫିସ୍ କାମ ଠିକ୍‌ରେ ନ କରିବା, ସମୟ ପୂର୍ବରୁ କାମ ନ ସାରିବା, ନିୟମିତ ଅନୁପସ୍ଥିତି ରହିବା ଦ୍ୱାରା ଚାକିରି ଯିବାର ଆଶଙ୍କା ଯଥେଷ୍ଟ ଥାଏ। ସେହିପରି କିଛି କମ୍ପାନି ମାନ୍ଦାବସ୍ଥା ଦେଇ ଗତି କଲେ କର୍ମଚାରୀଙ୍କୁ ଛଟେଇ କରିଥାନ୍ତି। ତେଣୁ ଏଭଳି ସ୍ଥିତିରେ କମ୍ପାନିରେ ନିଜ ଚାକିରିକୁ ସୁରକ୍ଷିତ ରଖିବା ପାଇଁ କିଛି ଦିଗ ଉପରେ ଗୁରୁତ୍ୱ ଦେବା ଜରୁରି।

- କମ୍ପାନିରେ ନିଜ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିବା ଉଚିତ ଓ ଠିକ୍ ସମୟରେ କାମ ପୂରା କରିବା ଉପରେ ଗୁରୁତ୍ୱ ଦେବା ଦରକାର।
- ଅଲଗା ଅଲଗା କାମ କରିବାର କ୍ଷମତା ବା ଦକ୍ଷତା ଥିଲେ, ଆପଣଙ୍କ ଗୁରୁତ୍ୱ କମ୍ପାନିରେ ବଢ଼ିଥାଏ। ଏଣୁ ନୂଆ ଟେକ୍ନୋଲୋଜି ଏବଂ କଳା କୌଶଳ ଶିଖିବାର ଆବଶ୍ୟକତା ଅଛି।
- କମ୍ପାନି ପାଇଁ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହେଉଥିବା କାମକୁ ପ୍ରାଥମିକତା ଦିଅନ୍ତୁ। ତା'ସହ ଯେଉଁ କାମକୁ ଅନ୍ୟ କୌଣସି କର୍ମଚାରୀ ଯେଭଳି କରିପାରୁ ନ ଥିବେ, ତାହା ଉପରେ ଗୁରୁତ୍ୱ ଦେବା ଉଚିତ।
- ଟିମ୍ ସହିତ ଭଲ ସମ୍ବନ୍ଧ ଏବଂ ସହଯୋଗ ରକ୍ଷା କରନ୍ତୁ।
- କଠିନ ପରିସ୍ଥିତିରେ ସକାରାତ୍ମକ ଚିନ୍ତାଧାରାରେ ରୁହନ୍ତୁ। ଏହା ଦ୍ୱାରା ସହକର୍ମୀ ଓ ମ୍ୟାନେଜମେଣ୍ଟ ଉପରେ ଭଲ ପ୍ରଭାବ ପଡ଼େ।
- ଯଦି କାମର ମୂଲ୍ୟକୁ ଗୁରୁତ୍ୱ ଦିଆଯାଉ ନାହିଁ, ତେବେ ମ୍ୟାନେଜରଙ୍କ ସହିତ ଆଲୋଚନା କରନ୍ତୁ।
- ନିଜର ଉପଲବ୍ଧି ସମ୍ପର୍କରେ ନିଜ ମାଲିକଙ୍କୁ ଅବଗତ କରାନ୍ତୁ।

## ଅଫିସ୍‌ରେ ଏଆଇର ବ୍ୟବହାର



**ସମ୍ପ୍ରତି ଅଫିସ୍‌ଗୁଡ଼ିକରେ ଚାଟ୍‌ଜିପିଟି, ଜେମିନି ଭଳି ଏଆଇ ଟୁଲ୍‌କୁ ବ୍ୟବହାର କରାଯାଉଛି। ତେବେ ଏହାର ବ୍ୟବହାର କର୍ମଚାରୀଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରୁଥିବା ନିକଟରେ ଆମେରିକାର ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି।**

ଏବେ ଅଫିସ୍ କାମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସିର ବ୍ୟବହାର ବହୁଳ ଭାବେ କରାଯାଉଛି। ତେଣୁ ଏହାକୁ ଉପଯୋଗ କରୁଥିଲେ ସତର୍କ ରହିବା ଜରୁରି। ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏହାକୁ ଉପଯୋଗ କରୁଥିବା କର୍ମଚାରୀଙ୍କ ସହକର୍ମୀ ଭାବନ୍ତି ସେମାନେ ପରିଶ୍ରମୀ ନୁହଁନ୍ତି, ବରଂ ଅଳସୁଆ ଏବଂ ଅଣକୁଶଳୀ। ଆମେରିକାର ଡ୍ୟୁକ୍ ବିଶ୍ୱବିଦ୍ୟାଳୟ ଏହି ଗବେଷଣା କରିଛି। ଯଦିଓ ଏଆଇ କାମର ବେଗ ଓ ପ୍ରଡକସନ ବୃଦ୍ଧିରେ ସାହାଯ୍ୟ କରେ, ତଥାପି ଅଫିସ୍‌ରେ ଏହାର ସାମାଜିକ କ୍ଷତି ରହିଛି। ଯାହାକି ଲୋକଙ୍କ ନଜରରେ ଜଣକ ବ୍ୟକ୍ତିତ୍ୱକୁ ଖରାପ କରିଥାଏ। ସେହିପରି ଏକଥା ଜାଣିବା ପାଇଁ ୪,୪୦୦ ଜଣଙ୍କ ଉପରେ ଚାରୋଟି ଅଲଗା ଅଲଗା ଅନଲାଇନ୍ ଗବେଷଣା କରାଯାଇଥିଲା। ଏଥିରୁ ଦେଖାଯାଇଥିଲା ଯେ, ଏଆଇ ବ୍ୟବହାର କରୁଥିବା ଲୋକଙ୍କୁ ଅନ୍ୟମାନେ କାମଚୋର, କମ୍ ପରିଶ୍ରମୀ, କମ୍ ଦକ୍ଷତା ସମ୍ପନ୍ନ ଭାବିଥାନ୍ତି। ସେହିପରି ଏଭଳି କର୍ମଚାରୀଙ୍କ ବଦଳି ସହଜରେ ହୋଇଥାଏ ବୋଲି ଆଉ କିଛି କର୍ମଚାରୀ ମତପୋଷଣ କରିଛନ୍ତି। ତେବେ ଅଫିସ୍‌ରେ ଏଆଇ କାମକୁ ସହଜ କରିଲେ ବି ଅନ୍ୟମାନେ ଏହାକୁ କେଉଁ ଦୃଷ୍ଟିକୋଣରେ ଦେଖନ୍ତି ଓ କ୍ୟାରିୟର ଉପରେ ଏହା କିଭଳି ପ୍ରଭାବ ପକାଏ, ସେ କଥା ଏକପ୍ରକାର ସାମ୍ନାକୁ ଆସିଛି।

ଏଥିରୁ ଗୋଟିଏ କଥା ବୁଝାପଡୁଛି ଯେ, ଏହା କ୍ୟାରିୟରକୁ ପ୍ରଭାବିତ କରୁଛି। ତେଣୁ ସମାଜର ଚିନ୍ତାଧାରା ନ ବଦଳିଥିଲେ, ଏଭଳି ସ୍ଥିତିରେ ଏଆଇର ପ୍ରୟୋଗ ବିପଦପୂର୍ଣ୍ଣ ହୋଇପାରେ। ଅବଶ୍ୟ ଏବେ ବଦଳୁଥିବା ସମୟକୁ ଦେଖିଲେ ଏଆଇର ବ୍ୟବହାର ଲୋକଙ୍କ ଆବଶ୍ୟକତା ହୋଇଛି। ଏଣୁ ସତର୍କତାର ସହ ଏହାକୁ ବ୍ୟବହାର କରିବା ଦରକାର। ଅନ୍ୟପକ୍ଷରେ ଏହି ଅଧ୍ୟୟନ ପ୍ରୋସେଡିଂସ୍ ଅଫ୍ ଦ ନ୍ୟାସନାଲ ଏକାଡେମୀ ଅଫ୍ ସାଇନ୍ସରେ ପ୍ରକାଶିତ।

## କ୍ଲାସ୍ ନୋଟ୍



ପାଠପଢ଼ାରେ କ୍ଲାସ୍ ନୋଟ୍ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ଗୁରୁତ୍ୱ ବହନ କରିଥାଏ। ତେଣୁ ଶିକ୍ଷକ କ୍ଲାସ୍‌ରେ ପଢ଼ାଇବା ସମୟରେ ସେମାନଙ୍କ କଥା ଧ୍ୟାନରେ ଶୁଣନ୍ତୁ। ଜରୁରି ପଏଣ୍ଟକୁ ଖାତାରେ ଲେଖନ୍ତୁ। ଶିକ୍ଷକ ପଢ଼ାଉଥିବା ପୂରା କାହାଣୀକୁ ନ ଲେଖି, ଗୁରୁତ୍ୱପୂର୍ଣ୍ଣ ପଏଣ୍ଟକୁ ଲେଖନ୍ତୁ। ଏସବୁକୁ ସହଜ ଭାଷାରେ ଲେଖନ୍ତୁ। ଏହା ଦ୍ୱାରା ସେହି ବିଷୟ ସହଜରେ ମନେ ରହେ। ସେହିପରି କ୍ଲାସ୍ ନୋଟ୍‌କୁ ଅଧିକ ଲମ୍ବା ବାକ୍ୟରେ ଲେଖନ୍ତୁ ନାହିଁ। ବାକ୍ୟ ଛୋଟ ହେଲେ ବିଷୟ ବୁଝିବା ସହଜ ହୁଏ।

କ୍ଲାସ୍‌ରେ ନୋଟ୍ କରୁଥିବା ଜରୁରି ପଏଣ୍ଟକୁ ହାଇଲାଇଟ୍ କରନ୍ତୁ। ଏହା ଦ୍ୱାରା ନୋଟ୍ ଭଲ ଦେଖାଯାଏ। ତା'ସହ ପ୍ରମୁଖ ପଏଣ୍ଟ ଉପରେ ଶୀଘ୍ର ଦୃଷ୍ଟି ପଡ଼େ। ପ୍ରତି ନୋଟ୍ ଉପରେ ବିଷୟର ନାଁ ଓ ତାରିଖ ଲେଖନ୍ତୁ। ବିଜ୍ଞାନ ବିଷୟକ ନୋଟ୍‌ରେ ଚାହିଁଲେ ଚିତ୍ର କରିପାରିବେ। ସେହିପରି ନୋଟ୍ ଲେଖିବା ବେଳେ କିଛି ସ୍ଥାନକୁ ଖାଲି ଛାଡ଼ନ୍ତୁ। ସେହି ବିଷୟ ସମ୍ବନ୍ଧିତ କିଛି ନୂଆ ତଥ୍ୟ ପରେ ପରେ ଜାଣିଲେ, ସେହି ସ୍ଥାନରେ ଲେଖି ହୁଏ। ଯେଉଁ ନୋଟ୍ ତିଆରି କରୁଛନ୍ତି, ତାହାକୁ ପ୍ରତିଦିନ ପଢ଼ନ୍ତୁ। ଏହା ଦ୍ୱାରା ସେହି ପାଠ ଶୀଘ୍ର ମନେ ରହିଥାଏ।

## ଫେଲର ଅର୍ଥ ନୁହେଁ, ବିଫଳତା

**ଅନେକ ପିଲା ପରୀକ୍ଷାରେ କମ୍ ମାର୍କ ରଖିଥାନ୍ତି। ପୁଣି କେହି କେହି ଫେଲ୍ ମଧ୍ୟ ହୋଇଥାନ୍ତି। ଏହାକୁ ନେଇ ଅଭିଭାବକମାନେ ସେମାନଙ୍କୁ ତାଗିଦ୍ କରି ପାଟି କରନ୍ତି। ହେଲେ ଏଭଳି ବ୍ୟବହାର ନ ଦେଖାଇ, ସେମାନଙ୍କୁ ଉତ୍ସାହିତ କରନ୍ତୁ। ଏହା ହିଁ ସେମାନଙ୍କୁ ଆଗକୁ ଯିବାରେ ସାହାଯ୍ୟ କରିବ।**

- ବାପାମାଆ ପ୍ରଥମେ ନିଜକୁ ଶାନ୍ତ ରଖିବା ଉଚିତ। ଫେଲ୍ ତଥା କମ୍ ମାର୍କକୁ ନେଇ କ୍ରୋଧ ପ୍ରକଟ କରିବା ସ୍ୱାଭାବିକ କଥା। ହେଲେ ଏଭଳି ସ୍ଥିତିରେ ପିଲା ସ୍ନେହ ଶ୍ରଦ୍ଧା ଲୋଡ଼ନ୍ତି। ପିଲାଙ୍କ ସହିତ ଶ୍ରଦ୍ଧାରେ କଥାବାର୍ତ୍ତା କରନ୍ତୁ।
- ପଢ଼ାରେ କ'ଣ ସମସ୍ୟା ଥିଲା ସେ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରନ୍ତୁ। ବିଫଳତାକୁ ନେଇ ପିଲାଙ୍କୁ ଦୋଷ ଦିଅନ୍ତୁ ନାହିଁ। ଏହା ଦ୍ୱାରା ସେମାନେ ଅଧିକ ନିରାଶ ହୋଇଥାନ୍ତି।
- ଫେଲ୍ ପଛର ଅସଲି କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ସ୍କୁଲର ପରିବେଶ ଠିକ୍ ଅଛି କି ନାହିଁ ପଚାରି ବୁଝନ୍ତୁ। ସେହିପରି ପିଲାଙ୍କ ଶିକ୍ଷକଙ୍କ ମତ ନିଅନ୍ତୁ। ପିଲାଙ୍କଠାରେ କ'ଣ ଦୁର୍ବଳତା ବା ସମସ୍ୟା ଅଛି ଜାଣନ୍ତୁ।
- ପିଲାଙ୍କ ସହିତ ମିଶି ଆଗାମୀ ପଢ଼ାର ଯୋଜନା କରନ୍ତୁ। ପିଲାଙ୍କୁ ପ୍ରୋତ୍ସାହିତ କରିବା ସହିତ ଆତ୍ମବିଶ୍ୱାସ ବୃଦ୍ଧି କରନ୍ତୁ।
- ପରୀକ୍ଷାରେ ଫେଲ୍ ହେବାର ଅର୍ଥ ବିଫଳତାକୁ ସୂଚାଇ ନ ଥାଏ। ତେଣୁ ପୂର୍ବ ସଫଳତାକୁ ମନେ ପକାଇ ସେମାନଙ୍କର ଆତ୍ମବିଶ୍ୱାସ ବଢ଼ାନ୍ତୁ।



# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

# ଅହମ୍ମଦାବାଦରେ ଫାଇନାଲ, ମୁଲାନପୁରରେ ୨ଟି ମୁକାବିଲା



## ଦିଗବେଶ ରାଠୀ ଗୋଟିଏ ମ୍ୟାଚ୍‌ରୁ ସସ୍‌ପେଣ୍ଡ

ଅଭିଷେକ ଶର୍ମାଙ୍କ ସହ ଯୁକ୍ତିତର୍କ ଓ ସିଗ୍ନେଚର ଷ୍ଟାଇଲରେ ବିଦାୟ ଦେବା ଘଟଣା ଲକ୍ଷ୍ନୌ ସୁପର ଜାଏଣ୍ଟସର ସ୍ପିନ ବୋଲର ଦିଗବେଶ ସିଂ ରାଠୀଙ୍କୁ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି । ଏହି ଘଟଣା ଫଳରେ ଆଇପିଏଲ୍ ଆଚରଣ ସଂହିତା ଲେଭଲ-୧ ଭଙ୍ଗ କରିବା ଓ ବିଶୃଙ୍ଖଳିତ ଆଚରଣ ଯୋଗୁଁ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ସସ୍‌ପେଣ୍ଡ କରାଯାଇଛି । ଏହା ସହ ତାଙ୍କ ମ୍ୟାଚ୍ ଫି'ର ୫୦ ଭାଗ ଅର୍ଥ କାଟିନିଆଯାଇଛି । ଏହା ସହ ଏଭଳି ଆଚରଣ ପୁନରାବୃତ୍ତି ନ କରିବାକୁ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ପକ୍ଷରୁ ଚେତାବନୀ ଦିଆଯାଇଛି । ଗତକାଲି ସ୍ଥାନୀୟ ଏକନ ଷ୍ଟାଡିୟମ୍‌ରେ ଲକ୍ଷ୍ନୌ ବନାମ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟିଂ କରୁଥିବା ହାଇଦରାବାଦ୍‌ର ଅଭିଷେକ ଶର୍ମା ତାଙ୍କ ବୋଲିଂରେ ଆଉଟ ହୋଇଥିଲେ । ଚଳିତ ସିଜନରେ ଆଇପିଏଲ୍ ଡେବ୍ୟୁ କରିଥିବା ଘରୋଇ କ୍ରିକେଟ ଟିମ୍ ଦିଲ୍ଲୀର ଏହି ସ୍ପିନର ସିଗ୍ନେଚର ଷ୍ଟାଇଲ୍‌ରେ ବ୍ୟାଟରଙ୍କୁ ବିଦାୟ ରାସ୍ତା ଦେଖାଇଥିଲେ । ଏହାକୁ ବିରୋଧ କରିଥିଲେ ଅଭିଷେକ । ଫଳରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଅମ୍ପାୟାରଙ୍କ ହସ୍ତକ୍ଷେପ ବଳରେ ଉଭୟ ଖେଳାଳି ଶାନ୍ତ ହୋଇଥିଲେ । କିନ୍ତୁ ରାଠୀଙ୍କ ବ୍ୟବହାର ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିଲା । ଏହା ଆଚରଣ ସଂହିତାର ଲେଭଲ-୧ ଅପରାଧ ଓ ତାଙ୍କୁ ୨ଟି ଡିମେରିଟ୍ ପଏଣ୍ଟ ମିଳିଥିଲା । ପୂର୍ବରୁ ସେ ଏଭଳି ଆଚରଣ ସଂହିତା ଉଲ୍ଲଙ୍ଘନ କରି ଦୁଇଥର ଦଣ୍ଡିତ ହୋଇଥିଲେ । ଏଥିଯୋଗୁ ତାଙ୍କୁ ୩ଟି ଡିମେରିଟ୍ ପଏଣ୍ଟ ଓ ୩୦ ଭାଗ ମ୍ୟାଚ୍ ଫି କାଟିନିଆଯାଇଥିଲା । ଚଳିତ ଟୁର୍ଣ୍ଣାମେଣ୍ଟରେ ତାଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୫ ହେବାରୁ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ସସ୍‌ପେଣ୍ଡ ହେବାକୁ ପଡ଼ିଛି । ସେ ଗୁରୁବାର ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ ଖେଳିପାରିବେ ନାହିଁ ।

**ଆଇପିଏଲ୍-୧୮**
**ପ୍ଲେ ଅଫ୍ ଖେଳସୂଚୀ**

ନୂଆଦିଲ୍ଲୀ,୨୦।୫ (ଏଜେନ୍ସି)

ଭାରତରେ ଚାଲିଥିବା ଆଇପିଏଲ୍ (ଇଣ୍ଡିଆନ୍ ପ୍ରିମିୟର ଲିଗ୍) ୧୮ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ଗୁଜରାଟର ଅହମ୍ମଦାବାଦ୍‌ରେ ଖେଳାଯିବ । ଏଠାରେ ମଧ୍ୟ କ୍ୱାଲିଫାୟର-୨ ମ୍ୟାଚ୍ ଅନୁଷ୍ଠିତ ହେବ । ସେହିପରି ନୂଆ ଚଣ୍ଡିଗଡସ୍ଥିତ ମୁଲାନପୁରରେ ପ୍ଲେ ଅଫ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ଖେଳାଯିବ । ମେ ୨୯ରେ କ୍ୱାଲିଫାୟର-୧ ଓ ମେ ୩୦ରେ ଏଲିମିନେଟର ମୁକାବିଲା ଅନୁଷ୍ଠିତ ହେବ । ବିସିସିଆଇ ସୂତ୍ରରୁ ମଙ୍ଗଳବାର ଏହା ଜଣାଯାଇଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଭାବେ ଘୋଷଣା କରାଯାଇନାହିଁ । ଆଇପିଏଲ୍ ସ୍ଥଗିତ ହେବା ପୂର୍ବରୁ କୋଲକାତାର ଇଡେନ୍ ଗାର୍ଡେନ୍ସରେ ଏହି ମ୍ୟାଚ୍ ଦୁଇଟି ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା । ସେହିପରି ହାଇଦରାବାଦ୍‌ରେ କ୍ୱାଲିଫାୟର-୧ ଓ ଏଲିମିନେଟର ଖେଳାଯିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁଁ ଆଇପିଏଲ୍ ଏକ ସପ୍ତାହ ସ୍ଥଗିତ ରହିବା ପରେ ଖେଳସୂଚୀରେ ପରିବର୍ତ୍ତନ କରିବାକୁ ବିସିସିଆଇ ବାଧ୍ୟ ହୋଇଛି । ଏହା ମଧ୍ୟରେ ଭାରତରେ ମୌସୁମୀ ବାୟୁ ପ୍ରବେଶ କରିସାରିଛି । କ୍ୱାଲିଫାୟର-୨ ଓ ଫାଇନାଲ ଆୟୋଜନ ବେଳକୁ କୋଲକାତାରେ ବର୍ଷା ହେବାର ଯଥେଷ୍ଟ ସମ୍ଭାବନାକୁ ଆଖି ଆଗରେ ରଖି ପ୍ଲେ ଅଫ୍ ମ୍ୟାଚ୍ ଗୁଡିକୁ ସ୍ଥାନାନ୍ତର କରାଯାଇଛି । ଆସନ୍ତା ୧୫ ଦିନରେ ଅହମ୍ମଦାବାଦ୍ ଓ ମୁଲାନପୁରରେ ବର୍ଷା ହେବାର ଖୁବ୍ କମ୍ ସମ୍ଭାବନା ଥିବାରୁ ଏହି ଦୁଇଟି ଭେନ୍ୟୁରେ ପ୍ଲେ ଅଫ୍ ମ୍ୟାଚ୍ ଆୟୋଜନ କରାଯିବାକୁ ସ୍ଥିର ହୋଇଛି । ମଙ୍ଗଳବାର ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲର ବୈଠକରେ ଏହା ସ୍ଥିର ହୋଇଛି । ସ୍ଥଗିତ ପରେ ଆଇପିଏଲ୍‌ର ବାକିଥିବା ୧୩ଟି ଲିଗ୍ ମ୍ୟାଚ୍‌ର ଖେଳସୂଚୀ ଘୋଷଣା କରାଯାଇଥିଲେ ମଧ୍ୟ ପ୍ଲେ ଅଫ୍ ମ୍ୟାଚ୍ ଭେନ୍ୟୁ ସମ୍ପର୍କରେ କୌଣସି ନିଷ୍ପତ୍ତି ହୋଇ ନ ଥିଲା ।

### ■ ଲକ୍ଷ୍ନୌରେ ବେଙ୍ଗାଲୁରୁ-ହାଇଦରାବାଦ୍ ମୁକାବିଲା


ବେଙ୍ଗାଲୁରୁରେ ଗୁରୁବାର ବେଳକୁ ଭୀଷଣ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିବା ପରେ ଏଠାରେ ମେ ୨୩ରେ ରୟାଲ ଚ୍ୟାଲେଞ୍ଜର୍ସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ହେବାକୁ ଥିବା ମୁକାବିଲାକୁ ଲକ୍ଷ୍ନୌ ସ୍ଥାନାନ୍ତର କରାଯାଇଛି । ଏବେ ବେଙ୍ଗାଲୁରୁ ତାହାର ଶେଷ ଦୁଇଟି ମ୍ୟାଚ୍ ଲକ୍ଷ୍ନୌର ଏକନ ଷ୍ଟାଡିୟମ୍‌ରେ ଖେଳିବ । ମେ ୨୩ ପରେ ୨୭ରେ ବେଙ୍ଗାଲୁରୁ ତାହାର ଶେଷ ଲିଗ୍ ମ୍ୟାଚ୍ ଲକ୍ଷ୍ନୌ ସୁପର ଜାଏଣ୍ଟସ ସହ ଏଠାରେ ଖେଳିବ ବୋଲି ଜଣାଯାଇଛି । ବେଙ୍ଗାଲୁରୁ-ଲକ୍ଷ୍ନୌ ମୁକାବିଲା ଚଳିତ ଆଇପିଏଲ୍‌ର ମଧ୍ୟ ଶେଷ ଲିଗ୍ ମ୍ୟାଚ୍ ହେବ । ପୂର୍ବରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ବର୍ଷା ଯୋଗୁଁ ବେଙ୍ଗାଲୁରୁ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମେ ୧୭ ତାରିଖ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ କରିବାକୁ ପଡ଼ିଥିଲା । ଗତକାଲି ଲକ୍ଷ୍ନୌକୁ ହରାଇବା ପରେ ଆଜି ଅର୍ଥାତ୍ ମଙ୍ଗଳବାର ହାଇଦରାବାଦ୍ ଟିମ୍ ଏଠାରୁ ଯିବାର ଥିଲା । କିନ୍ତୁ ସେଠାରେ ରହିବାକୁ ବିସିସିଆଇ ଟିମ୍‌କୁ ନିର୍ଦ୍ଦେଶ ଦେଇଛି ।

### ■ ଏକ ଘଣ୍ଟା ବଢ଼ିଲା ଅତିରିକ୍ତ ସମୟ

କ୍ରମାଗତ ବର୍ଷା ଯୋଗୁ ଆଇପିଏଲ୍ ଖେଳ ବାରମ୍ବାର ବାଧାପ୍ରାପ୍ତ ହେବା ଓ ୩ଟି ମ୍ୟାଚ୍ ବାତିଲ ହେବା ପରେ ବିସିସିଆଇ ଅତିରିକ୍ତ ଖେଳ ସମୟ ବୃଦ୍ଧି କରିଛି । ଏବେ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହେଲେ କର୍ମକର୍ତ୍ତାମାନେ ମ୍ୟାଚ୍ ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ୧ ଘଣ୍ଟା ପରିବର୍ତ୍ତେ ଏବେ ୨ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ । ମ୍ୟାଚ୍ ବାତିଲ ହେବା ଯୋଗୁଁ ଦର୍ଶକ ନିରାଶ ହେବା ସହ ପ୍ରସାରଣକାର ସଂସ୍ଥା କ୍ଷୁବ୍ଧ ହୋଇଥିଲା । ଏହାକୁ ଆଖି ଆଗରେ ରଖି ଆଇପିଏଲ୍ ପ୍ଲେଇଂ କଣ୍ଡିସନ ଧାରା ୧୩.୭.୩ ଅନୁଯାୟୀ କେବଳ ଚଳିତ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ମ୍ୟାଚ୍ ଲାଗି ଏହି ନିୟମ ଧାର୍ଯ୍ୟ କରାଯାଇଛି ।

### ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ହାଇଦରାବାଦ୍ | ୧୨ | ୪ | ୭ | ୧ | ୯ | -୦.୬୭୪ |
| ରାଜସ୍ଥାନ | ୧୩ | ୩ | ୧୦ | ୦ | ୬ | -୦.୭୦୧ |
| ଚେନ୍ନାଇ | ୧୨ | ୩ | ୯ | ୦ | ୬ | -୦.୯୯୨ |



### ଆଇପିଏଲ୍‌ରେ ଆଜି

**ଦିଲ୍ଲୀ** ବନାମ **ମୁମ୍ବାଇ**

ମୁମ୍ବଇ/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

## ଚେନ୍ନାଇ ପାଇଁ ଲଢ଼ିଲେ ବ୍ରେଭିସ୍, ମହାତ୍ରେ

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ୬୨ତମ ମୁକାବିଲାରେ ସର୍ବାଧିକ ୫ଥରର ବିଜେତା ଚେନ୍ନାଇ ସୁପର୍ କିଙ୍ଗସର ସମ୍ମାନ ରକ୍ଷା କରିଛନ୍ତି ଯୁବ ଖେଳାଳି ଆୟୁଷ ମହାତ୍ରେ, ଡିୱାଲ୍ଡ ବ୍ରେଭିସ ଓ ଶିବମ ଦୁବେ । ଏମାନଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ଯୋଗୁଁ ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ରାଜସ୍ଥାନ ରୟାଲ୍ସ ବିପକ୍ଷ ଅନୌପଚାରିକ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ୮ ୱିକେଟରେ ୧୮୭ ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ମହାତ୍ରେ ସର୍ବାଧିକ ୪୩, ବ୍ରେଭିସ ୪୨ ଓ ଦୁବେ ୩୯ ରନ୍ କରିଥିଲେ । ରାଜସ୍ଥାନ ପକ୍ଷରୁ ଦୁଇ ଯୁବ ପେସ୍ ବୋଲର ଯୁଦ୍ଧବୀର ସିଂ ଚରକ ଓ ଆକାଶ ମାଧୱାଲ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି । ପୂର୍ବରୁ ଉଭୟ ଚେନ୍ନାଇ ଓ ରାଜସ୍ଥାନ ନୈରାଶ୍ୟଜନକ ପ୍ରଦର୍ଶନ କରି ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛନ୍ତି । ଚେନ୍ନାଇ ୧୨ ମ୍ୟାଚ୍ ଖେଳି ମାତ୍ର ୩ ବିଜୟ ସହ ୬ ପଏଣ୍ଟ ପାଇ ସାରଣୀର ସର୍ବନିମ୍ନ ସ୍ଥାନରେ ରହିଛି । ସେହିଭଳି ରାଜସ୍ଥାନ ୧୩ ମ୍ୟାଚରୁ ୬ ପଏଣ୍ଟ ସହ ଚେନ୍ନାଇଠାରୁ ଗୋଟିଏ ସ୍ଥାନ ଉପରେ ରହିଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ୭୮ ରନ୍‌ରେ ୫ ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଏହି ସମୟରେ ଯୁବ ଖେଳାଳି ବ୍ରେଭିସଙ୍କ ସହ ଦୁବେ ୩୬ ବଲ୍‌ରେ ୫୯ ଓ ୭ମ ୱିକେଟରେ ଦୁବେଙ୍କ ସହ ଧୋନି ୩୩ ବଲ୍‌ରୁ ୪୩ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋର ଦେଇଥିଲେ । ଧୋନି ୧୭ ବଲ୍‌ରୁ ୧୬ ରନ୍ କରିଥିଲେ । ପୂର୍ବର ମହାତ୍ରେ ଓ ରବିଚନ୍ଦ୍ରନ ଅଶ୍ୱିନ ତୃତୀୟ ୱିକେଟରେ ୩୬ ବଲ୍‌ରୁ ୫୯ ରନ୍ ଉଠାଇ କିଛିଟା ସ୍ଥିତି ସମ୍ଭାଳିଥିଲେ । ଅଶ୍ୱିନ ମାତ୍ର ୧୩ ରନ୍ କରିଥିଲେ । ପୂର୍ବରୁ ଦଳ ୧୨ ରନ୍‌ରେ ଓପନର୍ ଡେଭନ କନୱେ (୧୦ ରନ) ଓ ଉର୍ଭିଲ ପଟେଲ (୦)ଙ୍କ ୱିକେଟ୍ ହରାଇଥିଲା ।

## ଏଥର ସିନିଅରବର୍ଗରେ ଅରବିନ୍ଦ ମେମୋରିଆଲ୍ କ୍ରିକେଟ୍

ଭୁବନେଶ୍ୱର, ୨୦।୫ (ସମିସ): ସ୍ଥାନୀୟ ବିଜେବି ନଗରସ୍ଥିତ ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ଅରବିନ୍ଦ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ । ଚଳିତ ମାସ ୨୫ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ । ଉଭୟ କଟକ ଓ ଭୁବନେଶ୍ୱରର ୮ ଗୋଟି ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ । ପ୍ରତ୍ୟେକ ମ୍ୟାଚ୍ ୪୦ ଓଭରବିଶିଷ୍ଟ ଏବଂ ରେଡ୍ ବଲରେ ଖେଳାଯିବ । ସେହିଭଳି ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଏବଂ ରନର୍ସଅପ୍ ହୋଇଥିବା ଦଳ ୩୦ ହଜାର ଟଙ୍କା ଦିଆଯିବ ବୋଲି ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପାରାମାଉଣ୍ଟ ସ୍ପୋର୍ଟିଂର ସଭାପତି ପ୍ରତାପ ଜେନା କହିଛନ୍ତି । ତେବେ ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟ ଜୁନିଅରବର୍ଗରେ ଖେଳାଯାଉଥିବାବେଳେ ଏଥର କିନ୍ତୁ ସିନିଅରବର୍ଗରେ ଆୟୋଜିତ ହେବ ବୋଲି ଜଣାପଡ଼ିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପଦେଷ୍ଟା ପ୍ରଦ୍ୟୁମ୍ନ ଜେନା, ବି. ଦେବୀଦତ୍ତ ବାବୁ, ସୁଧୀର ପରିଡ଼ା ଓ ପ୍ରସନ୍ନ ନରେନ୍ଦ୍ର ଉପସ୍ଥିତ ରହିଥିଲେ ।



## ୬୯ କୋଟି ଟଙ୍କାରେ ଘର କିଣିଲେ ଧାୱନ

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ବର୍ତ୍ତମାନ ତାଙ୍କର ଭିନ୍ନ ଜୀବନଶୈଳୀକୁ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି । ସଦ୍ୟ ଏକ ରିପୋର୍ଟ ଅନୁଯାୟୀ, ଧାୱନ ଗୁରୁଗ୍ରାମରେ ଏକ ବିଶାଳ ଆପାର୍ଟମେଣ୍ଟ କ୍ରୟ କରିଛନ୍ତି । ରିଅଲ୍ ଇଷ୍ଟେଟ୍ ଡାଟା ଆନାଲାଟିକ୍ ଫାର୍ମ 'କ୍ରେ ମାଟ୍ରିକ୍ସ' ରିପୋର୍ଟ ମୁତାବକ ୬,୦୪୦ ସ୍କୋୟର ଫୁଟ୍‌ର ଏହି ଆପାର୍ଟମେଣ୍ଟର ମୂଲ୍ୟ ୬୯ କୋଟି ଟଙ୍କା ହେବ । ସମ୍ପତିର ମୂଲ୍ୟ ୬୫.୬୧ କୋଟି ହୋଇଥିବାବେଳେ ଷ୍ଟାମ୍ପ ଡ୍ୟୁଟି ବାବଦକୁ ୩.୨୮ କୋଟି ଟଙ୍କା ଦେବାକୁ ପଡ଼ିଛି ।

## ରୀନା ଓ ବାଲମତି ଏଆଇଏଫ୍ଏଫ୍ ରେଫରୀ

କଟକ,୨୦।୫(ସମିସ): ୯ ବର୍ଷ ବ୍ୟବଧାନ ପରେ ରାଜ୍ୟ ଫୁଟବଲର ଦୁଇ ଜଣ ମହିଳା ଜାତୀୟ ରେଫରୀ କାର୍ଯ୍ୟକ୍ରମରେ ଅବତୀର୍ଣ୍ଣ ହୋଇଥିଲେ । ପ୍ରାକ୍ଟିକାଲ, ଭାଇଭା, ଥିଓରୀ ଏବଂ ଫିଜିକାଲ ଫିଟନେସ୍ ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରି ଉଭୟ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି । ଏଆଇଏଫଏଫ ରେଫରୀ ଭାବେ ଯୋଗ୍ୟତା ହାସଲ କରିଥିବା ଏହି ଦୁଇଜଣ ହେଲେ ରୀନା ତିର୍କୀ ଏବଂ ବାଲମତି ଓରାମ । ଉଭୟଙ୍କ ଘର ସୁନ୍ଦରଗଡ଼ ଜିଲ୍ଲାରେ । ଗତ ମାର୍ଚ୍ଚ ୨୨ରୁ ୨୪ ପର୍ଯ୍ୟନ୍ତ ଗ୍ୱାଲିୟରରେ ଫିଜିକାଲ ଫିଟନେସ ଏବଂ ଥିଓରୀ ପରୀକ୍ଷା ହୋଇଥିଲା । ପରେ ମେ ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ବିହାରରେ ପ୍ରାକ୍ଟିକାଲ ଏବଂ ଭାଇଭା ପରୀକ୍ଷା କରାଯାଇଥିଲା । ଏହି ଅବସରରେ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମସ୍ତ କର୍ମକର୍ତ୍ତା ଉଭୟ ଏଆଇଏଫଏଫ ରେଫରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।





## ଜାନୁଆରୀ ୫ରୁ ହକି ଇଣ୍ଡିଆ ଲିଗ୍

ନୂଆଦିଲ୍ଲୀ,୨୦।୫(ଏଜେନ୍ସି): ହକି ଇଣ୍ଡିଆ ଲିଗ୍‌ର ଆଗାମୀ ୨୦୨୬ ସଂସ୍କରଣ ଜାନୁଆରୀ ୫ ତାରିଖରୁ ଆରମ୍ଭ ହେବ । ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଳାନାଥ ସିଂ ମଙ୍ଗଳବାର ଏ ନେଇ ସୂଚନା ଦେଇଛନ୍ତି । ଦୀର୍ଘ ୭ ବର୍ଷ ଏଚ୍‌ଆଇଏଲ୍ ଆୟୋଜନ ବନ୍ଦ ରହିବା ପରେ ଗତବର୍ଷ ପୁଣିଥରେ ଆରମ୍ଭ ହୋଇଥିଲା । ପୂର୍ବପରି ପୁରୁଷ ଏଚ୍‌ଆଇଏଲ୍ ୮ଟି ଦଳକୁ ନେଇ ଆୟୋଜନ ହେବ । କିନ୍ତୁ ମହିଳା ଏଚ୍‌ଆଇଏଲ୍‌ରେ ଏଥର ୬ଟି ଦଳ ଅଂଶଗ୍ରହଣ କରିବେ । ଗତବର୍ଷ ମହିଳା ଏଚ୍‌ଆଇଏଲ୍‌ରେ ୪ଟି ଦଳ ଭାଗ ନେଇଥିଲେ ।

## ଏସୀୟ ଜୁ ଜିତଷୁରେ ଭାଗ ନେବେ ୪ ଓଡ଼ିଆ

ଭୁବନେଶ୍ୱର,୨୦।୫(ସମିସ): ମଧ୍ୟପ୍ରାଚ୍ୟ ଦେଶ ଜୋର୍ଡାନରେ ଆସନ୍ତା ୨୩ରୁ ୨୫ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ୯ମ ଏସୀୟ ବରିଷ୍ଠ ଜି ଜିତଷୁ ପ୍ରତିଯୋଗିତାରେ ତାରକା ମହିଳା ଖେଳାଳି ଅନୁପମା ସ୍ୱାଇଁଙ୍କ ସମେତ ମୋଟ୍ ୪ ଜଣ ଓଡ଼ିଆ ପ୍ରତିଯୋଗୀ ଅଂଶଗ୍ରହଣ କରିବେ । ଓଡ଼ିଶା ଜୁ ଜିତଷୁ ସଂଘ ତରଫରୁ ପ୍ରତିନିଧିତ୍ୱ କରି ଏହି ଖେଳାଳିମାନେ ଗତ ବରିଷ୍ଠ ଜାତୀୟ ପ୍ରତିଯୋଗିତାରେ ପଦକ ହାସଲକରି ଜାତୀୟ ଦଳରେ ସ୍ଥାନ ପାଇଛନ୍ତି । ଗତ ୪ଟି ଏସୀୟ ଜୁ ଜିତଷୁ ପ୍ରତିଯୋଗତାରେ କ୍ରମାଗତ ଭାବେ ପଦକ ହାସଲ କରିଥିବା ତଥା ଗତ ଏସୀୟ କ୍ରୀଡ଼ାରେ ଭାଗ ନେଇଥିବା ଦେଶର ୧ ନଂ ଜୁ ଜିତଷୁ ଖେଳାଳି ଅନୁପମା ସ୍ୱାଇଁ ମହିଳା ୫୨ କେଜି ନି- ୱାଜା, କଣ୍ଟାକ୍ଟ ଓ ଫାଇଟ୍‌ରେ ଭାଗ ନେବେ । ସେହିପରି ସ୍ୱରାଜ ଜାନୀ ନି- ୱାଜ ଓ କଣ୍ଟାକ୍ଟରେ, ଦେବାଶିଷ ସାମନ୍ତରାୟ ନି- ୱାଜା ଓ କଣ୍ଟାକ୍ଟ ଏବଂ ସନ୍ତୋଷ ସିଂ ନି- ୱାଜା ଓ ଫାଇଟିଂ ବିଭାଗରେ ଭାଗ ନେବେ । ଖେଳାଳିମାନେ ଜୋର୍ଡାନ ଅଭିମୁଖେ ଯାତ୍ରା କରିଛନ୍ତି ।




**୧୯ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

## ଦିବ୍ୟଜ୍ୟୋତି ଓ ସ୍ୱୟଂମ୍ଭୁଙ୍କ ଶତକ

କଟକ,୨୦।୫(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଦୁଇଟି ଶତକୀୟ ପାଳି ଦେଖିବାକୁ ମିଳିଥିଲା । ଭଦ୍ରକର ସ୍ୱୟଂମ୍ଭୁ ପଲାଇ ଏବଂ ନୟାଗଡ଼ର ଦିବ୍ୟଜ୍ୟୋତି ପଟ୍ଟନାୟକ ଶତକ ସଂଗ୍ରହ କରିଛନ୍ତି । ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ରାୟଗଡ଼ା ବିପକ୍ଷ ମ୍ୟାଚ୍‌ରେ ଭଦ୍ରକ ୮ ୱିକେଟ ବିନିମୟରେ ୩୪୪ ରନ କରିଥିଲା । ସ୍ୱୟମ୍ଭୁ ୧୦୯ ବଲରୁ ୧୪୧ ରନ କରିଥିଲେ । ଅମିତାଂଶୁ ମଲ୍ଲିକ ୨୮ବଲରୁ ଦ୍ରୁତ ୪୫ରନ କରିଥିଲେ । ରାୟଗଡାର ହରିଶ ବାଗ ଏବଂ ପୂର୍ଣ୍ଣ ଭାସ୍କର ୩ଟି ଲେଖାଏ ୱିକେଟ ହାସଲ କରିଥିଲେ । ତେବେ ୩୪୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ରାୟଗଡ଼ା ମାତ୍ର ୯୭ ରନରେ ଅଲଆଉଟ ହେବା ସହ ବୃହତ୍ ବ୍ୟବଧାନରେ ପରାଜୟ ବରଣ କରିଥିଲା । ଭଦ୍ରକର ଆଶିଷ ମହାପାତ୍ର ଏବଂ ଅମିତାଂଶୁ ମଲ୍ଲିକ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ । ଶତକୀୟ ପାଳି ଖେଳିଥିବା ସ୍ୱୟଂମ୍ଭୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।

ଡ୍ରିମସ କ୍ରିକେଟ ଷ୍ଟାଡିୟମରେ ନୟାଗଡ଼ ଏବଂ ନବରଙ୍ଗପୁର ଦଳ ମୁହାଁମୁହିଁ ହୋଇଥିଲେ । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନୟାଗଡ ୧୭୦ ରନରେ ଅଲଆଉଟ ହୋଇଥିଲା । ଦଳର ଲଗାତର ୱିକେଟ ପତନ ସତ୍ତ୍ୱେ ଦିବ୍ୟଜ୍ୟୋତି ପଟ୍ଟନାୟକ ୧୧୧ ରନର ସଂଘର୍ଷପୂର୍ଣ୍ଣ ଶତକୀୟ ପାଳି ଖେଳିଥିଲେ । ନବରଙ୍ଗପୁରର ଶୁଭମ ନାୟକ ଏବଂ ଦିଲ୍ଲୀପ ବିଶୋୟୀ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ । ଜବାବରେ ନବରଙ୍ଗପୁର ୧୦୪ ରନରେ ଅଲଆଉଟ ହୋଇଥିବା ବେଳେ ଦିବ୍ୟଜ୍ୟୋତି ୩ଟି ୱିକେଟ ହାସଲ କରି ମ୍ୟାଚ୍ ବିଜୟୀ ଅଲରାଉଣ୍ଡ ପ୍ରଦର୍ଶନ ନିମନ୍ତେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଆଜି ଅଡ଼ଶପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୧୮୭ ରନରେ ବୌଦ୍ଧକୁ ପରାସ୍ତ କରିଛି । ୩ରନ ବିନିମୟରେ ୪ଟି ୱିକେଟ ଅକ୍ତିଆର କରିଥିବା ଭୁବନେଶ୍ୱର ଦଳର ଶୁଭକାନ୍ତ ପରିଡ଼ା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଅନ୍ୟ ମ୍ୟାଚ୍ ଗୁଡିକରେ ସମ୍ବଲପୁର-ବି ୫ ୱିକେଟରେ ଯାଜପୁରକୁ, ଝାରସୁଗୁଡା ୬ ୱିକେଟରେ ସୋନପୁରକୁ, ଖୋର୍ଦ୍ଧା ୧୨୪ରନରେ କିଟ୍‌କୁ ହରାଇଛି ।





## ଓଡ଼ିଶା ଏଫ୍‌ସି- କ୍ରୀଡ଼ା ବିଭାଗ ମଧ୍ୟରେ ଅଚଳାବସ୍ଥା ଜାରି

ଭୁବନେଶ୍ୱର,୨୦।୫(ସମିସ)

କ୍ରୀଡ଼ା ଓ ଯୁବସେବା ବିଭାଗ ଓ ରାଜ୍ୟର ଏକମାତ୍ର ପେସାଦାର ଫୁଟବଲ କ୍ଲବ ଓଡ଼ିଶା ଏଫ୍‌ସି ମଧ୍ୟରେ ସୃଷ୍ଟି ହୋଇଥିବା ଅଘୋଷିତ ଶୀତଳ ଯୁଦ୍ଧ ଏବେ ପଦାରେ ପଡିଛି । ରାଜ୍ୟ ଫୁଟବଲ ତଥା କ୍ରୀଡ଼ା ପ୍ରଶଂସକଙ୍କ ମଧ୍ୟରେ ଓଡ଼ିଶା ଏଫ୍‌ସିର ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ ପାଇଛି । ସରକାରଙ୍କ କ୍ରୀଡ଼ା ବିଭାଗ ଓ କ୍ଲବ୍ ମଧ୍ୟରେ 'ଅଲ ଇଜ୍ ନଟ୍ ୱେଲ' ଅର୍ଥାତ ସବୁକିଛି ଠିକ୍‌ଠାକ ଚାଲିନାହିଁ ଏକଥା ଫୁଟବଲର ସବୁ ଅଂଶଧାରକ ଏବେ ହୃଦୟଙ୍ଗମ କଲେଣି । ରାଜ୍ୟ ଫୁଟବଲର ବୃହତ୍ତର ସ୍ୱାର୍ଥ ପାଇଁ ଏହି ଭୁଲ୍ ବୁଝାମଣା ଓ ଅଚଳାବସ୍ଥା ଦୂର ହେବାର ଆବଶ୍ୟକତା ରହିଛି । କିନ୍ତୁ ଦୁଇପକ୍ଷ ମଧ୍ୟରେ ସୃଷ୍ଟି ହୋଇଥିବା ବିରୋଧାଭାସ ସ୍ଥିତିକୁ ଆହୁରି ଜଟିଳ କରିଛି । ସମସ୍ୟାର ସମାଧାନ ପାଇଁ ଆଲୋଚନା ଚାଲିଛି ବୋଲି କ୍ଲବ ତରଫରୁ କୁହାଯାଇଛି । କିନ୍ତୁ ସମାଧାନ ପାଇଁ କ୍ଲବ ଆଲୋଚନାକୁ ଆସୁନାହିଁ । ବରଂ କ୍ଲବ ବାହାରେ ଅମୂଳକ ଅଭିଯୋଗ ଆଣୁଛି ବୋଲି କ୍ରୀଡ଼ା ବିଭାଗ ତରଫରୁ କୁହାଯାଇଛି । ତେଣୁ ରାଜ୍ୟରେ ଫୁଟବଲର ବିକାଶ ପାଇଁ ଗତ ବିଜେଡି ସରକାର ୨୦୧୯ରେ ଦିଲ୍ଲୀ ଡାଇନାମୋସ ଦଳକୁ ଓଡ଼ିଶାର ଏଫ୍‌ସିର ନାମ ଦେଇ ଯେଉଁ ଅଭିଯାନ ଆରମ୍ଭ କରିଥିଲେ, ଏବେ ତାହା ଅନିଶ୍ଚିତତା ଆଡକୁ ଗତି କରୁଛି ।

### ● ଚର୍ଚ୍ଚା ସୃଷ୍ଟି କରିଥିଲା ରୋହନଙ୍କ ପୋଷ୍ଟ

ସର୍ବଭାରତୀୟ ଫୁଟବଲ ଫେଡେରେସନର କ୍ଲବ ଲାଇସେନ୍ସିଂ କମିଟି ଶନିବାର ଓଡ଼ିଶା ଏଫ୍‌ସିର ଲାଇସେନ୍ସ ରଦ୍ଦ କରିବା ଓ ଓଡ଼ିଶା ଏଫ୍‌ସି ମାଲିକ ରୋହନ ଶର୍ମା ସାମାଜିକ ଗଣମାଧ୍ୟମ ଏକ୍ସ'ରେ ନିଜର ଅସନ୍ତୋଷ ଖୋଲାଖୋଲି ଭାବେ ଜାହିର କରିବା ପରେ ଖବର ଲୋକଲୋଚନକୁ ଆସିଥିଲା । ରୋହନ କ୍ରୀଡ଼ା ବିଭାଗର ଆଭିମୁଖ୍ୟକୁ ନେଇ କଡ଼ା ସମାଲୋଚନା କରିଥିଲେ ଓ ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ ମଧ୍ୟ କ୍ରୀଡ଼ାବିଭାଗ ମଧ୍ୟ ଆନୁଷ୍ଠାନିକ ଭାବେ ଏ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ନ ଥିଲା । ଫଳରେ ଦୁଇ ପକ୍ଷ ମଧ୍ୟରେ ସମ୍ପର୍କ ଚରମସୀମାରେ ପହଞ୍ଚିଛି ବୋଲି ଆଶଙ୍କା ପ୍ରକାଶ ପାଇଥିଲା ।

### ● ଆଭିମୁଖ୍ୟ ସ୍ପଷ୍ଟ କରୁ କ୍ରୀଡ଼ା ବିଭାଗ

ମିଳିଥିବା ସୂଚନା ଅନୁଯାୟୀ ଖେଳାଳିଙ୍କ ଜର୍ସିରେ ଓଡ଼ିଶା ଲେଖାକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି ବୋଲି କୁହାଯାଉଛି । ପୁରୁଣା ବୁଝାମଣାକୁ କ୍ଲବ ଆଗକୁ ବଢ଼ାଇବାକୁ ଚାହୁଁନାହିଁ । ଅର୍ଥାତ୍ ଜର୍ସିର ଆଗପଟେ ବା ଖେଳାଳିଙ୍କ ଛାତିରେ ଓଡ଼ିଶା ଲେଖାକୁ କ୍ଲବ ବଜାୟ ରଖିବାକୁ ଚାହୁଁନାହିଁ । ଏହା ଜର୍ସିର ପଛପଟେ ରହିବାକୁ କ୍ଲବ ତରଫରୁ କୁହାଯାଇଛି । କିନ୍ତୁ କ୍ରୀଡ଼ା ବିଭାଗ ଏହାକୁ ଗ୍ରହଣ କରିବାକୁ ନାରାଜ ବୋଲି ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି । ଏ ସଂକ୍ରାନ୍ତରେ କ୍ରୀଡ଼ା ବିଭାଗ ଖୋଲାଖୋଲି ଭାବେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି । ଏବେ ଆଗକୁ କ'ଣ ହେବ ତାହା ଦେଖିବାକୁ ବାକି ରହିଲା ।

### ● କାହିଁକି କଟିଲା ଲାଇସେନ୍ସ

ଏଆଇଏଫ୍ଏଫ୍ ଦ୍ୱାରା ଓଡ଼ିଶା ଏଫ୍‌ସିର ଲାଇସେନ୍ସ କଟିବା ନିହାତି ଦୁର୍ଭାଗ୍ୟଜନକ ବୋଲି କୁହାଯାଇପାରେ । ଏ ଓ ବି ମାନଦଣ୍ଡକୁ ବଜାୟ ରଖିବାରେ ବିଫଳ ହେବା କାରଣରୁ ଓଡ଼ିଶା ଏଫ୍‌ସିର ମାନ୍ୟତାକୁ କାଟି ଦିଆଯାଇଛି ବୋଲି ଏଆଇଏଫ୍ଏଫ୍ ତରଫରୁ କୁହାଯାଇଛି । ବିଭିନ୍ନ ବୟସ ବର୍ଗ ଓ ଯୁବ ବିଭାଗର ମୁଖ୍ୟ ଉପଲବ୍ଧତାକୁ ନେଇ ଓଡ଼ିଶା ଏଫ୍‌ସି ବିଫଳ ହେବା କାରଣରୁ ଏଆଇଏଫ୍ଏଫ୍ ଏହି ନିଷ୍ପତ୍ତି ନେଇଛି ବୋଲି କୁହାଯାଇଛି । ୨୦୧୯ ଅଗଷ୍ଟ ୩୧ରେ ଓଡ଼ିଶା ଏଫ୍‌ସି ସୃଷ୍ଟି ହୋଇଥିଲା । ଦିଲ୍ଲୀ ଡାଇନାମୋସ ଦଳ ଓଡ଼ିଶା ଏଫ୍‌ସିକୁ ରୂପାନ୍ତରିତ ହୋଇଥିଲା ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS